



# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 254 | ଭାଗ ୩୨ | ସଂଖ୍ୟା୨୫୪ | Bhubaneswar | Sunday 8 December 2024 | Page 8 Rs. 4.00 | ଭୁବନେଶ୍ୱର ରବିବାର ୮ ଡିସେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


ଡବଲ ଇଞ୍ଜିନ ସରକାରରେ ବିକାଶର ଗତି ଡବଲ

## ମାଟି ମା'ର ଋଣ ଶୁଝୁଛନ୍ତି ମହାମହିମ



- ଆଦିବାସୀ ଅଞ୍ଚଳରେ ବିକାଶର ନୂଆ ସ୍ରୋତ
- ରାଷ୍ଟ୍ରପତି ଦେଶର ମହିଳାଙ୍କ ପାଇଁ ପ୍ରେରଣା
- ରେଳ ଭିତ୍ତିଭୂମି ବିକାଶରେ ଓଡ଼ିଶା ପାଇଁ ସୁବର୍ଣ୍ଣ ଯୁଗ

**ଭୁବନେଶ୍ୱର/ ବାରିପଦା, ୭।୧୨(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲାବାସୀଙ୍କ ଦୀର୍ଘ ବର୍ଷର ସ୍ୱପ୍ନ ପୂରଣ କରିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଗସ୍ତର ଶେଷ ଦିନରେ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜନ୍ମମାଟି ରାଇରଙ୍ଗପୁରକୁ ୩ ରେଳ ପ୍ରକଳ୍ପ ଭେଟି ଦେଇଛନ୍ତି। ରାଷ୍ଟ୍ରପତି ଶିଳାନ୍ୟାସ କରିଥିବା ପ୍ରକଳ୍ପଗୁଡ଼ିକ ହେଲା ବାଙ୍ଗିରିପୋଷି-ଗୋରୁମହିଷାଣି, ବୁଡାମରା-ଚାକୁଳିଆ ଓ ବାଦାମପାହାଡ-କେନ୍ଦୁଝର ରେଳ ସଂଯୋଗୀକରଣ। ମୋଟ ୬,୨୯୪ କୋଟି ଟଙ୍କା ବିନିମୟରେ ଏହି ତିନି ରେଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ। ଏହା ସହ ରାଷ୍ଟ୍ରପତି ଉକ୍ତ କାର୍ଯ୍ୟକ୍ରମ ମଞ୍ଚରୁ ଭିଡିଓ କନଫରେନ୍ସିଂରେ ରାଇରଙ୍ଗପୁରରେ ଟ୍ରାଇବାଲ ରିସର୍ଚ୍ଚ ସେଣ୍ଟର, ବିମାନ ବନ୍ଦରର ଉନ୍ନତୀକରଣ,ଏବଂ ଉପଖଣ୍ଡ ଚିକିତ୍ସାଳୟକୁ ସୁପର-ସ୍ପେଶାଲିଟି ହସ୍ପିଟାଲ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ରାଷ୍ଟ୍ରପତି କହିଛନ୍ତି, କେନ୍ଦ୍ର ସରକାରଙ୍କର ପୂର୍ବୋଦୟ ପରିକଳ୍ପନାର ସୁଫଳ ଏବେ ଓଡ଼ିଶାକୁ ମିଳୁଛି। ଜନଜାତିର ସୁବିଧା ପାଇଁ କେନ୍ଦ୍ର ସରକାର ଅନେକ ଯୋଜନା ଆଣିଛନ୍ତି। ୯୦ରୁ ଅଧିକ ବନଜାତ ଦ୍ରବ୍ୟ ପାଇଁ ଏମଏସପି ବ୍ୟବସ୍ଥା ହୋଇଛି। କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ଆମ ମାଟିର ଝିଅ ଦେଶର ରାଷ୍ଟ୍ରପତି, ଦେଶର ପ୍ରଥମ ନାଗରିକ। ରାଷ୍ଟ୍ରପତି ଭାବରେ ଶ୍ରୀମତୀ ମୁର୍ମୁ ସାରା ଦେଶକୁ ଶାନ୍ତି ଓ ବିକାଶର ବାର୍ତ୍ତା ଦେଇ ➩ପୃଷ୍ଠା-୬

# ମିଛ ବିକାଶର ରଙ୍ଗୀନ ଚିତ୍ର

## ମରଣଯନ୍ତା ଥିଲା ସରକାରୀ ଡାକ୍ତରଖାନା

- ଭିତ୍ତିଭୂମୀ ସହ ଡାକ୍ତର, ନର୍ସ ଅଭାବ
- ବେଡ୍ ନଥିବାରୁ ଡାକ୍ତରଖାନାରୁ ଫେରୁଛନ୍ତି ରୋଗୀ



**ଭୁବନେଶ୍ୱର,୭।୧୨ (ସଂଚାର ବ୍ୟୁରୋ):** ରାଜ୍ୟରେ ସ୍ୱାସ୍ଥ୍ୟସେବାର ବିକାଶକୁ ନେଇ ଗତ ୨୪ ବର୍ଷ ହେଲା ବିଜେଡି ସରକାର ଦେଖାଇଥିବା ରଙ୍ଗୀନ ଚିତ୍ରକୁ ମିଛ ବୋଲି ପ୍ରମାଣିତ କରିଛନ୍ତି ସିଏଜି। ଖୋଦ ନୀତି ଆୟୋଗଙ୍କ ସ୍ୱାସ୍ଥ୍ୟ ସୂଚକାଙ୍କ ରିପୋର୍ଟ ୨୦୧୯ ଅନୁଯାୟୀ ଦେଶର ୨୧ ବୃହତ ରାଜ୍ୟ ମଧ୍ୟରେ ଓଡ଼ିଶାର ସ୍ଥାନ ଥିଲା ୧୯ ନମ୍ବରରେ। ଡାକ୍ତର ଓ ନର୍ସଙ୍କ ଅଭାବ ସାଙ୍ଗକୁ ନବଜାତକ ମୃତ୍ୟୁହାର, ଶିଶୁ ମୃତ୍ୟୁ ହାର, ମାତୃ ମୃତ୍ୟୁ ହାର ସବୁ କ୍ଷେତ୍ରରେ ଜାତୀୟ ହାର ଠାରୁ ଓଡ଼ିଶା ଉପରେ ରହିଥିଲା।

ରାଜ୍ୟର ସବୁ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ପାଇଁ ନଥିଲେ ଆବଶ୍ୟକ ଡାକ୍ତର ଓ ନର୍ସ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମନଦଣ୍ଡ ଅନୁଯାୟୀ ପ୍ରତି ହଜାରେ ଜନସଂଖ୍ୟା ପାଇଁ ଜଣେ ଡାକ୍ତର ରହିବା କଥା। ହେଲେ ଓଡିଶାରେ ପ୍ରତି ୧୬୨୨ଜଣଙ୍କ ପାଇଁ ଥିଲେ ଜଣ ଡାକ୍ତର। ସେହିପରି ପ୍ରତି ୩୦୦ଜଣ ରୋଗୀଙ୍କ ପାଇଁ ଜଣେ ଷ୍ଟାଫ ନର୍ସଙ୍କ ପରିବର୍ତ୍ତେ ୩୮୨୯ଜଣ ରୋଗୀଙ୍କ ପାଇଁ ଥିଲେ ଜଣେ ଷ୍ଟାଫ ନର୍ସ।

ରାଜ୍ୟରେ ୯୧ହଜାର ୩୯୨ ଡାକ୍ତରଖାନା ଶଯ୍ୟା ଆବଶ୍ୟକ ଥିବା ବେଳେ ସାଢେ ଚାରି କୋଟି ଲୋକଙ୍କ ପାଇଁ ମାତ୍ର ୩୨ ହଜାର ୭୬୭ ଅର୍ଥାତ ୬୪ ପ୍ରତିଶତ କମ ଶଯ୍ୟା ଉପଲବ୍ଧ ଥିଲା। ଯାହାଦ୍ୱାରା ବହୁ ସଂଖ୍ୟାରେ ରୋଗୀ ଡାକ୍ତରଖାନାରେ ଆଡମିଟ ହୋଇନପାରି ଫେରିଯାଉଥିଲେ ଏବଂ ଅସ୍ତ୍ରୋପଚାର ବାତିଲ ହେଉଥିଲା। ମଂଜୁରୀପ୍ରାପ୍ତ ପଦବୀ ତୁଳନାରେ ରାଜ୍ୟରେ ୪୯ ପ୍ରତିଶତ ବିଶେଷଜ୍ଞ ଡାକ୍ତର ପଦବୀ, ୪୦ ପ୍ରତିଶତ ମେଡିକାଲ ଅଫିସର ଓ ୩୦ ପ୍ରତିଶତ ଷ୍ଟାଫ ନର୍ସ ପଦବୀ ଖାଲି ପଡିଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଗୁଡିକରେ ନିଦାନ ସେବା ମଧ୍ୟ ➩ପୃଷ୍ଠା-୬



## ମହାନଗରବାସୀ ପିଉଥିଲେ ବିଷାକ୍ତ ପାଣି

### ସ୍ୱେରେଜ୍ ପରିଚାଳନାରେ ୩,୦୪୫ କୋଟି ବରବାଦ୍



ଗୃହରେ ସିଏଜି ରିପୋର୍ଟ ଉପସ୍ଥାପିତ ହୋଇଛି। ମହାନଗର ସ୍ୱେରେଜ୍ ପରିଚାଳନାରେ ତ୍ରୁଟି ଧରିଛନ୍ତି ସିଏଜି। ସ୍ୱେରେଜ୍ ପରିଚାଳନାରେ ୩ ହଜାର ୪୫ କୋଟିର ଟଙ୍କା ଅପଚୟ ହୋଇଛି। ଡିପିଆର ପ୍ରସ୍ତୁତିରେ ତ୍ରୁଟି ପାଇଁ ଅପଚୟ ହୋଇଛି ବୋଲି ସି ଏ ଜି ରିପୋର୍ଟରେ ଦର୍ଶାଇଛନ୍ତି। ବର୍ଷା ଜଳ, ସ୍ୱେରେଜ୍ ପରିଚାଳନା ବାବଦକୁ ଖର୍ଚ୍ଚ କମ୍ ହୋଇଛି। କନ୍‌ସଲଟାନ୍ସି ସେବା ପାଇଁ ଜିଏସ୍‌ଟି ଛାଡ଼ ଯୋଗୁଁ କ୍ଷତି ହୋଇଛି। ୩୦ କୋଟି ଟଙ୍କା ଅଧିକ କ୍ଷତି ହୋଇଛି। ୩୩୩ କୋଟି କେନ୍ଦ୍ରୀୟ ସହାୟତା ହରାଇଛନ୍ତି ସରକାର। ବାର୍ଷିକ ବିବରଣୀ ପ୍ରସ୍ତୁତି ନ ହେବାରୁ ଫେରିଛି ଟଙ୍କା। କଟକ ଡ୍ରେନେଜ୍ କାମ ବିଳମ୍ବ ପାଇଁ ୨୪୯ ଅଧିକ ବ୍ୟୟ ହୋଇଛି। ସ୍ୱେରେଜ୍ ବର୍ଜ୍ୟବସ୍ତୁ ପରିଚାଳନରେ ମହାନଗର ନିଗମ ବିଫଳ ହୋଇଛି। ୫ ମହାନଗରରେ ଦୈନିକ ଉତ୍ପନ୍ନ ହେଉଛି ୫୫୮ ମେଗା ଲିଟର (ଏମ୍‌ଏଲ୍‌ଡି) ବର୍ଜ୍ୟବସ୍ତୁ। ଏଥିରୁ ସ୍ୱରେଜ୍ ପ୍ରଣାଳିରେ ସଂଗ୍ରହ ମାତ୍ର ୫୨ ଏମ୍‌ଏଲ୍‌ଡି। ଅବଶିଷ୍ଟ ୫୦୫ ଏମ୍‌ଏଲ୍‌ଡି ଜଳାଶୟକୁ ଛଡ଼ାଯାଉଛି।ଭୁବନେଶ୍ୱର ସ୍ୱେରେଜ୍ କାମରେ ଅଧିକ ଖର୍ଚ୍ଚ ହୋଇଛି। କାମ ବିଳମ୍ବ ପାଇଁ ୫୫୦ କୋଟି ଅଧିକ ଖର୍ଚ୍ଚ ହୋଇଛି। ୧୨୩୯ କୋଟିର ପରିବେଶ କ୍ଷତିପୂରଣ ଆଦାୟ ହୋଇନି ବୋଲି ରିପୋର୍ଟରେ ଦର୍ଶାଯାଇଛି।

# କ୍ରୀତଦାସକୁ ସଫା କରିଦେବେ ଅରୁଣ, ପ୍ରମିଳା!

**ଭୁବନେଶ୍ୱର, ୭।୧୨ (ସଂଚାର ବ୍ୟୁରୋ):** ଆସିଷ୍ଟାଣ୍ଟ ସେକସନ ଅଫିସର ବା ଏଏସ୍‌ଓ ପରୀକ୍ଷାରେ ହୋଇଥିବା ଅନିୟମିତା ଠାରୁ ଆରମ୍ଭ କରି ସରକାରୀ ଚାକିରିରେ ହୋଇଥିବା ନୋଟ-ଫର-ନୌକରୀ ଘୋଟାଲାରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ବିଜେଡିର ସବୁ ଗୁମର ଖୋଲିଦେଇଥିଲେ। ଆଉ ବିଜେଡିର କିଛି ନେତାଙ୍କୁ ଏଇ ମୌକାରେ କ୍ରୀତଦାସ ଓରଫ ପ୍ରଣବ ପ୍ରକାଶ ଦାସଙ୍କୁ ସଫା କରିବାକୁ ମୌକା ମିଳିଯାଇଛି। ବୋଧହୁଏ ସେଇଥି ପାଇଁ ଅରୁଣ ସାହୁ ଓ ପ୍ରମିଳା ମଲ୍ଲିକ ଟିକେ ଅଧିକ ଆକ୍ରମଣାତ୍ମକ ହୋଇ ସରକାରଙ୍କୁ ଟାର୍ଗେଟ କରୁଛନ୍ତି। ସେମାନଙ୍କ ଏହି ଆକ୍ରମଣର ଉଦ୍ଦେଶ୍ୟ କିନ୍ତୁ ଭିନ୍ନ ବୋଲି ବିଜେପି ମହଲରେ ଚର୍ଚ୍ଚା ହେଉଛି। ଏଏସ୍‌ଓ ପରୀକ୍ଷା ଦୁର୍ନୀତିରେ କାହାର ହାତ ଥିଲା, କେଉଁ ଶିକ୍ଷାନୁଷ୍ଠାନ ଜରିଆରେ କାରବାର ହୋଇଥିଲା, ସେହି ଅନୁଷ୍ଠାନରେ କାହାର ପଇସା ଲାଗିଛି ସେସବୁ ପରୀକ୍ଷାର୍ଥୀଙ୍କ ଠାରୁ ଆରମ୍ଭ କରି ସରକାରଙ୍କ ପର୍ଯ୍ୟନ୍ତ ସମସ୍ତେ ଜାଣନ୍ତି। ଛଅ ମାସ ପୂର୍ବରୁ ବିଜେଡି ସରକାର ଥିବାରୁ ଏଥିରେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନ ଓ ଏହାର କାର୍ପେଟଦାରଙ୍କୁ ସୁରକ୍ଷା ମିଳୁଥିଲା। ଏବେ କିନ୍ତୁ ପରିସ୍ଥିତି ବଦଳି ଯାଇଛି। ମୁଖ୍ୟମନ୍ତ୍ରୀ ସବୁ ତଥ୍ୟ ପ୍ରମାଣ ପାଇବା ପରେ ବିଧାନସଭାରେ ପୂର୍ବ ସରକାରଙ୍କ ନୋଟ୍-ଫର-ନୌକରୀ ଜାଲିଆତିକୁ ନିଶାଣା କରିଥିଲେ। ବିଜେପି ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଏହି ଜାଲିଆତିରେ ଯେଉଁ ଶିକ୍ଷାନୁଷ୍ଠାନର ହାତ ଥିଲା ତାର ମାଲିକ ବିଜେଡିର ଜଣେ ଆଗଚଲା ଯୁବନେତା। ଏଥିରେ ପୁଣି କ୍ରୀତଦାସଙ୍କ କଳା ଟଙ୍କା ଲାଗିଥିବା ଚର୍ଚ୍ଚା ହେଉଛି। ତେଣୁ ଅରୁଣ ଓ ପ୍ରମିଳା କ୍ରୀତଦାସଙ୍କ ଉପରେ ଥିବା ତାଙ୍କ ପୁରୁଣା ରାଗ ଶୁଝାଇବାକୁ ସରକାରଙ୍କୁ ଆକ୍ରମଣ କରୁଛନ୍ତି। ମୁଖ୍ୟମନ୍ତ୍ରୀ ମଧ୍ୟ ନିଜର ସତ୍ୟତା ପ୍ରମାଣିତ କରିବାକୁ କାର୍ଯ୍ୟାନୁଷ୍ଠାନ ନେଲେ କ୍ରୀତଦାସ ଫସିବେ ଏହି ଟାର୍ଗେଟରେ ଅଛନ୍ତି ବିଜେଡିର ଏହି ଦୁଇ ନେତା। ଉଭୟ ବିଜେପି ଓ ବିଜେଡି ନେତାଙ୍କ ଭିତରେ ଏଭଳି ଆଲୋଚନା ହେଉଛି।

### ରୂପାନ୍ତରଣ | ରତ୍ନାକରରୁ ବାଲ୍ମୀକି



ବିଜେଡି ବିଧାୟକ ଅରୁଣ ସାହୁଙ୍କ ସ୍ମରଣଶକ୍ତି ଟିକେ ଦୁର୍ବଳ ହୋଇଯାଇଥିଲା ଭଳି ଲାଗୁଛି। ବୋଧହୁଏ ଗତ ସରକାରରେ ବିଧାନସଭା କେମିତି ଚାଲୁଥିଲା ଆଉ ତାଙ୍କ ନିଜର ଆଭିମୁଖ୍ୟ କଣ ଥିଲା, ସେକଥା ବୋଧହୁଏ ସେ ପାଶୋରୀ ଯାଇଛନ୍ତି। ନହେଲେ ଗୃହ ପରିଚାଳନା ଓ ଗୃହ ପ୍ରତି ମୁଖ୍ୟମନ୍ତ୍ରୀଙ୍କ ଆଭିମୁଖ୍ୟକୁ ନେଇ ଏଭଳି ପ୍ରଶ୍ନ ଉଠାନ୍ତେ ନାହିଁ। ବିଜେଡିର କିଛି ଯୁବ ନେତାଙ୍କ ଭିତରେ ଏବେ ଏମିତି ଚର୍ଚ୍ଚା ଚାଲିଛି। ଦଳୀୟ ଶୃଙ୍ଖଳା ଦୃଷ୍ଟିରୁ କେହି ଆନୁଷ୍ଠାନିକ ଭାବେ ମୁହଁ ଖୋଲିବାକୁ ସାହସ କରିପାରୁନାହାଁନ୍ତି। ହେଲେ ଟାହିଟାପରା କରୁଛନ୍ତି, ତିନି ବର୍ଷ ପୂର୍ବେ ପରୀ, ମାଧବୀଲତା, ପିହୁ କି ମମିତା ମୃତ୍ୟୁ ଘଟଣାରେ କାହିଁକି ଅରୁଣ ଏମିତି ସ୍ପଷ୍ଟବାଦୀ ହେଉନଥିଲେ? କାହିଁକି ବିଧାନସଭାରେ ଏହିସବୁ ଘଟଣାରେ ଆଲୋଚନା କରାଇଦେଉନଥିଲେ? ଓଡ଼ିଶା ବିଧାନସଭାକୁ ଯଦି କେଉଁ ସରକାରରେ ସବୁଠୁ ଅଧିକ ଲଜ୍ଜିତ କରାଯାଇଛି ତାହା ଥିଲା ବିଜେଡି ସରକାର। ସରକାରରେ ଥିବା ବେଳେ ସଂଖ୍ୟା ଗରିଷ୍ଠତାର ଗର୍ବରେ ଯେବେ ଚାହୁଁଥିଲେ ସେବେ ବିଧାନସଭା ବନ୍ଦ କରିଦେଉଥିଲେ। ନିଜ ସଂଖ୍ୟା ଗରିଷ୍ଠତା ଦମ୍ଭରେ ବିରୋଧୀଙ୍କୁ ମର୍ଯାଦା ଦେବାକୁ ମଧ୍ୟ ରାଜିନଥିଲେ। ଏବେ ଅରୁଣ ଯେଉଁ ବିଧାନସଭାର ପରମ୍ପରା ଓ ନୀତି ନିୟମ କଥା କହୁଥିଲେ, ସେତେବେଳେ କାହିଁକି ➩ପୃଷ୍ଠା-୬

# ଚାଷୀଙ୍କୁ ଖୁସି ବାଣ୍ଟିବେ ମୋହନ



**ଭୁବନେଶ୍ୱର,୭।୧୨ (ସଂଚାର ବ୍ୟୁରୋ):** ଦୀର୍ଘ ବର୍ଷର ଅପେକ୍ଷାର ଅନ୍ତ ହେବାକୁ ଯାଉଛି। ଚାଷୀ ପାଇବେ ୮ ଶହ ଟଙ୍କାର ଇନପୁଟ୍ ସବ୍‌ସିଡି। ଆସନ୍ତାକାଲି ଚାଷୀଙ୍କୁ ଧାନର ଇନପୁଟ ସହାୟତା ରାଶି ବଣ୍ଟନ କରିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ବରଗଡ଼ ସୋହେଲାର ଇଛାପାଲି ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ୮ଶହ ଟଙ୍କାର ଇନପୁଟ୍ ସବସିଡି ବଣ୍ଟନ କରିବେ। ୨୦୨୪ ସାଧାରଣ ନିର୍ବାଚନରେ ଧାନ ଏମଏସ୍‌ପି ୩୧ ଶହ ଟଙ୍କା ଘୋଷଣା କରିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। କ୍ଷମତାକୁ ଆସିବା ପରେ ବିଜେପି ସରକାର ମଧ୍ୟ ୨୩ ସହ ଏମ୍‌ଏସ୍‌ପି ସହ ୮ ଶହ ଟଙ୍କା ଇନପୁଟ ସବସିଡି ଘୋଷଣା କରିଥିଲେ। ଏବେ ଧାନ ବିକ୍ରି ପରେ ୨୩ଶହ ଟଙ୍କା ଏମ୍‌ଏସ୍‌ପି ଚାଷୀ ପାଉଥିବା ବେଳେ ଆସନ୍ତାକାଲିଠୁ ପାଇବେ ୮ ଶହ ଟଙ୍କା। ଧାନ କିଣା ଯିବାର ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କ ଆକାଉଣ୍ଟକୁ ସିଧାସଳଖ ଯିବ ଏହି ଟଙ୍କା। ପୁରୀ, ସମ୍ବଲପୁର, ଖୋର୍ଦ୍ଧା, ଗଞ୍ଜାମ, କଳାହାଣ୍ଡି, କୋରାପୁଟ, ବାଲେଶ୍ୱର, ମୟୁରଭଞ୍ଜ, କନ୍ଧମାଳ, ଜଗତସିଂହପୁର, ଭଦ୍ରକରେ ଆସନ୍ତାକାଲି ବଣ୍ଟା ହେବ ଇନପୁଟ ସବସିଡ଼ି।

# ଡ୍ୟାନ୍ସିଂକପ୍ ନାଁରେ ଭାଣ୍ଡାମି

ରାଜଧାନୀରେ ଆପଣ ଯଦି କେବେ ରାମମନ୍ଦିର କିମ୍ବା ଶ୍ରୀୟା ଛକ ଦେଇ ଯାଉଥିବେ, ତେବେ ବିଭିନ୍ନ ଛକରେ ଦୁଇଜଣ ଟ୍ରାଫିକ ହୋମଗାର୍ଡ ଓ କନଷ୍ଟେବଳ ନାଚୁଥିବା ଦୃଶ୍ୟ ଦେଖିବାକୁ ପାଉଥିବେ। ବିଭିନ୍ନ ଅଙ୍ଗଭଙ୍ଗୀ ଓ ଠାଣି ଦେଖାଇ ଯିବାକୁ ଇଙ୍ଗିତ କରିବା ସହ ଗାଡିକୁ ଅଟକାଉଥିବା ଦୃଶ୍ୟ ଆପଣ ଦେଖିଥିବେ। ରାସ୍ତା ମଝିକୁ ଚାଲିଯାଇ ପୁଣି ପୋଷ୍ଟ ନିକଟକୁ ଦୌଡ଼ି ଆସିବା ସହ ବିପଜ୍ଜନକ ଷ୍ଟଣ୍ଟ ମଧ୍ୟ ନିହାତି ଭାବରେ ଦେଖିଥିବେ। ଲୋକଙ୍କୁ ସଚେତନ କରିବାରେ କୌଣସି ଅସୁବିଧା ନାହିଁ। ଟ୍ରାଫିକ ନିୟମ ଅନୁପାଳନ କରିବା ପାଇଁ ସଚେତନ କରିବା ଭଲକଥା। କିନ୍ତୁ ଏହି ସଚେତନତା ଆଳରେ ଚଳନ୍ତା ଗାଡି ଆଗକୁ ପଳାଇବା, ହେଲମେଟ ପିନ୍ଧି ନ ଥିବା ଲୋକଙ୍କୁ ଅଶ୍ଳୀଳ ଇଙ୍ଗିତ କରିବା, କେତେଦୂର ଯଥାର୍ଥ। ଅନେକ ସଚେତନ ନାଗରିକ ପୂର୍ବରୁ ଏ ନେଇ ସ୍ୱର ଉଠାଇଛନ୍ତି। ଏଭଳି ମନମୁଖୀ କାର୍ଯ୍ୟ କରୁଥିବା ଟ୍ରାଫିକ ପୋଲିସଙ୍କୁ ଏମିତି ନ କରିବା ପାଇଁ ପରାମର୍ଶ ଦିଆଯାଇଛି। ଟ୍ରାଫିକ ମାନୁଆଲ ଭଲକରି ପଢିବା ପାଇଁ ଚେତାବନୀ ମଧ୍ୟ ଦିଆଯାଇଛି। ପୂର୍ବ କମିଶନରଙ୍କୁ ଏ ସମ୍ପର୍କରେ ଅବଗତ ମଧ୍ୟ କରାଯାଇଛି। କିନ୍ତୁ ଏସବୁକୁ ବେଖାତିର କରି ଏବେବି ରାସ୍ତା ଉପରକୁ ଯାତ୍ରା ପେଣ୍ଡାଲ ଭାବୁଛନ୍ତି ଏହି ଟ୍ରାଫିକ ପୋଲିସ। ଆଶା କରିବୁ ନୂଆକରି କାର୍ଯ୍ୟଭାର ନେଇଥିବା ଟ୍ରାଫିକ ଡିସିପି ଓ ଏସିପି ଏ ଦିଗରେ ଧ୍ୟାନ ଦେବେ। ନ ହେଲେ କେତେବେଳେ ଯେ ନେଡିଗୁଡ଼ କହୁଣିକୁ ବୋହିଯିବ, ତାହା କିଏ କହିବ?




# କାର୍‌ରୁ ଲକ୍ଷାଧିକ ଟଙ୍କା ଓ ସୁନା ଜବତ

**ଭୁବନେଶ୍ୱର, ୭।୧୨ (ସଂଚାର ବ୍ୟୁରୋ):** ରାଜଧାନୀରେ ହଇଚଇ। ଅଚାନକ ସିବିଆଇର ରେଡ। ହୋଟେଲ୍ ଆଗରେ ଛିଡ଼ା ହୋଇଥିବା ଦାମୀ କାର୍‌ରେ ସିବିଆଇ ଟିମ୍ ଚଢ଼ଉ କରି ଲକ୍ଷାଧିକ ଟଙ୍କା ଓ ସୁନା ଜବତ କରିଛି। ୪ ଜଣଙ୍କୁ ସିବିଆଇ ଟିମ୍ ହେପାଜତକୁ ନେଇଛି। ଏତେ ପରିପରିମାଣରେ ଟଙ୍କା କେଉଁ ଉଦ୍ଦେଶ୍ୟରେ ଥିଲା,




ଜଣାପଡ଼ି ନାହିଁ। ଆଜି ରାତି ପ୍ରାୟ ୯ଟା ବେଳେ ନୟାପଲ୍ଲୀରେ ଏକ ହୋଟେଲ ସମ୍ମୁଖରେ ଗୋଟିଏ ନାଲି ରଙ୍ଗର ମର୍ସିଡ୍‌ଜ କାର୍ ଛିଡ଼ା ହୋଇଥିଲା। ଗାଡ଼ି ନମ୍ବର ଓଡି-୦୫-୯୯୯୯। ଏହି କାର ଏକ ବିଲ୍‌ଡର ସଂସ୍ଥା ନାଁରେ ରହିଛି। ଉକ୍ତ କାର୍‌ରେ କଣ୍ଟ୍ରାକ୍ଟର ଓ ଅଫିସରଙ୍କ ମଧ୍ୟରେ ଡିଲ ହେଉଥିବା ସନ୍ଦେହ କରାଯାଉଛି।ଏ ସମ୍ପର୍କରେ ସିବିଆଇ ଟିମ୍ ଜାଣିପାରି କମିଶନରେଟ ପୁଲିସ ସହାୟତାରେ ଅଚାନକ ଚଢ଼ଉ କରିଥିଲା। ଉକ୍ତ କାର୍ ଆଦିତ୍ୟ ମହାପାତ୍ରଙ୍କ ନାମରେ ଥିବା ସୂଚନା ମିଳିଛି।

# 'ଭାରତକୁ ମେଗା ମହାଶକ୍ତିରେ ପରିଣତ କରିବା'



- ରାଷ୍ଟ୍ର ନିର୍ମାଣରେ ଏକ୍ସଏଲ୍‌ଆର୍‌ଆଇର ଅତୁଳନୀୟ ଯୋଗଦାନ
- ଜାମସେଦପୁରର ରହିଛି ସ୍ୱତନ୍ତ୍ର ପରିଚୟ, ସଂସ୍କୃତି, ନୈତିକତା ଓ ମୂଲ୍ୟବୋଧ

**ଜାମସେଦପୁର, ୭।୧୨ (ସଂଚାର ବ୍ୟୁରୋ):** ବର୍ତ୍ତମାନ ସମୟରେ ଭାରତ ଚତୁର୍ଥ ଶିଳ୍ପ ବିପ୍ଳବର ନେତୃତ୍ୱ ନେବାକୁ ଯାଉଛି। ସାମ୍ପ୍ରତିକ ସମୟରେ ଛାତ୍ରଛାତ୍ରୀମାନେ ଏହି ସୁଯୋଗର ସମ୍ପୂର୍ଣ୍ଣ ଭାବରେ ଉପଯୋଗ କରିବା ସହ ୨୦୪୭ ସୁଦ୍ଧା ଭାରତକୁ ଏକ ମେଗା ମହାଶକ୍ତିରେ ପରିଣତ କରିବା ଦିଗରେ ଦାୟିତ୍ୱ ନିର୍ବାହ କରିବା ପାଇଁ ଆହ୍ୱାନ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶନିବାର ଜାମସେଦପୁର ସ୍ଥିତ ଏକ୍ସଏଲଆରଆଇ- ଜାଭିୟର୍ ସ୍କୁଲ୍ ଅଫ୍ ମ୍ୟାନେଜମେଣ୍ଟର ପ୍ଲାଟିନମ୍ ଜୁବୁଲି ଉତ୍ସବର ସମାପନୀ ସମାରୋହରେ ଯୋଗଦେଇ ଶ୍ରୀ ପ୍ରଧାନ ଏହି ଶିକ୍ଷାନୁଷ୍ଠାନ ୭୫ ବର୍ଷର ପୂର୍ତ୍ତି ଅବସରରେ ଶୁଭେଚ୍ଛା ଜଣାଇ କହିଛ, ସମ୍ବିଧାନ ଗୃହୀତ ଓ ପ୍ରଣୟନ ହେବାର ୭୫ତମ ବାର୍ଷିକୀ ପାଳନ ବେଳେ ଏକ୍ସଏଲଆରଆଇ- ଜାଭିୟର୍ ସ୍କୁଲ୍ ଅଫ୍ ମ୍ୟାନେଜମେଣ୍ଟ ୭୫ ବର୍ଷର ଶିକ୍ଷାର ଉତ୍କର୍ଷତାକୁ ଉତ୍ସବ ଭାବରେ ପାଳନ କରିବା ସୌଭାଗ୍ୟର ବିଷୟ। ମ୍ୟାନେଜମେଣ୍ଟ ଶିକ୍ଷା କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଏହି ଶିକ୍ଷାନୁଷ୍ଠାନ ରାଷ୍ଟ୍ର ନିର୍ମାଣରେ ଅତୁଳନୀୟ ଯୋଗଦାନ ରଖିଛି। ସେ ଆହୁରି କହିଛନ୍ତି ଯେ ଜାମସେଦପୁର ଏବଂ ଏକ୍ସଏଲଆରଆଇର ଏକ ସ୍ୱତନ୍ତ୍ର ପରିଚୟ, ସଂସ୍କୃତି, ନୈତିକତା ଓ ମୂଲ୍ୟବୋଧ ରହିଛି। ଅନୁଷ୍ଠାନର ପୂର୍ବତନ ଛାତ୍ରଛାତ୍ରୀ ବିଶ୍ୱରେ ନିଜର ପରିଚୟ ସୃଷ୍ଟି ସହ ବିଶ୍ୱକୁ ମ୍ୟାନେଜମେଣ୍ଟର ନେତୃତ୍ୱ ପ୍ରଦାନ କରିଛନ୍ତି। ସାତ ଦଶନ୍ଧି ଧରି ଏହି ଅନୁଷ୍ଠାନ ମ୍ୟାନେଜମେଣ୍ଟ ➩ପୃଷ୍ଠା-୬



### କାନ ଡେରିଥା

କାଲିର ଶାସକ ଆଜି
କାନ୍ଦି ମରେ
ଜନତାର ସ୍ୱାର୍ଥ ପାଇଁ
ଯେତେ କାଳ ଭାଇ
ଗାଦିରେ ତ ଥିଲେ
ଏ ଜନତା ଥିଲେ କି ନାଇଁ

# ମହାନଦୀ ପାଣିରେ ବିଷ ମିଶାଉଛି ହିଣ୍ଡାଲକୋ



- ଲୁଚାଛପାରେ ଛାଡୁଛି ପାଉଁଶ
- ଧରିଲା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ

**ଭୁବନେଶ୍ୱର, ୭।୧୨ (ସଂଚାର ବ୍ୟୁରୋ):** ତାପଜ କେନ୍ଦ୍ରରୁ ବାହାରୁଥିବା ପାଉଁଶକୁ ମହାନଦୀ ପାଣିରେ ଛାଡୁଛି ହିଣ୍ଡାଲକୋ। ପାଣି ପାଲଟୁଛି ବିଷ। ନଦୀକୂଳିଆ ଲୋକେ ରୋଗାକ୍ରାନ୍ତ ହେବା ସହିତ ମାଛ ବଂଶ ଲୋପ ପାଇବାର ଲାଗିଛି। ଲୁଚାଛପାରେ ରାତିଅଧରେ ଖଜୁରା ନଳା ବାଟେ ପାଣିରେ ପାଉଁଶ ମିଶାଇ ଛାଡୁଥିବା ନେଇ ସ୍ଥାନୀୟ ଲୋକେ ଯେଉଁ ଅଭିଯୋଗ କରୁଥିଲେ ତାହା ସତ୍ୟ ପ୍ରମାଣିତ ହୋଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସ୍ଥାନୀୟ ଅଧିକାରୀ ଅନୁସନ୍ଧାନ କରି ବୋର୍ଡର ସଦସ୍ୟ ସଚିବଙ୍କୁ ଯେଉଁ ରିପୋର୍ଟ ଦେଇଛନ୍ତି ସେଥିରେ ହିଣ୍ଡାଲକୋର ଏଭଳି କଳା କାରନାମା ପଦାରେ ପଡ଼ିଛି। ସମ୍ବଲପୁର ଜିଲ୍ଲାରେ ରହିଛି ହିଣ୍ଡାଲକୋର ତାପଜ ବିଦ୍ୟୁତ୍ କେନ୍ଦ୍ର। ଏଠାରୁ ବାହାରୁଥିବା ପାଉଁଶକୁ ଠିକାଦାରଙ୍କ ଦ୍ୱାରା କେତେକ ସ୍ଥାନରେ ବେଆଇନ୍ ଭାବେ ଗଦାକରି ରଖାଯାଉଥିଲା। ଠିକାଦାର ଏହି ପାଉଁଠକୁ ମହାନଦୀ କୂଳରେ ଥିବା ଖଜୁରା ନାଳ ଓ ଲକ୍ଷ୍ମୀଡୁଙ୍ଗୁରି ସଂରକ୍ଷିତ ଜଙ୍ଗଲରେ ଲୁଚାଇ ରଖିଥାନ୍ତି। ବର୍ଷାଦିନ ଏହି ପାଉଁଶ ଧିରେ ପାଣିରେ ମିଶି ଖଜୁରା ନାଳ ଦେଇ ମହାନଦୀ ପାଣିରେ ମିଶି ତାହାକୁ ବିଷାକ୍ତ କରୁଛି। ସ୍ଥାନୀୟ ଲୋକେ ଏ ନେଇ ଦୀର୍ଘ ଦିନରୁ ଅଭିଯୋଗ କରୁଥିଲେ ମଧ୍ୟ ହିଣ୍ଡାଲକୋ କିମ୍ବା ତାହା ଦ୍ୱାରା ନିଯୁକ୍ତ ଠିକାଦାର ଏଥିପ୍ରତି କର୍ଣ୍ଣପାତ କରୁନଥିଲେ। ହେଲେ ଚାପ ବଢିବାରୁ ଓ ଏ ସଂକ୍ରାନ୍ତୀୟ ଖବର ପ୍ରକାଶ ପାଇବାପରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଏହାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ତଦନ୍ତରୁ ଜଣାପଡ଼ିଛି ଯେ କମ୍ପାନୀ ଏହାର ପାଉଁଶ ପରିଚାଳନା ପାଇଁ ବୋର୍ଡ ଠାରୁ ଅନୁମତି ନେଇନାହିଁ। ତେଣୁ ଏହା 'କନସେଣ୍ଟ ଟୁ ଅପରେଟ୍' ନିୟମକୁ ଉଲ୍ଲଙ୍ଘନ କରୁଛି। ହିଣ୍ଡାଲକୋର ଏଭଳି ବିଷ ମିଶା କାମକୁ ରୋକିବାପାଇଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବେ କଡାପଦକ୍ଷେପ ଗ୍ରହଣ କରିବାକୁ ଯାଉଛି। କମ୍ପାନୀ ପାଉଁଶକୁ କେଉଁ ଗାଡିରେ କେତେ ପରିବହନ କରୁଛି ତାକୁ କେଉଁଠାରେ ପକାଉଛି ତାହା ଜାଣିବା ପାଇଁ ପାଉଁଶ ପରିବହନ ଗାଡିରେ ଜିପିଏସ୍ ଟ୍ରାକର ବାଧ୍ୟତାମୂଳକ କରିବାକୁ ପରାମର୍ଶ ଦିଆଯାଇଛି। ଏହା ହେଲେ ମହାନଦୀ ପାଣିରେ ଯେଉଁ ପାଉଁଶ ବିଷ ମିଶୁଥିଲା ତାହାକୁ ରୋକାଯାଇ ପାରିବ। ତେବେ ସ୍ଥାନୀୟ ଲୋକଙ୍କ କହିବାକଥା ଯେ ଯେଉଁସବୁ କମ୍ପାନୀ ମହାନଦୀ ପାଣିରେ ଏଭଳି ଲୁଚାଛପାରେ ବିଷ ମିଶାଉଛନ୍ତି ସେମାନଙ୍କ ବିରୁଦ୍ଧରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କଠୋର ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ। ଏହା ହେଲେ ଅନ୍ୟ କମ୍ପାନୀଗୁଡିକ ସତର୍କ ହେବା ସହିତ ସେମାନଙ୍କ ପାଉଁଶକୁ ଠିକଣା ଭାବେ ବିନିଯୋଗ କରିବାକୁ ବାଧ୍ୟ ହେବେ।

### ଟ୍ରେଣ୍ଡିଂ ନ୍ୟୁଜ୍

- ଇଭିଏମ୍ ଟାମ୍ପରିଂ କରାଯାଇଥିବା ଅଭିଯୋଗ କରି ମହାରାଷ୍ଟ୍ର ବିଧାନସଭାର ସ୍ୱତନ୍ତ୍ର ଶପଥ ଗ୍ରହଣ ଉତ୍ସବକୁ ବୟକଟ କଲେ ଏମ୍‌ଭିଏ ବିଧାୟକ।
- ବାବ୍ରୀ ମସ୍‌ଜିଦ ଧ୍ୱଂସ ଉପରେ ଶିବସେନା ଉଦ୍ଧବ ଗୋଷ୍ଠୀର ମନୋଭାବକୁ ବିରୋଧ କରି ଏମ୍‌ଭିଏ ଛାଡ଼ିବାକୁ ଧମକ ଦେଲେ ସମାଜବାଦୀ ପାର୍ଟିର ମହାରାଷ୍ଟ୍ର ଶାଖା ମୁଖ୍ୟ ଅବୁ ଆଜମୀ।
- ଦିଲ୍ଲୀର ସହାଦ୍ରା ଜିଲ୍ଲା ଫାର୍ସ ବଜାରରେ ପ୍ରାତ ଭ୍ରମଣରେ ଯାଉଥିବା ଜଣେ ବ୍ୟବସାୟୀଙ୍କୁ ବାଇକ୍‌ରେ ଆସିଥିବା ୨ ଦୁର୍ବୃତ୍ତ ଗୁଳି କରି ହତ୍ୟା କଲେ।
- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ହତ୍ୟା ଧମକ। ମୁମ୍ବାଇ ପୁଲିସକୁ ହ୍ୱାଟ୍ସଆପ୍‌ରେ ଆଜମିରରୁ ଧମକ ଆସିବା ପରେ ଖୋଳତାଡ଼।
- ମହାରାଷ୍ଟ୍ରରେ ରାଜନୈତି ଘଟଣାକ୍ରମ ପରିପ୍ରେକ୍ଷୀରେ ବିଜେପିର ଭୂମିକା ନେଇ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଆତଙ୍କିତ।
- ଢାକାସ୍ଥିତ ଇସ୍କନର ନମହଟ୍ଟା କେନ୍ଦ୍ରରେ ଦଳେ ଦୁର୍ବୃତ୍ତ ନିଆଁ ଲଗାଇବା ସହିତ ମୂର୍ତ୍ତି ଭଙ୍ଗାରୁଜା କରିଛନ୍ତି। ଏ ନେଇ କୋଲକତା ଇସ୍କନ ଉପସଭାପତି ରାଧାରମଣ ଦାସଙ୍କ ଉଦ୍‌ବେଗ।
- ସିରିଆରେ ଗୃହଯୁଦ୍ଧକୁ ଦୃଷ୍ଟିରେ ରଖି ଭାରତୀୟଙ୍କ ପାଇଁ ବିଦେଶ ମନ୍ତ୍ରଣାଳୟ ପକ୍ଷରୁ ରାତିଅଧିଆ ମାର୍ଗଦର୍ଶିକା ଜାରି କରାଯାଇ ସିରିଆ ଛାଡିବାକୁ ଓ ସିରିଆ ଯାତ୍ରା ନ କରିବାକୁ ପରାମର୍ଶ ଦିଆଯାଇଛି।

### କେନ୍ଦ୍ରାପଡ଼ା ଜିଲ୍ଲାରେ ଟିବିମୁକ୍ତ ଭାରତ ଅଭିଯାନ

# ସଚେତନତା ରଥର ହେଲା ଶୁଭ ଉଦ୍‌ଘାଟନ

**କେନ୍ଦ୍ରାପଡ଼ା, ୭।୧୨ (ସଂଚାର ବ୍ୟୁରୋ) :** କେନ୍ଦ୍ରାପଡା ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଟିବି ମୁକ୍ତ ଭାରତ ଅଭିଯାନ ଉପଲକ୍ଷେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଦୁଇଟି ସଚେତନତା ରଥ ଜିଲ୍ଲାରେ ଚାରି ଦିନ ଧରି ଟିବି ମୁକ୍ତ ଭାରତ ନିମନ୍ତେ ସଚେତନତାର ବାର୍ତ୍ତା ବାଣ୍ଟିବ। ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର ପତାକା ଦେଖାଇ ସଚେତନତା ରଥକୁ ଶୁଭ ଉଦ୍‌ଘାଟନ କରିଥିଲେ ।




ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରମୋଦ କୁମାର ପ୍ରହରାଜ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର ଯୋଗଦାନ କରିଥିଲେ । ଟିବି ମୁକ୍ତ ଜିଲ୍ଲା ପାଇଁ ୫ ବର୍ଷ ମଧ୍ୟରେ ଯକ୍ଷ୍ମା ଆକ୍ରାନ୍ତ ହୋଇଥିବା, ଧୂମପାନ କରୁଥିବା, ଡାଇବେଟିସ ଆକ୍ରାନ୍ତ, ୬୦ ବର୍ଷରୁ ଉର୍ଦ୍ଧ୍ୱ, ଅପପୁଷ୍ଟିର ଶିକାର ବ୍ୟକ୍ତି, ନିକଟ ସମ୍ପର୍କୀୟଙ୍କ ମଧ୍ୟରେ ଯକ୍ଷ୍ମା ଆକ୍ରାନ୍ତ ହୋଇଥିବା ବ୍ୟକ୍ତିମାନଙ୍କୁ ପ୍ରଥମେ ଚିହ୍ନଟ କରାଯାଇ ଆଧୁନିକ ପ୍ରଣାଳୀରେ ପରୀକ୍ଷା ନିରୀକ୍ଷା କରିବାକୁ ଯୋଜନା କରାଯାଇଛି ବୋଲି ବୈଠକରେ ମତ ରଖିଥିଲେ ଡା. ପ୍ରହରାଜ । କାରଣ ଏହି ବ୍ୟକ୍ତିମାନେ ଯକ୍ଷ୍ମା ରୋଗରେ ଆକ୍ରାନ୍ତ ହେବାର ଅଧିକ ସମ୍ଭାବନା ଅଛି ।

ଆମ ଦେଶରେ କୈଶୋରମାନଙ୍କୁ ଇଂଜେକସନ ପ୍ରଦାନ କରାଯାଇ ଯକ୍ଷ୍ମା ରୋଗକୁ ୨୯% କମାଇ ଦିଆଯାଇପାରିଛି । ଆମ ଜିଲ୍ଲାରେ ୧ ଲକ୍ଷ ଜନସଂଖ୍ୟା ମଧ୍ୟରେ ପ୍ରାୟ ୬୦ ଜଣ ଯକ୍ଷ୍ମା ରୋଗୀ ଅଛନ୍ତି । ଏହି ସଂଖ୍ୟାକୁ ନ୍ୟୁନ କରି ଶୂନ୍ୟ କରିବାକୁ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ବିଭିନ୍ନ ଯୋଜନା ଅନୁଯାୟୀ ପଦକ୍ଷେପ ନିଆଯାଉଛି । ଯଦି ଜଣେ ଲୋକ ଦୁଇ ବର୍ଷ ଧରି ଯକ୍ଷ୍ମା ରୋଗରେ ଆକ୍ରାନ୍ତ ହୋଇ ରହେ ବର୍ଷକୁ ପ୍ରାୟ ୨ ଲକ୍ଷରୁ ୫ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ହୁଏ । ତେଣୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଯକ୍ଷ୍ମା ମୁକ୍ତ କରିବା ପାଇଁ ତୃଣମୂଳ ସ୍ତରରୁ ଏହାକୁ ପ୍ରତିହତ କରିବାକୁ ପଦକ୍ଷେପ ନେବା ସହ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ମାଧ୍ୟମରେ ରୋଗୀଙ୍କୁ ମାଗଣାରେ ଔଷଧ ପ୍ରଦାନ କରାଯାଉଛି । ଜଣେ ଯକ୍ଷ୍ମା ରୋଗୀ ୧୨ରୁ ୧୫ ଜଣ ଲୋକଙ୍କୁ ସଂକ୍ରମଣ କରିବାର କ୍ଷମତା ରଖିଥାଏ । ତେଣୁ ସଚେତନତାର ଆବଶ୍ୟକତା ରହିଛି ।

ବୈଠକରେ ଯକ୍ଷ୍ମା ରୋଗରୁ ମୁକ୍ତ ହୋଇ ଯକ୍ଷ୍ମା ରୋଗକୁ ପ୍ରତିହତ କରିବା ସଚେତନତା କାର୍ଯ୍ୟରେ ସଫଳ ହୋଇଥିବା ୮ ଜଣ ଯକ୍ଷ୍ମା ଚମ୍ପିୟାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା । ଉକ୍ତ ବୈଠକରେ ଡା. ନୃପେନ୍ ଶତପଥି, ଡା.ସଚ୍ଚିଦାନନ୍ଦ ମିଶ୍ର, ଡା. ପି କେ ବେହେରା, ଡା. ପି କେ ଦାସ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଧାକର ସାହୁ, ମୁଖ୍ୟ ଚିକିତ୍ସାଳୟର ପ୍ରଶାସନିକ ଅଧିକାରୀ ଆଦ୍ୟଶା ରଥ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହ, କୃଷ୍ଣଚନ୍ଦ୍ର ଲୋହା, ଏଏନଏମ୍ ପ୍ରଶିକ୍ଷଣ କେନ୍ଦ୍ରର ଅଧ୍ୟକ୍ଷା ଭାରତୀ ସ୍ୱାଇଁ ଓ ଏଏନଏମ୍ ଛାତ୍ର ଛାତ୍ରୀ, ଡିପିଏଚସିଓ ମିନତୀ ମହାପାତ୍ର, ସ୍ୱାସ୍ଥ୍ୟ ସମିତିର ଅଧିକାରୀ ଓ କର୍ମକର୍ତ୍ତା ଯୋଗ ଦେଇଥିଲେ ।

### ବିଷାକ୍ତ ଦ୍ରବ୍ୟ ଦେଇ ମାରିଦେଲେ ତାଳଗଛ

## ଏତଲା ପରେ ଆରମ୍ଭ ହେଲା ତଦନ୍ତ

**ମହାକାଳପଡ଼ା, ୭।୧୨ (ସଂଚାର ବ୍ୟୁରୋ) :** ବିଷାକ୍ତ ଦ୍ରବ୍ୟ ଦେଇ ତାଳ ଗଛକୁ ମାରିଦେଇଥିଲେ ଏହି ଘଟଣାର ଏତଲା ଆଧାରରେ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି ଫରେଷ୍ଟର। ମହାକାଳପଡ଼ା ବ୍ଲକ ଦେଉଳପଡା ପଞ୍ଚାୟତ ଅମିରାବାଦ (ବାଙ୍କି ଛନ୍ଦା) ଗ୍ରାମର ଶୁକାନ୍ତ ରାଉତଙ୍କ ପୁଅ ସରୋଜ ନିଜର ଜମିରେ ଥିବା ୬ ଗୋଟି ତାଳଗଛକୁ ଅମୀୟ କେତନ ରାଉତ ଓ ଗୟାଧର ରାଉତ ବିଷାକ୍ତ ଔଷଧ ଦେଇ ମାରିଦେଇଥିବା ଜଗରଜୋର ବିଟ୍ ହାଉସ ବନବିଭାଗ କାର୍ଯ୍ୟାଳୟ ରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ବନବିଭାଗ କର୍ମଚାରୀ ଯଥା ଫରେଷ୍ଟର ରୋଜାଲିନ ଦାସ ଆଜି ବାଙ୍କିଛନ୍ଦା ଗ୍ରାମରେ ପହଞ୍ଚି ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଦୁଇ ପକ୍ଷଙ୍କ ଉପସ୍ଥିତିରେ ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥିଲେ। ପ୍ରଥମ ପକ୍ଷଙ୍କ ଅଭିଯୋଗ ଅନୁସାରେ ଦ୍ୱିତୀୟ ପକ୍ଷୀଙ୍କୁ ଘଟଣା ସମ୍ପର୍କରେ ପଚରାଉଚରା କରିଥିଲେ ହେଲେ ସେମାନେ ଘଟଣା ସମ୍ପର୍କରେ କିଛି ଜାଣିନଥିବା କହିଥିଲେ। ଏତଲାରେ ଉଲ୍ଲେଖ ଥିବା ଅନ୍ୟଜଣେ ବ୍ୟକ୍ତି ଅମୀନ କେତନ ରାଉତ ଘରେ ନଥିବା ହେତୁ ତାଙ୍କ ମୋବାଇଲ ନମ୍ବର ସଂଗ୍ରହ କରିବା ସହ ଅନ୍ୟ ବ୍ୟକ୍ତିମାନଙ୍କ ଉପସ୍ଥିତିରେ ସମସ୍ତଙ୍କୁ ଏମିତି ଆଇନ ବିରୋଧୀ କାର୍ଯ୍ୟ ନକରିବାକୁ ବିଭାଗୀୟ ଅଧିକାରୀ ଶ୍ରୀମତୀ ଦାସ ତାଗିଦ୍ କରିଥିଲେ।



## ବଳଦେବଜୀଉ ମନ୍ଦିରରେ ଓଢ଼ଣ ଷଷ୍ଠୀ ନୀତି



**କେନ୍ଦ୍ରାପଡ଼ା, ୭।୧୨ (ସଂଚାର ବ୍ୟୁରୋ) :** ଶନିବାର ପବିତ୍ର ତୁଳସୀକ୍ଷେତ୍ରରେ ଓଢ଼ଣ ଷଷ୍ଠୀ ନୀତି ବହୁ ଆଡମ୍ବର ସହକାରେ ପାଳନ କରାଯାଇଛି । ଏହି ନିତିଠୁ ମହାପ୍ରଭୁଙ୍କ ଶୀତ ବସ୍ତ୍ର ଘୋଡ ଲାଗି କରାଯିବ । ପ୍ରଥମେ ସକାଳ ଧୂପ ସମ୍ପନ୍ନ ପରେ ଭଣ୍ଡାର ଗୃହରୁ ଶୀତ ବସ୍ତ୍ର ଅଣାଯାଇ ପୂଜାପଣ୍ଡାଙ୍କ ଦ୍ୱାରା ବେଶ ଆୟୋଜନ କରାଯାଇଥିଲା। ଚତୃଷାମା ଲାଗି କରାଯାଇ ଘୋଡ ଲାଗି ବେଶ ସମ୍ପନ୍ନ ପରେ ମଙ୍ଗଳା ଅର୍ପଣ ଭୋଗ ଲାଗି କରାଯାଇଥିଲା । ମନ୍ଦିରରେ ବିଦ୍ୟମାନ ଥିବା ପାର୍ଶ୍ୱ ଦେବାଦେବୀଙ୍କୁ ଶୀତବସ୍ତ୍ର ପରିଧାନ କରିଥିଲେ । ଏନେଇ ସୂଚନା ଦେଇଛନ୍ତି ପୂଜାପଣ୍ଡା ସେବାୟତ ଜ୍ୟୋତି ରଞ୍ଜନ ପତ୍ରୀ ।

### ତେର ଗାଁ ପଞ୍ଚାୟତରେ ଆବାସ କେଳେଙ୍କାରୀ ଘଟଣା

## ଖବର ପ୍ରସାରଣ ପରେ ବଦଳିଲେ ଡାଟା ଏଣ୍ଟ୍ରି ଅପରେଟର

**ମହାକାଳପଡ଼ା, ୭।୧୨ (ସଂଚାର ବ୍ୟୁରୋ) :** ଜଣେ ଡାଟା ଏଣ୍ଟ୍ରି ଅପରେଟରଙ୍କୁ ମହଙ୍ଗା ପଡ଼ିଛି ଅଯୋଗ୍ୟ ହିତାଧୀକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଟଙ୍କା ବାଣ୍ଟିବା। ଏନେଇ "ସଂଚାର" ରେ ଖବର ପ୍ରକାଶ ପାଇବା ପରେ ଯେଉଁଥିପାଇଁ ତାଙ୍କ ଉପରେ ବାଜିଛି ପ୍ରଶାସନିକ ଛାଟ। ଯେଉଁ ଘଟଣା ଏବେ ସମଗ୍ର ମହାକାଳପଡ଼ା ଅଞ୍ଚଳରେ ଜୋରଦାର ଚର୍ଚ୍ଚା ଧରିଛି।

ତେର ଗାଁ ପଞ୍ଚାୟତ ସୁବଳା ଗ୍ରାମର ଜଗବନ୍ଧୁ ବେହେରାଙ୍କ ଏକ ଆଜବେଷ୍ଟସ ଘର ଅଛି। ଯାହାଙ୍କୁ ପୂର୍ବତନ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ପ୍ରଧାନ ଅନୁକମ୍ପା ଦେଖାଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ରେ ସାମିଲ କରାଇ ପ୍ରଥମ କିସ୍ତି ଟଙ୍କା ପ୍ରଦାନ କରିଥିଲେ। ଯାହାକୁ ସୂଚନା ଅଧିକାର କର୍ମୀ ସୁବ୍ରତ ସେଠୀ ଲଗାତାର ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କରିବା ପରେ ତଦନ୍ତ କରାଯାଇ ବଦଳି କରାଯାଇଥିଲା। ହେଲେ ପୁନର୍ବାର ସେହି ବ୍ୟକ୍ତିଙ୍କୁ ବର୍ତ୍ତମାନ ପଞ୍ଚାୟତର ଡାଟା ଏଣ୍ଟ୍ରି ଅପରେଟର ଗୁରୁ ପ୍ରସାଦ ନାୟକ ଦ୍ୱିତୀୟ କିସ୍ତି ଟଙ୍କା ୬୫,୦୦୦ ପ୍ରଦାନ କରିଛନ୍ତି। ଯାହାକୁ ଲୋକ ଲୋଚନକୁ ଆଣି ତେର ଗାଁ ପଞ୍ଚାୟତର ଆବାସ କେଳେଙ୍କାରୀର

**ସଂଚାର ମହାପ୍ରଭାବ**

ଫର୍ଦ୍ଦ ଲେଉଟିଛି। ପ୍ରଶ୍ନ ଉଠୁଛି ଜଣଙ୍କୁ ଅଯୋଗ୍ୟ ଘୋଷଣା କରାଯିବା ସତ୍ତ୍ୱେ ମଧ୍ୟ ସମ୍ପୃକ୍ତ ହିତାଧିକାରୀଙ୍କୁ ଦ୍ୱିତୀୟ ପର୍ଯ୍ୟାୟ ଟଙ୍କା ପ୍ରଦାନ କରାଗଲା କେମିତି? ଡାଟା ଏଣ୍ଟ୍ରି ଅପରେଟର ତାଙ୍କୁ ଦ୍ୱିତୀୟ ପର୍ଯ୍ୟାୟ ଟଙ୍କା ପ୍ରଦାନ କରିବା ପଛର କାରଣ କ'ଣ ? ସବୁ ନିୟମ କାନୁନ କୁ ଜଳାଞ୍ଜଳି ଦେଇ ନିଜକୁ ସର୍ବେସର୍ବା ସାଜି ଅଯୋଗ୍ୟଙ୍କୁ ସରକାରୀ ଟଙ୍କା ପ୍ରଦାନ କରିବାରେ କେବଳ ଡାଟା ଏଣ୍ଟ୍ରି ଅପରେଟରଙ୍କ ହାତ ଅଛି ନା ଏହି ଘଟଣାରେ ଅନ୍ୟମାନଙ୍କର ମଧ୍ୟ ସଂପୃକ୍ତି ରହିଛି ? ଟଙ୍କା ପ୍ରଦାନ ପୂର୍ବରୁ ଜିପିଆରଏସ ଫଟୋ ଆବଶ୍ୟକ ହୁଏ। ଯଦି ସମ୍ପୃକ୍ତ ବ୍ୟକ୍ତିଙ୍କର ଘର ନିର୍ମାଣ ହୋଇନି ତେବେ ଡାଟା ଏଣ୍ଟ୍ରି ଅପରେଟର କାହା ଘର ସାମ୍ନାରେ ଫଟୋ ଉଠାଇ ବିଲ୍ କଲେ ?

ଏହି ଘଟଣା ଦୈନିକ ଖବରକାଗଜ "ସଂଚାର"ରେ ପ୍ରସାରିତ ହେବା ପରେ ସମଗ୍ର ଅଞ୍ଚଳରେ ଆଲୋଚନାର ପରିସରକୁ ଆସିବା ସହିତ ପ୍ରଶାସନିକ କ୍ଷେତ୍ରରେ ହଟଚମଟ ଆରମ୍ଭ ହୋଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଡାଟା ଏଣ୍ଟ୍ରି ଅପରେଟରଙ୍କୁ ବ୍ଲକ୍ର ଗ୍ରାମପଞ୍ଚାୟତ ସେକ୍ସନକୁ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ରୋଜାଲିନ ମଲ୍ଲିକଙ୍କୁ ଅବସ୍ଥାପିତ କରାଯାଇଛି। ଏହି କାର୍ଯ୍ୟାନୁଷ୍ଠାନ ପରେ ଦୈନିକ ଖବରକାଗଜ "ସଂଚାର"କୁ ପ୍ରଶଂସାର ସୁଅ ଛୁଟିଛି।

## ଚୋରା ମଦ ଜବତ, ୩ ଜଣ କୋର୍ଟ ଚାଲାଣ



**କେନ୍ଦ୍ରାପଡା, ୭।୧୨ (ସଂଚାର ବ୍ୟୁରୋ) :** ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶରେ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରି ମଦ ଜବତ କରିବା ସହିତ ୩ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜିଲ୍ଲା ଅବକାରୀ ଅଧିକ୍ଷକ ବିପ୍ର ମଣ୍ଡଳଙ୍କ ତତ୍ୱାବଧାନରେ ତେଣ୍ଡାକୁଡା ର ବଡନାରାୟଣପୁର ର ମନୋରଞ୍ଜନ ବେହେରା, ସରୋଜ ବେହେରା, ଲକ୍ଷ୍ମୀକାନ୍ତ ମଲିକଙ୍କୁ ଗିରଫ କରି ଏମାନଙ୍କ ନିକଟରୁ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ଲିଟର ଦେଶୀ, ବିଦେଶୀ, ଚୋରା, ରନ୍ଧା ମଦ ଜବତ କରିବା ସହିତ ଏମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ଡେରାବିଶ ମହୋତ୍ସବ ଲାଗି ଜିଲ୍ଲା ପ୍ରଶାସନର ସମନ୍ୱୟ ବୈଠକ

**କେନ୍ଦ୍ରାପଡା, ୭।୧୨ (ସଂଚାର ବ୍ୟୁରୋ):** ଡେରାବିଶ ମହୋତ୍ସବ ପାଇଁ ଜିଲ୍ଲା ପ୍ରଶାସନର ସମନ୍ୱୟ ବୈଠକ ଶନିବାର ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଡେରାବିଶ ସାଂସ୍କୃତିକ ସଂଗଠନ ଦ୍ୱାରା ପରିଚାଳିତ ହେଉଥିବା ଡେରାବିଶ ମହୋତ୍ସବ କାର୍ଯ୍ୟକ୍ରମ ଚଳିତ ବର୍ଷ ଡିସେମ୍ବର ୨୫ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ୭ ଦିନ ବ୍ୟାପି ଡେରାବିଶ ହାଇସ୍କୁଲ ପଡିଆ ମିନି ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହେବ ।



ଏହି କାର୍ଯ୍ୟକ୍ରମରେ ବହୁ ଜନ ସାଧାରଣଙ୍କ ସମାଗମ ହେଉଥିବାରୁ ରାସ୍ତାଘାଟ, ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା, ପାନୀୟ ଜଳ, ପୋଲିସ ପ୍ରଶାସନର ସହାୟତା, ଆଶୁ ଚିକିତ୍ସା ବ୍ୟବସ୍ଥା, ଅଗ୍ନି ନିରାପତା ଓ ଆର୍ଥିକ ଅନୁଦାନ ଆଦି ବିଷୟ ଗୁଡିକୁ ନେଇ ସଂଗଠନର କର୍ମକର୍ତା ମାନେ ଜିଲ୍ଲା ପ୍ରଶାସନ ସହ ମତ ବିନିମୟ କରିଥିଲେ । ମହୋତ୍ସବ ହେବା ପୂର୍ବରୁ ଆର୍ଥିକ ଅନୁଦାନ ମଞ୍ଜୁର କରିବା, ଡେରାବିଶ ହାଇସ୍କୁଲ ପର୍ଯ୍ୟନ୍ତ ଛତା ଛକରୁ ଓ ଚାନ୍ଦୋଳ ଫାଣ୍ଡି ଛକରୁ ରାସ୍ତା ମରାମତି ସହ ବିଦ୍ୟୁତ୍ ସଂଯୋଗୀକରଣ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି । ଏହା ସହ ବିଭିନ୍ନ ସରକାରୀ ବିଭାଗର ପ୍ରଜ୍ଞାପନ ଷ୍ଟଲ ଗୁଡିକୁ ମହୋତ୍ସବ ସ୍ଥଳରେ ଖୋଲିବା ପାଇଁ ବ୍ୟବସ୍ଥା କରିବାକୁ ପ୍ରଶାସନକୁ ଅନୁରୋଧ କରାଯାଇଛି । ମହୋତ୍ସବ ସ୍ଥଳରେ ଅସ୍ଥାୟୀ ଶୌଚାଳୟ ଓ ପାନୀୟ ଜଳ ବ୍ୟବସ୍ଥା କରିବା ଓ ବିଭିନ୍ନ ଦିବସରେ ଆସୁଥିବା ଅତିଥି ମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ସହାୟତା କରିବା ଆଦି ବିଷୟରେ ଆଲେଚନା କରାଯାଇ ଥିଲା ।

ଆୟୋଜିତ ଏହି ବୈଠକରେ ଉପ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ତହସିଲଦାର ପ୍ରଜ୍ଞା ପରମିତା ପୃଷ୍ଟି, ଉଦ୍ୟାନ କୃଷି ବିଭାଗ ର ଦେବଦାସ ଦତ, ଡେରାବିଶ ମହୋତ୍ସବ କମିଟିର ସଭାପତି ଭକ୍ତକବି ଦାସ, ସଂପାଦକ ଗୁରୁଚରଣ ସେଠୀଙ୍କ ସମେତ ମହେନ୍ଦ୍ର କୁମାର ସିଂହ, ରାମଚନ୍ଦ୍ର ରାଉତ, ସାହାଜାନ ଖାନ, ଖୁରସିଦ ଆଲାମ ଖାନ, ତ୍ରିଲେଚନ ରାଉତ, ସରୋଜ ଦାସ, ପଣ୍ଡିତ ଶରତ ଚନ୍ଦ୍ର ମିଶ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ ।

### ଘରେ ପଶି ମହିଳାଙ୍କଠୁ ଲୁଟିନେଲେ ସୁନା ଅଳଙ୍କାର ଓ ନଗଦ ଟଙ୍କା

**କେନ୍ଦ୍ରାପଡ଼ା, ୭।୧୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ସଦର ଥାନା ଅଂଚଳରେ ଘଟିଛି ଅଭାବନୀୟ ଘଟଣା। ଦୁଇଜଣ ଦୃର୍ବୁତ୍ତ ଘରେ ପଶି ଜଣେ ମହିଳାଙ୍କ ଠୁ ଲୁଟି ନେଇଛନ୍ତି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର। ଏଭଳି ଘଟଣା ଉକ୍ତ ଥାନା ଅନ୍ତର୍ଗତ ଗୁହାଳସିଂ ଗ୍ରାମରେ ଘଟିଥିବା ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ଏହି ଗ୍ରାମର ସ୍ୱର୍ଗତ କିଶୋର ଚନ୍ଦ୍ର ସାହୁ ଙ୍କ ସ୍ତ୍ରୀ ଶୈଳବାଳା ସାହୁ ଏକୁଟିଆ ନିଜ ବାସଭବନରେ ଥିବା ସମୟରେ ସାନ୍ଧ୍ୟ ୬ଟା ସମୟରେ ଦୁଇଜଣ ଅଚିହ୍ନା ଯୁବକ ମହିଳାଙ୍କ କବାଟ ବାଡେଇ ମାଉସୀ ମାଉସୀ ଡାକିଥିଲେ । ମହିଳା ଜଣକ ଶୁଣିବା ମାତ୍ରେ ସଙ୍ଗେ ସଙ୍ଗେ ଘରର ମୁଖ୍ୟ କବାଟଟିକୁ ଖୋଲି ଦେଇଥିଲେ। କବାଟ ଖୋଲିବା ମାତ୍ରେ ଦୁଇ ଯୁବକ ମହିଳାଙ୍କ ବେକରେ ଭୁଜାଲି ଦେଖାଇ ପିନ୍ଧିଥିବା ବିଭିନ୍ନ ସୁନା ଅଳଙ୍କାର ଯଥା, କାନଫୁଲ, ଦୁଇଟି ମୁଦି, ଚେନ୍, ସୁନା ବାଲ୍ହା ଯାହାକି ୨୮ ଗ୍ରାମ ହେବା ସହିତ ଘର ମଧ୍ୟରେ ଥିବା ଅଲମାରି ରେ ନଗଦ ୫୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଏହା ପରେ ମହିଳା ଜଣଙ୍କ ଏନେଇ ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ପୁଲିସ୍ ତଦନ୍ତ ଆରମ୍ଭ କରିଛି।

## କୋର ମିର୍ଜାପୁର ରାସ୍ତା ପାଲଟିଛି ମରଣଯନ୍ତା

**କେନ୍ଦ୍ରାପଡା, ୭।୧୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଗଇଦୁଆ, ପିଙ୍ଗଳ, ତନାର ଏବଂ ବାରୋ ଗ୍ରାମର ଗ୍ରାମବାସୀ ମାନେ ଆଜି ଅତିରିକ୍ତ ଜିଲ୍ଲାପାଳଙ୍କୁ ଏକ ଲିଖିତ ଅଭିଯୋଗ ଦେଇଛନ୍ତି ଓ କୋର ମିର୍ଜା କାମକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି କୋରୋ ସମିତି ସଭ୍ୟ ।

**ଅତିରିକ୍ତ ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ଗ୍ରାମବାସୀ**

କୋର ମିର୍ଜାପୁର ରାସ୍ତା କାର୍ଯ୍ୟ ୭ ରୁ ୮ ମାସ ନପୂରୁଣୁ ରାସ୍ତା ଫାଟି ଖାଲ ହୋଇଗଲାଣି ଓ ଚାରି ପାଞ୍ଚ ଗୋଟି ପଞ୍ଚାୟତ ବାସି ଉକ୍ତ ରାସ୍ତାକୁ ନିର୍ଭର କରି ମେଡିକାଲ ଠାରୁ ଆରମ୍ଭ କରି ବଜାର ଘାଟକୁ ଆସିଥାନ୍ତି । କିନ୍ତୁ ବ୍ୟତିକ୍ରମ ବିଷୟ ଯେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଚାଲିଥିବା ରାସ୍ତା କାର୍ଯ୍ୟ ଅତି ନିମ୍ନ ମାନର ହେଉଥିବା ବେଳେ ସ୍ଥାନୀୟ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଉକ୍ତ ବିଷୟ ରେ ବିଭାଗକୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ଯନ୍ତ୍ରୀ କିମ୍ବା ଅନ୍ୟ ଅଧିକାରୀ ମାନେ ଟିକେବି କର୍ଣ୍ଣପାତ କରୁନାହାନ୍ତି ବୋଲି ଲୋକେ ଆଜି ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି ।



## ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଲେ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ସଦସ୍ୟ

**ମହାକାଳପଡ଼ା, ୭।୧୨ (ସଂଚାର ବ୍ୟୁରୋ) :** ମହାକାଳପଡ଼ା ୟୁଥ୍ ଗ୍ରୁପ୍ ପରିବାର ତରଫରୁ ଶୁକ୍ରବାର ବରକନ୍ଧା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ତେନ୍ତୁଳି କନ୍ଧା ଗ୍ରାମର ଏକ ଶ୍ରଦ୍ଧାଞ୍ଜଳୀ ସଭାରେ ସଦସ୍ୟମାନେ ଯୋଗଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମହାକାଳପଡ଼ା ୟୁଥ୍ ଗ୍ରୁପ୍ ସଦସ୍ୟ ସାଗର ରାଉତଙ୍କ ମାଆ ହାରାମଣି ରାଉତଙ୍କ ଗତ ୨୭ ତାରିଖରେ ଦେହାନ୍ତ ହୋଇଥିଲା। ତାଙ୍କର ନିମନ୍ତ୍ରଣ କ୍ରମେ ଶୁକ୍ରବାର ମହାକାଳପଡ଼ା ୟୁଥ୍ ଗ୍ରୁପ୍ ପରିବାରର ସଦସ୍ୟ ମାନେ ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁନିଲ୍ ଗନ୍ତାୟତ,ଅମର ଲେଙ୍କା, ପ୍ରକାଶ ସୂତାର, ପ୍ରଭାତ ରଞ୍ଜନ ଜେନା, ହେମନ୍ତ ସ୍ୱାଇଁ, ଚିତ୍ତରଞ୍ଜନ ଦାସ, ଅମୂଲ୍ୟ ରାଉତ, ଚନ୍ଦନ ପାଇଟାଳ, ପ୍ରିତିରଞ୍ଜନ ରାଉତ, ମନୋରଞ୍ଜନ ରାଉତ, ହରେକୃଷ୍ଣ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



## ଅକାଳରେ ଚାଲିଗଲା ରୋଜଗାରିଆ ପୁଅ

**କେନ୍ଦ୍ରାପଡା, ୭।୧୨ (ସଂଚାର ବ୍ୟୁରୋ):** ଅକାଳରେ ପୁଅର ଜୀବନ ଚାଲିଗଲା ପରେ କାନ୍ଦ ବୋବାଳି ଫାଟିପଡ଼ିଛି ପୁରା ଗାଁ । କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଗାଙ୍ଗପଡା ପଞ୍ଚାୟତ ଗାଙ୍ଗପଡା ଗ୍ରାମର ସୁଦର୍ଶନ ଜେନାଙ୍କ ପୁଅ ମହେନ୍ଦ୍ର ଜେନାଙ୍କ ଅକାଳ ବିୟୋଗରେ ପରିବାର ଲୋକେ ଭାଙ୍ଗି ପଡିଛନ୍ତି। ଗତ ତିନିଦିନ ତଳେ ମଧ୍ୟାହ୍ନରେ ଖାଇବା ପରେ ପୁଅ ମହେନ୍ଦ୍ରଙ୍କର ବାନ୍ତି ହୋଇଥିଲା। ପ୍ରଥମେ ତାଙ୍କୁ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଇଥିଲା। ମହେନ୍ଦ୍ରଙ୍କ ଅବସ୍ଥା ଗୁରୁତର ହେବାରୁ ଅଧିକ ଚିକିତ୍ସାପାଇଁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତରିତ କରାଯଇଥିଲା। ହେଲେ ପରିବାର ଲୋକେ ମହେନ୍ଦ୍ରଙ୍କୁ ଭୁବନେଶ୍ୱର ସମ୍ ହସ୍ପିଟାଲରେ ଚିକିତ୍ସା କରାଇଥିଲେ। ତିନିଦିନ ଧରି ଚିକିତ୍ସା ହେବା ପରେ ଗତ ରାତିରେ ମହେନ୍ଦ୍ରଙ୍କ ହସ୍ପିଟାଲରେ ମୃତ୍ୟୁ ଘଟିଥିଲା।

ସରପଞ୍ଚ ଅଶ୍ୱିନୀ କୁମାର ପାତ୍ରଙ୍କ ଆର୍ଥିକ ସହାୟତା ଓ ସାହି ପଡିଶାଙ୍କ ସହାୟତାରେ ଗାଁ ମଶାଣିରେ ମହେନ୍ଦ୍ରଙ୍କ ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଛି। ସୁଦର୍ଶନଙ୍କର ଦୁଇ ଝିଅ ଘରେ ଅଛନ୍ତି। ବାପା ସୁଦର୍ଶନ ଏ ବୁଢ଼ା ବୟସରେ କଣ ରୋଜଗାର କରିବେ ପରିବାର ପତିପୋଷଣ କରିବା ସହିତ ପୁଅ ଶୁଦ୍ଧିକ୍ରିୟା କରିବା ସମ୍ଭବପର ନୁହେଁ। ଏଥିପାଇଁ ସରପଞ୍ଚ ଅଶ୍ୱିନୀ କୁମାର ପାତ୍ର ଓ ଗାଙ୍ଗପଡା ପଞ୍ଚାୟତର ସମାଜସେବୀ ରଞ୍ଜନ କୁମାର ସାହୁ ଓ ବୁଦ୍ଧିଜୀବୀ ସାଧାରଣରେ ଦାବୀ କରିଛନ୍ତି। ଯାହାକୁ ନେଇ ସମଗ୍ର ପଞ୍ଚାୟତରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

## ସଡ଼କ ଦୁର୍ଘଟଣାରେ ସମାଜସେବୀଙ୍କ ମୃତ୍ୟୁ

**ପଟ୍ଟାମୁଣ୍ଡାଇ, ୭।୧୨ (ସଂଚାର ବ୍ୟୁରୋ) :** ପଟ୍ଟାମୁଣ୍ଡାଇ ପୌର ପରିଷଦ ୧୧ନଂ ୱାର୍ଡ ମୁସଲମାନବସ୍ତିର ବିଶିଷ୍ଟ ସମାଜସେବୀ ସଂଖ୍ୟାଲଘୁ ନେତା ସେକ ତଇତୁଲ୍ଲାଙ୍କ ଗତକାଲି ସଡ଼କ ଦୁର୍ଘଟଣାରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୬୦ ବର୍ଷ ବୟସ ହୋଇଥିଲା । ସେ ଜଣେ ମିଷ୍ଟଭାଷୀ ପରୋପକାରୀ ବ୍ୟକ୍ତି ଭାବେ ସାଧାରଣରେ ପରିଚିତ ଥିଲେ । ଜଣେ ଉଦୀୟମାନ କ୍ରୀଡାବିତ ଭାବେ ସମଗ୍ର ଜିଲ୍ଲାରେ ସୁନାମ ଅର୍ଜନ କରିଥିଲେ । ତାଙ୍କ ମର ଶରୀରକୁ ଶୋଭାଯାତ୍ରାରେ ପଟ୍ଟାମୁଣ୍ଡାଇ ବଜାର ପରିକ୍ରମା କରାଯାଇ ମୁସଲମାନବସ୍ତିକୁ ନିଆଯାଇଥିଲା । ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସ୍ଥାନୀୟ ଇଦ ଗାହା ପଡିଆରେ ଆୟୋଜିତ ଶେଷ ପ୍ରାର୍ଥନା ସଭାରେ ସେକ ମୋଇଉଦ୍ଦିନ, ସେକ ଅବଦୁଲ ବାରୀ ସେକ ସରାତୁଲ୍ଲା, ସେକ ଇସ୍ମାଇଲ ପ୍ରମୁଖ ମାନ୍ୟଗଣ୍ୟ ବ୍ୟକ୍ତି ଓ ଶତାଧିକ ମୁସଲମାନମାନେ ସାମିଲ ହୋଇଥିଲେ । ତାଙ୍କ ଅକାଳ ବିୟୋଗରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ, ବ୍ଲକ ବିଜେଡି ସଭାପତି କିଶୋର ସାହୁ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, କାଉନସିଲର ସାନିଆ ପରମିନ, ବରିଷ୍ଠ ନେତା ଅମୂଲ୍ୟ ପ୍ରଧାନ, ସଂଖ୍ୟାଲଘୁ ସଂଗଠକ ଏମ ଡି ପପୁ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ତାଙ୍କ ଅକାଳ ବିୟୋଗରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳି ଯାଇଛି ।

# ଭାଗବତ ବାବୁ ଥିଲେ କେନ୍ଦ୍ରାପଡ଼ାର ବିକାଶ ପୁରୁଷ

**କେନ୍ଦ୍ରାପଡା, ୭।୧୨ (ସଂଚାର ବ୍ୟୁରୋ) :** କେନ୍ଦ୍ରାପଡା ଜନମାନସର ନେତା, ଓଡିଶାର ଅମ୍ଳାନ ପ୍ରତିଭା ଯଶସ୍ୱୀ ରାଜନେତା, ବିଶିଷ୍ଟ ଜନନେତା, ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଭାଗବତ ପ୍ରସାଦ ମହାନ୍ତିଙ୍କ ପଞ୍ଚମ ଶ୍ରାଦ୍ଧ ଦିବସ ଅବସରରେ ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟ ପକ୍ଷରୁ ଜିଲ୍ଲା ସଂସ୍କୃତି ଭବନରେ ଏକ ସ୍ମୃତି ସମାରୋହ ଶନିବାର ଅନୁଷ୍ଠିତ ହୋଇଯାଇଛି । ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟ ପରିଚାଳନା ପରିଷଦର ସଭାପତି ସୁଜିତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସ୍ମୃତି ସମାରୋହ ରେ ଲୋକସେବକ ମଣ୍ଡଳ ଓଡିଶା ଶାଖାର ମୁଖ୍ୟ ସଂଯୋଜକ ସୁରେଶ ଚନ୍ଦ୍ର ମନ୍ତ୍ରୀ, ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକ, ବିଶିଷ୍ଟ ଶିକ୍ଷାବିତ ଗନ୍ଧର୍ବ ନାୟକ ଓ ଆମେରିକାସ୍ଥିତ ଆଲାସ୍କା ବିଶ୍ୱବିଦ୍ୟାଳୟର ଏମରିଟସ ପ୍ରଫେସର ଡ. ଦେବେନ୍ଦ୍ର କୁମାର ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ସ୍ୱର୍ଗତ ମହାନ୍ତି ଥିଲେ ସମାଜବାଦୀ ଆନ୍ଦୋଳନ ର ଅନ୍ୟତମ ପ୍ରବକ୍ତା । କେନ୍ଦ୍ରାପଡାରେ ଅର୍ବାନ ବ୍ୟାଙ୍କ, ଆଇନ କଲେଜ, ଆୟବା ସରକାରୀ ବିଜ୍ଞାନ କଲେଜ, ବାଇପାସ ରାସ୍ତା, ସାତଭଉଣୀ ପୋଲ ଓ ଗଣ୍ଡାକିଆ ପୋଲ ନିର୍ମାଣ, ତିନିମୁହାଣୀରେ ମାର୍କେଟ କମ୍ପ୍ଲେକ୍ସ ଗୃହ ନିର୍ମାଣ, କଜଳାରେ ସ୍ୱର୍ଗଦ୍ୱାର ନିର୍ମାଣ ପ୍ରଭୃତି ତାଙ୍କର ଗୋଟିଏ ଗୋଟିଏ ମାଇଲ ଖୁଣ୍ଟ । ଗୋଟିଏ ବାକ୍ୟରେ କହିବାକୁ ଗଲେ ଭାଗବତବାବୁ କେନ୍ଦ୍ରାପଡାର ବିକାଶ ପୁରୁଷ ଥିଲେ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । କେନ୍ଦ୍ରାପଡା ପାଇଁ ତାଙ୍କର ଅବଦାନ ଚିରସ୍ମରଣୀୟ ହୋଇ ରହିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଏଥିସହିତ ସ୍ୱର୍ଗତ ମହାନ୍ତିଙ୍କ ଜୀବନାଦର୍ଶ, ସଂସ୍କାରମୂଳକ କାର୍ଯ୍ୟ, ସାମାଜିକ ତଥା ବିକାଶ ମୂଳକ କାର୍ଯ୍ୟ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ । ଜଣେ ଆଇନଜ୍ଞ ଭାବରେ ଉଚ୍ଚମାନର ବିଚାରକ ଓ ବୁଦ୍ଧିଜୀବୀ ତିଆରି କରିବା ପାଇଁ ଏହି ଅଂଚଳର ସୁନାମଧନ୍ୟ ଆଇନଜୀବୀ ଦୀନବନ୍ଧୁ ସାହୁଙ୍କ ନାମରେ ଆଇନ ମହାବିଦ୍ୟାଳୟ ପ୍ରତିଷ୍ଠା କରି ଏହି ଜିଲ୍ଲାର ତଥା ଆଖପାଖ ଅଂଚଳର ବହୁ ଛାତ୍ରଛାତ୍ରୀ ମାନଙ୍କୁ ଉଦବୁଦ୍ଧ କରିଯାଇଛନ୍ତି । ତାଙ୍କର ତ୍ୟାଗ, ନିଷ୍ଠା ଓ ପରୋପକାରିତା ସମସ୍ତଙ୍କ ପାଇଁ ଚିରସ୍ମରଣୀୟ ହୋଇ ରହିବା ସହ ପ୍ରେରଣା ପ୍ରଦାନ କରିବ ବୋଲି ଅତିଥିମାନେ କହିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ପରିଚାଳନା ପରିଷଦ ସଭ୍ୟ ଗୌତମ କୁମାର ପଟ୍ଟନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅମ୍ରିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ଫକିର ଚରଣ ଖଟୁଆ, ବିଜେଡି ନେତା ରବି ସାମଲ, ଅଧ୍ୟାପକ ଅଜୟ ରାଉତ, ଡା. ବିଶ୍ୱପ୍ରକାଶ କାନୁନଗୋ, ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗୁରୁ ପ୍ରସାଦ ମହାନ୍ତି, ଜିଲ୍ଲା ପ୍ରତିଭା ପୂଜା ସଂସଦ ସଭାପତି ପ୍ରଦିପ କୁମାର ମହାନ୍ତି, ଜିଲ୍ଲା ଯୁବ ବିଜେଡି ସଭାପତି ରାଜେଶ ଦାସ, ସୁଶିଲ ସାମଲ, ବସନ୍ତ କୁମାର ସେଠୀ, ସଂଗ୍ରାମ ମଲ୍ଲିକ, ବିଧୁ ଭୂଷଣ ମହାପାତ୍ର, ରାଜକିଶୋର ମହାନ୍ତି, ସଂଜୟ ପ୍ରମୁଖ ବହୁ ବିଶିଷ୍ଟବ୍ୟକ୍ତି ସ୍ୱର୍ଗତ ମହାନ୍ତିଙ୍କ ଗୁଣାବଳୀ ବର୍ଣ୍ଣନା କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଆଇନ ମହାବିଦ୍ୟାଳୟ ର ଅଧ୍ୟକ୍ଷ ଡ଼ ରବୀନ୍ଦ୍ର କୁମାର ବଳଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳନା କରାଯଇଥିଲା ।



ପୂର୍ବତନ ମନ୍ତ୍ରୀ ଭାଗବତ ପ୍ରସାଦ ମହାନ୍ତିଙ୍କ ୫ମ ସ୍ମୃତି ସମାରୋହ

# ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ

## ଏକବିଂଶ ଶତାବ୍ଦୀର ସମାଜ ଜ୍ଞାନ ଦ୍ୱାରା ପରିଚାଳିତ



**ଭୁବନେଶ୍ୱର,୭।୧୨(ସଂଚାର ବ୍ୟୁରୋ):** ଏକବିଂଶ ଶତାବ୍ଦୀର ସମାଜ ଜ୍ଞାନ ଦ୍ୱାରା ପରିଚାଳିତ ଏକ ସମାଜ ହେବ। ଚଳିତ ଡ଼ିସେମ୍ବର ୭ ତାରିଖ ଦିନ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର ଦ୍ୱାଦଶ ସମାବର୍ତ୍ତନ ଉତ୍ସବକୁ ଉଦ୍‌ଘାଟନ କରି ମାନ୍ୟବର ରାଜ୍ୟପାଳ ରଘୁବର ଦାସ ଏହା କହିଛନ୍ତି। ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ଯେଉଁ ରାଷ୍ଟ୍ରରେ ଜ୍ଞାନର ପୁଞ୍ଜି ଅଛି ସେହି ରାଷ୍ଟ୍ର ଅଗ୍ରଗତି କରିବାକୁ ସେତିକି ସମର୍ଥ। ଏଣୁ ଛାତ୍ରଛାତ୍ରୀମାନେ କଠିନ ଅଧ୍ୟବ୍ୟସାୟ କରି ଜ୍ଞାନର ପରିସର ବିସ୍ତାରିତ କରିବା ସହିତ ନିଜ ନିଜ କ୍ଷେତ୍ରରେ ଉତ୍କର୍ଷତା ହାସଲ କରିବାକୁ ଆହ୍ୱାନ ଜଣାଇଥିଲେ। ସମାବର୍ତ୍ତନ ଉତ୍ସବ ଛାତ୍ରଛତ୍ରୀମାନଙ୍କ ଜୀବନରେ ଏକ ନୂତନ ଅଧ୍ୟାୟ ଆରମ୍ଭର ଅବସର ଆଣେ। ସ୍ନାତକମାନେ ମନରେ ନିଜ ପାଇଁ ଏକ ଭବିଷ୍ୟତ ଆଙ୍କି ସାରିଥିବେ। ତେଣୁ ଆଜି କେବଳ ସଫଳତାର ଦିନ ନୁହେଁ ବରଂ ଆକାଂକ୍ଷାର ଦିନ ମଧ୍ୟ। ଏକ ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତର ଦିଗ ଯୁବ ଶକ୍ତିର ଆକାଂକ୍ଷା ଉପରେ ସ୍ଥିର ହେବାକୁ ଯାଉଛି ବୋଲି ରାଜ୍ୟପାଳ କହିଥିଲେ। ଏତଦ୍‌ବ୍ୟତୀତ ଯୁବ ସଶକ୍ତିକରଣ ପାଇଁ ବୈଷୟିକ ଶିକ୍ଷାର ବହୁଳ ପ୍ରୟୋଗ ସହିତ ଦକ୍ଷତା ବିକାଶ ଉପରେ ରାଜ୍ୟପାଳ ଶ୍ରୀ ଦାସ ଗୁରୁତ୍ୱ ଆରୋପ କରିଥିଲେ। ସୁପ୍ରିମକୋର୍ଟର ମାନ୍ୟବର ନ୍ୟାୟାଧୀଶ ଜଷ୍ଟିସ୍ ଶ୍ରୀ ସନ୍ଦୀପ ମେହେଟ୍ଟା ଏହି ସମାରୋହରେ ଉଦ୍‌ବୋଧନ ଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଇଣ୍ଡିଆନ୍ ସ୍ପେସ୍ ରିସର୍ଚ୍ଚ ଅର୍ଗାନାଇଜେନର ଚେୟାରମ୍ୟାନ ଡ଼. ଶ୍ରୀଧର ପାନିକର ସୋମନାଥ ଅନ୍ୟତମ ଅତିଥିଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ବିଶ୍ୱବିଦ୍ୟାଳୟର ଭାଇସ୍-ଚ୍ୟାନସେଲର ଡ଼. ସୁପ୍ରିୟା ପଟ୍ଟନାୟକ ବିବରଣୀ ଉପସ୍ଥାପନ କରିଥିଲେ। ବିଶ୍ୱବିଦ୍ୟାଳୟର ସଭାପତି ପ୍ରଫେସର ଡ଼. ମୁକ୍ତିକାନ୍ତ ମିଶ୍ର, ଉପସଭାପତି ପ୍ରଫେସର ଡ଼.ଏନ୍ ରାଓ, ବିଶ୍ୱ ବିଦ୍ୟାଳୟର ରେଜିଷ୍ଟ୍ରାର ଡ଼. ଅନୀତା ପାତ୍ର ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଏହି ଅବସରରେ ବିଭିନ୍ନ ବିଷୟରେ ଉତ୍କର୍ଷତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ସମ୍ମାନରେ ସମ୍ମାନିତ କରଯାଇଥିଲା।

# ଓଡ଼ିଶାରେ ଡବଲ ଇଞ୍ଜିନର ଡବଲ ସ୍ପିଡ୍

## କଟକ ଷ୍ଟେସନରେ ଖୋଲିଲା ଦ୍ୱିତୀୟ ପ୍ରବେଶ ଦ୍ୱାର




**ଭୁବନେଶ୍ୱର,୭।୧୨(ସଂଚାର ବ୍ୟୁରୋ):** ରେଳବାଇ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ସନ୍ଧ୍ୟାରେ କଟକ ରେଳ ଷ୍ଟେସନର ୨ୟ ପ୍ରବେଶ ଦ୍ୱାରକୁ ଉଦ୍‌ଘାଟନ କରି ଅମୃତ ଷ୍ଟେସନ୍ ଯୋଜନା ଅନ୍ତର୍ଗତ ଷ୍ଟେସନର ପୁନର୍ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟକୁ ଚିହ୍ନିତ କରିଛନ୍ତି । ପୂର୍ବପାର୍ଶ୍ୱ ଷ୍ଟେସନ ଭବନ ସହିତ ଏହି ନୂତନ ପ୍ରବେଶ, ଯାତ୍ରୀ ମାନଙ୍କ ଯାତାୟାତରେ ଉନ୍ନତ କରିବାକୁ, ଆଧୁନିକ ସୁବିଧା, ନିରାପତ୍ତା ଏବଂ ପରିଷେବା ପ୍ରଦାନ କରିବାକୁ ସ୍ଥିର ହୋଇଛି । ୨ୟ ପ୍ରବେଶ ଦ୍ୱାର ଜାତୀୟ ରାଜପଥ ପାର୍ଶ୍ୱରୁ ଆସୁଥିବା ଯାତ୍ରୀମାନଙ୍କ ପାଇଁ ନିରନ୍ତର ଗତି ଯୋଗାଇବା ପାଇଁ ଡିଜାଇନ୍ କରାଯାଇଛି, ଯାହା ଷ୍ଟେସନକୁ ଯାତାୟାତ ପାଇଁ ଅଧିକ ସୁଗମ କରିଥାଏ ଏବଂ ସହଜ ପ୍ରବେଶ ସୁନିଶ୍ଚିତ କରିଥାଏ । ୩୦୩ କୋଟି ଟଙ୍କାର ଏହି ବିକାଶ ଏକ ଉଚ୍ଚକୋଟୀର ପ୍ରକଳ୍ପର ଏକ ଅଂଶ ଯାହାକି କଟକ ରେଳ ଷ୍ଟେସନକୁ ବିଶ୍ୱ ସ୍ତରୀୟ ସୁବିଧା ସହିତ ଏକ ଆଧୁନିକ ପରିବହନ ହବରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛି ।

### ବାଲେଶ୍ୱର ରେଳ ଷ୍ଟେସନରେ ନବନିର୍ମିତ ପାଦଚଲା ଓଭରବ୍ରିଜ




କେନ୍ଦ୍ର ରେଳ ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ବାଲେଶ୍ୱର ରେଳ ଷ୍ଟେସନ ଠାରେ ତିନି ଫୁଟ ଚଉଡ଼ା ଏକ ନବନିର୍ମିତ ପାଦ ଚଲା ଓଭରବ୍ରିଜକୁ ଉଦଘାଟନ କରିଛନ୍ତି। ଗତ ଫେବୃଆରୀ ମାସରେ ରେଳ ମନ୍ତ୍ରୀଙ୍କ ଗସ୍ତ ପରେ ଏହି ପାଦଚଲା ଓଭରବ୍ରିଜ୍‌କୁ ମଞ୍ଜୁର କରାଯାଇଥିଲା। ବର୍ତ୍ତମାନ ୩କୋଟିରୁ ଅଧିକ ଟଙ୍କା ବ୍ୟୟରେ ଏହାର ନିର୍ମାଣ କରାଯାଇଛି। ଚଳିତ ମାସ ଏହାର ନିର୍ମାଣ କାମ ଶେଷ ହୋଇଥିଲା। ଏହି ଅବସରରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ, ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଦକ୍ଷିଣ ପୂର୍ବ ରେଳବାଇ ସର୍ବଦା ଅତିରିକ୍ତ ଯାତ୍ରୀ ସୁବିଧା ଯୋଗାଇଦେବା ପାଇଁ ପଦକ୍ଷେପ ନେଇଛି।

## ପ୍ରୟାଗରାଜ ମହାକୁମ୍ଭକୁ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ




**ଭୁବନେଶ୍ୱର,୭।୧୨(ସଂଚାର ବ୍ୟୁରୋ):** ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥ ଆସନ୍ତା ବର୍ଷ ପ୍ରୟାଗରାଜରେ ଅନୁଷ୍ଠିତ ହେଉଥିବା ମହା କୁମ୍ଭ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ନିମନ୍ତ୍ରଣ ଦେଇଛନ୍ତି।

ଆଜି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଉତ୍ତର ପ୍ରଦେଶର ଶ୍ରମ ଓ ନିଯୋଜନ ମନ୍ତ୍ରୀ ଅନୀଲ ରାଜଭର ଏବଂ ଖାଦ୍ୟ ଓ ଯୋଗାଣ ରାଷ୍ଟ୍ର ମନ୍ତ୍ରୀ ସତୀଶ ଚନ୍ଦ୍ର ଶର୍ମା ଆଜି ମୁଖ୍ୟମନ୍ତ୍ରୀ ମାଝୀଙ୍କୁ ତାଙ୍କ ବାସ ଭବନରେ ଭେଟି ମହାକୁମ୍ଭ ରେ ଯୋଗ ଦେବା ପାଇଁ ନିମନ୍ତ୍ରଣ ଦେଇଥିଲେ। ମହା କୁମ୍ଭ ୨୦୨୫ ଜାନୁଆରୀ ୧୩ ତାରିଖରୁ ଫେବୃଆରୀ ୨୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ମନ୍ତ୍ରୀ ଦୁଇ ଜଣ ମୁଖ୍ୟମନ୍ତ୍ରୀଙ୍କୁ ଗଙ୍ଗା ଜଳରେ ପରିପୂର୍ଣ୍ଣ ଏକ ଶୁଭ କଳସ ଏବଂ ମହାକୁମ୍ଭର ଏକ ଲୋଗୋ ମଧ୍ୟ ପ୍ରଦାନ କରିଥିଲେ। ଏହି ନିମନ୍ତ୍ରଣ ସମୟରେ ରାଜ୍ୟ ଭାଷା, ସାହିତ୍ୟ ଓ ସଂସ୍କୃତି, ଉଚ୍ଚ ଶିକ୍ଷା ତଥା କ୍ରୀଡ଼ା ମନ୍ତ୍ରୀ ସୂରଜ୍ ସୂର୍ଯ୍ୟବଂଶୀ ଉପସ୍ଥିତ ଥିଲେ।

## ଅଚ୍ୟୁତଙ୍କୁ ୬୨ତମ ସମ୍ମାନସୂଚକ ଡକ୍ଟରେଟ୍




**ଭୁବନେଶ୍ୱର,୭।୧୨(ସଂଚାର ବ୍ୟୁରୋ):** ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ରାଜସ୍ଥାନର ପୂର୍ଣ୍ଣିମା ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଛି । ଶନିବାର ରାଜସ୍ଥାନସ୍ଥିତ ପୂର୍ଣ୍ଣିମା ବିଶ୍ୱବିଦ୍ୟାଳୟର ୧୧ତମ ସମାବର୍ତ୍ତନ ସମାରୋହ ଅବସରରେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଏହା ହେଉଛି ଅଚ୍ୟୁତ ସାମନ୍ତଙ୍କ ୬୨ତମ ସମ୍ମାନସୂଚକ ଡକ୍ଟରେଟ୍। ଶିକ୍ଷା ଜରିଆରେ ସମାଜର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିବା ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି। ଏହି ସମ୍ମାନ ଗ୍ରହଣ କରି ଶ୍ରୀ ସାମନ୍ତ କହିଛନ୍ତି, ବିଗତ ୩୩ବର୍ଷ ଧରି ମୁଁ ନିରନ୍ତର ସମାଜସେବା କରିଆସୁଛି । ଏହି ୬୨ତମ ସମ୍ମାନସୂଚକ ଡକ୍ଟରେଟ୍ ନିଶ୍ଚିତ ଭାବେ ସବୁଦିନ ପାଇଁ ସ୍ମୃତି ହୋଇ ରହିବ । ଏହା ପୂର୍ବରୁ ସମାଜସେବା ଓ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ବିଶ୍ୱର ବିଭିନ୍ନ ଦେଶର ବହୁ ସମ୍ମାନଜନକ ବିଶ୍ୱବିଦ୍ୟାଳୟ ଓ ପ୍ରତିଷ୍ଠିତ ଅନୁଷ୍ଠାନ ପକ୍ଷରୁ ଶ୍ରୀ ସାମନ୍ତଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଡ଼ିଗ୍ରୀ ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମରେ ଭାଇସ୍ ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ ଲ୍ୟୁଟ୍‌ନାଣ୍ଟ ଜେନେରାଲ୍ ଏନ୍ ଏସ୍ ରାଜା ସୁବ୍ରମଣି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଶ୍ୱବିଦ୍ୟାଳୟର କୁଳପତି ଡ. ସୁରେଶ ଚନ୍ଦ୍ର ପାଢ଼ିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

## 'ଲୋକ ସେବା ଉତ୍ସବ' କାର୍ଯ୍ୟକ୍ରମକୁ ସମ୍ବୋଧିତ କଲେ ଶାହ



**ନୂଆଦିଲ୍ଲୀ,୭।୧୨:** କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ଆଜି ଅହମ୍ମଦାବାଦଠାରେ ଗୁଜୁରାଟ ଲୋକସେବା ଟ୍ରଷ୍ଟ ଦ୍ୱାରା ଆୟୋଜିତ 'ଲୋକ ସେବା ଉତ୍ସବ' କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇଥିଲେ। ଶ୍ରୀ ଅମିତ ଶାହ ତାଙ୍କ ଅଭିଭାଷଣରେ କହିଥିଲେ ଯେ ଆଜି ଗୁଜରାଟ ଲୋକସେବା ଟ୍ରଷ୍ଟ ୩୪ ବର୍ଷ ପୂରଣ କରିଛି ଏବଂ ଏହାର ୩୫ତମ ବର୍ଷରେ ପ୍ରବେଶ କରୁଛି। ସେ କହିଥିଲେ ଯେ ଯେଉଁ ସଂଗଠନ ୩୫ ବର୍ଷ ଧରି ଏକ ଉଦ୍ଦେଶ୍ୟରେ ନିରନ୍ତର ଭାବରେ କାର୍ଯ୍ୟ କରୁଛି ତାହା ପ୍ରଶଂସାର ଯୋଗ୍ୟ। କେନ୍ଦ୍ର ଗୃହମନ୍ତ୍ରୀ କହିଥିଲେ ଯେ ଜ୍ଞାନ କେବଳ କିଛି ଅକ୍ଷରରେ ଅନ୍ତର୍ଭୁକ୍ତ ଏବଂ ପ୍ରକୃତ ଜ୍ଞାନ ନିଜଠାରୁ ଅନ୍ୟକୁ ପ୍ରଦାନ କରିବା ଏବଂ ନିଜ ଆଗରେ ଅନ୍ୟର କଲ୍ୟାଣକୁ ପ୍ରାଥମିକତା ଦେବାରେ ହିଁ ରହିଛି। ଜନସେବା ଓ କଲ୍ୟାଣ କାର୍ଯ୍ୟରେ ନିୟୋଜିତ ବ୍ୟକ୍ତିମାନେ ବୁଝନ୍ତି ଯେ ଅନ୍ୟମାନଙ୍କ ପାଇଁ କାମ କରିବା ଦ୍ୱାରା ହିଁ ସବୁଠାରୁ ଅଧିକ ଆତ୍ମସନ୍ତୋଷ ମିଳିଥାଏ ବୋଲି ସେ କହିଛନ୍ତି। ଅନ୍ୟର ସେବା କରିବାର ପ୍ରବୃତ୍ତି ହିଁ ବ୍ୟକ୍ତିର ମନ, ଆତ୍ମା ଓ ବୁଦ୍ଧିକୁ ଶାନ୍ତି ଦେଇଥାଏ ବୋଲି ଶ୍ରୀ ଶାହ କହିଛନ୍ତି। ଶ୍ରୀ ଅମିତ ଶାହ କହିଥିଲେ ଯେ ଗତ ୩୪ ବର୍ଷ ମଧ୍ୟରେ ଲୋକସେବା ଟ୍ରଷ୍ଟ ଅସହାୟ ଛାତ୍ରଛାତ୍ରୀଙ୍କୁ ସାହାଯ୍ୟ କରିବା, ଭିନ୍ନକ୍ଷମଙ୍କୁ ସାହାଯ୍ୟ ଓ ସହାୟତା କରିବା, ରୋଗୀଙ୍କୁ ଚିକିତ୍ସା ସହାୟତା ଯୋଗାଇବା ଏବଂ ଲୋକଙ୍କୁ ସେମାନଙ୍କ ଘରେ ପହଞ୍ଚି ପ୍ରାୟ ସମସ୍ତ ସରକାରୀ ଯୋଜନା ସହିତ ଯୋଡ଼ିବା ଭଳି କାର୍ଯ୍ୟକ୍ରମ ମାଧ୍ୟମରେ ପାଞ୍ଚ ଲକ୍ଷରୁ ଅଧିକ ହିତାଧିକାରୀଙ୍କ ଜୀବନରେ ପରିବର୍ତ୍ତନ ଆଣିଛି।

## ଯକ୍ଷ୍ମା ନିରାକରଣ ଅଭିଯାନର ଶୁଭାରମ୍ଭ କଲେ ନଡ୍ଡା

# ୨୦୧୫ରେ ଦେଶରେ ଯକ୍ଷ୍ମା ୮.୩% ହ୍ରାସ



**ନୂଆଦିଲ୍ଲୀ,୭।୧୨:** ଭାରତର ଯକ୍ଷ୍ମା ଦୂରୀକରଣ ପ୍ରୟାସରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ଜଗତ ପ୍ରକାଶ ନଡ୍ଡା ଆଜି ହରିୟାଣାର ପଞ୍ଚକୁଲାରେ ୧୦୦ ଦିନିଆ ସଘନ ଯକ୍ଷ୍ମା ଦୂରୀକରଣ ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ହରିୟାଣା ମୁଖ୍ୟମନ୍ତ୍ରୀ ଶ୍ରୀ ନାଏବ ସିଂ ସୈନୀ ଏବଂ ସ୍ୱାସ୍ଥ୍ୟ ମନ୍ତ୍ରୀ ଆରତୀ ସିଂ ରାଓ ଉପସ୍ଥିତ ଥିଲେ। କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପ୍ରତାପ ରାଓ ଯାଧବ ଏବଂ ଶ୍ରୀମତୀ ଅନୁପ୍ରିୟା ପଟେଲ ମଧ୍ୟ ଏହି କାର୍ଯ୍ୟକ୍ରମରେ ଭର୍ଚୁଆଲ ମାଧ୍ୟମରେ ଯୋଗ ଦେଇଥିଲେ। ସାରା ଦେଶର ୩୪୭ଟି ଜିଲ୍ଲାରେ କାର୍ଯ୍ୟକାରୀ ହେବାକୁ ଥିବା ଏହି ଅଭିଯାନର ଉଦ୍ଦେଶ୍ୟ ହେଉଛି, ବାଦ୍ ପଡ଼ିଥିବା ଯକ୍ଷ୍ମା ଆକ୍ରାନ୍ତ, ବିଶେଷ କରି ଅଧିକ ବିପଦ ଥିବା ଗୋଷ୍ଠୀଙ୍କୁ ଚିହ୍ନଟ କରିବା ଏବଂ ସେମାନଙ୍କର ଚିକିତ୍ସା ମାଧ୍ୟମରେ ଯକ୍ଷ୍ମା ଜନିତ ମୃତ୍ୟୁ ସଂଖ୍ୟାକୁ ଯଥେଷ୍ଟ ପରିମାଣରେ ହ୍ରାସ କରିବା। ଏହି ସମାବେଶକୁ ସମ୍ବୋଧିତ କରି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଯକ୍ଷ୍ମାକୁ ସମାପ୍ତ କରିବା ପାଇଁ ସରକାରଙ୍କ ଅତୁଟ ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ ଏବଂ କହିଥିଲେ ଯେ ଯକ୍ଷ୍ମା ମୁକ୍ତ ଭାରତର ଲକ୍ଷ୍ୟକୁ ଏକ ନୂଆ ଗତି ଦେବା ଉଦ୍ଦେଶ୍ୟରେ ଏହି ଅଭିଯାନ ଆରମ୍ଭ କରାଯାଇଛି। ଏହା ୧୦୦ ଦିନର ଏକ କେନ୍ଦ୍ରିତ ଅଭିଯାନ ହେବ ବୋଲି ଦର୍ଶାଇ ସେ କହିଥିଲେ ଯେ ୩୪୭ଟି ସର୍ବାଧିକ ପ୍ରଭାବିତ ଜିଲ୍ଲାରେ ଯକ୍ଷ୍ମା ରୋଗୀମାନଙ୍କୁ ଶୀଘ୍ର ଚିହ୍ନଟ କରିବା ଏବଂ ଚିକିତ୍ସା କରିବା ଏହାର ଉଦ୍ଦେଶ୍ୟ ହେବ। ଯକ୍ଷ୍ମା ବିରୋଧରେ ଲଢ଼େଇରେ ଦେଶର ଦୀର୍ଘ ସଂଘର୍ଷ ଉପରେ ଶ୍ରୀ ନଡ୍ଡା ଆଲୋକପାତ କରିଥିଲେ। ''ଏପରି ଏକ ସମୟ ଥିଲା ଯେତେବେଳେ ଯକ୍ଷ୍ମାକୁ ଏକ 'ମନ୍ଥର ମୃତ୍ୟୁ' ଭାବରେ ବିବେଚନା କରାଯାଉଥିଲା ଏବଂ ଏପରିକି ଯକ୍ଷ୍ମାରେ ଆକ୍ରାନ୍ତ ପରିବାର ସଦସ୍ୟମାନଙ୍କୁ ଏହାର ବିସ୍ତାରକୁ ରୋକିବା ପାଇଁ ପୃଥକ କରାଯାଉଥିଲା'', ବୋଲି ସେ କହିଥିଲେ । ୧୯୬୨ ମସିହାରୁ ଯକ୍ଷ୍ମା ବିରୋଧରେ ଅନେକ ଅଭିଯାନ ଚାଲି ଆସିଛି, କିନ୍ତୁ ୨୦୧୮ ମସିହାରେ, ମାନ୍ୟବର ପ୍ରଧାନମନ୍ତ୍ରୀ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟର ୨୦୩୦ ସମୟସୀମା ପୂର୍ବରୁ ଯକ୍ଷ୍ମାକୁ ସମାପ୍ତ କରିବା ପାଇଁ ଏକ ପରିକଳ୍ପନା କରିଥିଲେ।

# ଓଡ଼ିଶାରେ ନୋବେଲ ବିଜେତା କ୍ରେମର




**ଭୁବନେଶ୍ୱର,୭।୧୨(ସଂଚାର ବ୍ୟୁରୋ):** ଅର୍ଥନୀତି ବିଜ୍ଞାନରେ 'ବିଶ୍ୱ ଦାରିଦ୍ର୍ୟ ଦୂରୀକରଣ ପାଇଁ ପରୀକ୍ଷାମୂଳକ ଆଭିମୁଖ୍ୟ 'ଉପରେ କାର୍ଯ୍ୟ କରି ସମ୍ମାନଜନକ ନୋବେଲ ପୁରସ୍କାର ପାଇଥିବା ବିଶିଷ୍ଟ ଅର୍ଥନୀତିଜ୍ଞ ମାଇକେଲ କ୍ରେମର୍ ଓଡ଼ିଶା ଗସ୍ତରେ ଆସି ଆଜି ଲୋକସେବା ଭବନରେ ଆୟୋଜିତ ଏକ ବକ୍ତୃତା କାର୍ଯ୍ୟକ୍ରମରେ ଓଡ଼ିଶାର ପ୍ରଶାସନିକ ଅଧିକାରୀ, ଶିକ୍ଷାବିତ୍, ଛାତ୍ରଛାତ୍ରୀ ଓ ଗବେଷକମାନଙ୍କୁ ତାଙ୍କର ଗବେଷଣା ଏବଂ ପ୍ରୟୋଗାତ୍ମକ ଉପଲବ୍ଧି ଆଧାରରେ "ପରୀକ୍ଷାମୂଳକ ପଦ୍ଧତି, ଅଭିନବତ୍ୱ ଏବଂ ଅର୍ଥନୀତି" ଶୀର୍ଷକ ଏକ ଉପାଦେୟ ବକ୍ତୃତା ଉପସ୍ଥାପନ କରିଥିଲେ। ୨୦୧୯ ରେ ଅର୍ଥନୀତି ବିଜ୍ଞାନରେ ଏଷ୍ଟର ଡୁଫ୍ଲୋ ଏବଂ ଅଭିଜିତ୍ ବାନାର୍ଜୀଙ୍କ ସହିତ ନୋବେଲ ପୁରସ୍କାର ଯୁଗ୍ମ ବିଜେତା ହୋଇଥିବା ମାଇକେଲ କ୍ରେମର୍ ଅଧୁନା ଚିକାଗୋ ବିଶ୍ୱବିଦ୍ୟାଳୟରେ ଅର୍ଥନୀତି ପ୍ରଫେସର ଭାବେ ଡେଭଲପମେଣ୍ଟ ଇନୋଭେସନ ଲ୍ୟାବର ନିର୍ଦ୍ଦେଶନା ଦେଉଛନ୍ତି। ରାଜ୍ୟ ସରକାରଙ୍କ ଯୋଜନା ଓ ସଂଯୋଜନ ବିଭାଗ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ କାର୍ଯ୍ୟକ୍ରମରେ ନୋବେଲ ବିଜେତା ପ୍ରଫେସର କ୍ରେମାରଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ତାଙ୍କର ଅନନ୍ୟ ପ୍ରତିଭାର ସୂଚନା ଦେଇଥିଲେ। ପ୍ରଫେସର କ୍ରେମରଙ୍କ କାର୍ଯ୍ୟ ଶିକ୍ଷା, ସ୍ୱାସ୍ଥ୍ୟ, ଜଳ, ଅର୍ଥ, କୃଷି ସମେତ ଅଭିନବତ୍ୱ ଉପରେ ଗୁରୁତ୍ୱ ଦେଇଥାଏ। ସାମାଜିକ ଅଭିନବ ପାଣ୍ଠି ମାଧ୍ୟମରେ ଅଭିନବତ୍ୱକୁ ତ୍ୱରାନ୍ୱିତ କରିବା ପାଇଁ ଅନୁଷ୍ଠାନଗୁଡ଼ିକୁ କିପରି ଢାଞ୍ଚାରେ ଗଠନ କରାଯିବ, ସେ ବିଷୟରେ ମଧ୍ୟ ସେ ବିସ୍ତୃତ ଭାବରେ କାର୍ଯ୍ୟ କରିଛନ୍ତି।

> "ପରୀକ୍ଷାମୂଳକ ପଦ୍ଧତି, ଅଭିନବତ୍ୱ ଏବଂ ଅର୍ଥନୀତି" ଶୀର୍ଷକ ବକ୍ତୃତା ଉପସ୍ଥାପନ

## ୮ରେ ପ୍ରବାସୀ ଭାରତୀୟ ଦିବସ

# ସୁରକ୍ଷା ସମୀକ୍ଷା କଲା ପୋଲିସ



**ଭୁବନେଶ୍ୱର,୭।୧୨ (ସଂଚାର ବ୍ୟୁରୋ):** ଆଗାମୀ ଜାନୁଆରୀ ୮ ରୁ ୧୦ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଭୁବନେଶ୍ୱର ଜନତା ମଇଦାନରେ ଅନୁଷ୍ଠିତ ହେବାକୁ ଯାଉଛି ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ। ଏହି ଦିବସକୁ ଶୃଙ୍ଖଳିତ ତଥା ସୁଚାରୁରୂପେ ଆୟୋଜନ ପ୍ରସ୍ତୁତି ସଂପର୍କରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଡିଜିପି କ୍ୟାମ୍ପ କାର୍ଯ୍ୟାଳୟଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ତ୍ରିଦିବସୀୟ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ପୋଲିସ ବିଭାଗର ପ୍ରସ୍ତୁତି ସଂପର୍କରେ ବିଶଦ ଭାବେ ଆଲୋଚନା କରାଯାଇଥିଲା। ଏହି ସମ୍ମିଳନୀରେ କେନ୍ଦ୍ର ସରକାରଙ୍କ ବରିଷ୍ଠ ମନ୍ତ୍ରୀ, ଅତିଥି, ପ୍ରବାସୀ ଭାରତୀୟ ଏବଂ ବୈଦେଶିକ ବ୍ୟାପାର ବିଭାଗ ଅଧିକାରୀମାନଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିବିଶେଷ ଯୋଗ ଦେବେ। ଏହାକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ଆୟୋଜନ କରିବାକୁ ଡିଜିପି ଶ୍ରୀ ଖୁରାନିଆ ନିର୍ଦ୍ଦେଶ ଦେଇଛନ୍ତି। ଭିଭିଆଇପିଙ୍କ ନିମନ୍ତେ ସୁରକ୍ଷା ବ୍ୟବସ୍ଥା, ଜନତା ମଇଦାନ ଠାରେ କାର୍ଯ୍ୟକ୍ରମ ସ୍ଥଳରେ ଭି.ଭି.ଆଇ.ପି, ଅତିଥି, ପ୍ରବାସୀ ଭାରତୀୟ, ସ୍ଥାନୀୟ ଦର୍ଶକମାନଙ୍କ ବସିବା ବ୍ୟବସ୍ଥା, ଯାନବାହାନ ପାର୍କିଂ ସ୍ଥଳ, ଉତ୍ସବ ସ୍ଥଳରେ ସୁରକ୍ଷା ବ୍ୟବସ୍ଥା ସହ ଆନୁଷଙ୍ଗିକ ପ୍ରସ୍ତୁତି ସଂପର୍କରେ ବିସ୍ତୃତ ଭାବେ ସମୀକ୍ଷା କରିଥିଲେ।

# ମଦ୍ୟପାନରେ ବରଗଡ଼ ଏକ ନମ୍ବର



**ଭୁବନେଶ୍ୱର,୭।୧୨:** ବରଗଡ଼ ଜିଲ୍ଲାବାସୀ ସବୁଠାରୁ ଅଧିକ ମଦ ପିଉଛନ୍ତି। ଏହି ଜିଲ୍ଲାରୁ ଗୋଟିଏ ବର୍ଷରେ ପ୍ରାୟ ୧୨୫ କୋଟି ଟଙ୍କାର ମଦ ରାଜସ୍ୱ ମିଳିଛି। ଏହା ପଛକୁ ଦ୍ୱିତୀୟ ସ୍ଥାନରେ ଗଞ୍ଜାମ ଜିଲ୍ଲା ଥିଲେ ସେଠାକାର ଅବକାରୀ ରାଜସ୍ୱ ତିନି ଅଙ୍କରେ ପହଞ୍ଚି ପାରିନାହିଁ। ରାଜ୍ୟରେ ମଦ କାରବାର ସଂକ୍ରାନ୍ତରେ କଂଗ୍ରେସ ବିଧାୟକା ସୋଫିଆ ଫର୍ଦ୍ଦୋସ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ଅବକାରୀ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ। ବିଭିନ୍ନ ଜିଲ୍ଲାରେ ମଦ ବିକ୍ରି ସଂକ୍ରାନ୍ତରେ ମନ୍ତ୍ରୀ ଯେଉଁ ତଥ୍ୟ ଉପସ୍ଥାପନ କରିଛନ୍ତି ସେହି ତାଲିକାରେ ବରଗଡ଼ ଜିଲ୍ଲା ଏକ ନମ୍ବର ସ୍ଥାନରେ ରହିଛି। ଏହି ଜିଲ୍ଲାରେ ମଦ କାରବାରରୁ ୧୨୪କୋଟି ୯୯ ଲକ୍ଷ ଟଙ୍କାର ଟିକସ ମିଳିଛି। ଫଳରେ ଏହି ଜିଲ୍ଲାର ଲୋକେ ସର୍ବାଧିକ ମଦ ପିଇଥିବା ସ୍ପଷ୍ଟ ହୋଇଛି। ଦ୍ୱିତୀୟ ସ୍ଥାନରେ ରହିଛି ଗଞ୍ଜାମ ଜିଲ୍ଲା। ଏହି ଜିଲ୍ଲାରେ ମଦ କାରବାରରୁ ୯୬କୋଟି ୧୦ଲକ୍ଷ ଟଙ୍କାର ଟିକସ ଆଦାୟ ହୋଇଥିବାବେଳେ ସମ୍ବଲପୁରରୁ ୮୮କୋଟି ୨୪ଲକ୍ଷ, ବ୍ରହ୍ମପୁର ଅବକାରୀ ଜିଲ୍ଲାରୁ ୭୭କୋଟି ୬୬ଲକ୍ଷ, ବଲାଙ୍ଗିରରୁ ୭୨କୋଟି ୪୨ଲକ୍ଷ, କଳାହାଣ୍ଡିରୁ ୭୧କୋଟି ୬୯ଲକ୍ଷ, ଝାରସୁଗୁଡ଼ାରୁ ୬୯ କୋଟି ୧୫ଲକ୍ଷ ଟଙ୍କାର ରାଜସ୍ୱ ଆଦାୟ ହୋଇପାରିଛି। ସବୁଠାରୁ କମ୍ ମଦ ଟିକସ ମିଳିଛି କନ୍ଧମାଳ ଜିଲ୍ଲାରୁ। ଏହି ଜିଲ୍ଲାରୁ ୩କୋଟି ୫୬ଲକ୍ଷ ଟଙ୍କାର ମଦ ଟିକସ ବାବଦରେ ଆଦାୟ ହୋଇଥିବାବେଳେ ମାଲକାନଗିରିରୁ ପ୍ରାୟ ୫କୋଟି, ନୟାଗଡ଼ରୁ ୮.୨୯କୋଟି ଓ ଭଦ୍ରକରୁ ୯.୮୯ କୋଟି ଟଙ୍କାର ରାଜସ୍ୱ ମିଳିଛି। ରାଜ୍ୟ ରାଜଧାନୀ ଥିବା ଭୁବନେଶ୍ୱର ଅବକାରୀ ଜିଲ୍ଲାରୁ ୪୮.୨୯କୋଟି ଟଙ୍କାର ମଦ ଟିକସ ମିଳିଛି। ବିଭିନ୍ନ ଜିଲ୍ଲାରୁ ଆଦାୟ ହୋଇଥିବା ମଦ ଟିକସ ମଧ୍ୟରେ ଉଭୟ ବିଦେଶୀ ମଦ ଦୋକାନ ସହିତ ଲାଇସେନ୍ସପ୍ରାପ୍ତ ଦେଶୀ ଓ ମହୁଲି ମଦ ଦୋକାନରୁ ଆଦାୟ ଅର୍ଥ ରହିଛି। ତେବେ ସବୁଠାରୁ ଅଧିକ ଟିକସ ଦେଇଛି ଓଡ଼ିଶା ମଦ ନିଗମ। ୨୦୨୩-୨୪ ବର୍ଷରେ ମିଳିଥିବା ମୋଟ୍ ୭୨୧୬.୯୯ କୋଟି ଟଙ୍କାର ମଦ ରାଜସ୍ୱ ମଧ୍ୟରୁ କେବେଳ ମଦ ନିଗମ ଦେଇଛି ୫୯୨୭କୋଟି ୫୯ଲକ୍ଷ ଟଙ୍କା। ମନ୍ତ୍ରୀ ରଖିଥିବା ଉତ୍ତରରୁ ଜଣାଯାଇଛି ଯେ ରାଜ୍ୟର ପଶ୍ଚିମଓଡ଼ିଶାରେ ଅଧିକ ପରିମାଣରେ ଲାଇସେନ୍ସପ୍ରାପ୍ତ ମଦ ବିକ୍ରି ହେଉଥିବାବେଳେ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ଏହା ଢେର କମ୍ ରହିଛି। ଉପକୂଳ ଅଞ୍ଚଳର ଅବକାରୀ ଜିଲ୍ଲାଗୁଡ଼ିକରୁ ମଧ୍ୟମ ଧରଣର ଟିକସ ଆଦାୟ ହେଉଛି। (ତଥ୍ୟ)

# ପୁସ୍ତକ ପଠନ ମାନସିକ ଅବସାଦ ଦୂର କରେ




**ଭୁବନେଶ୍ୱର,୭।୧୨ (ସଂଚାର ବ୍ୟୁରୋ):** ପୁସ୍ତକ ପଠନ ମାଧ୍ୟମରେ ମାନସିକ ଅବସାଦ ଦୂର ହେବା ସହ ଶାନ୍ତି ଆନନ୍ଦ ମିଳେ ବୋଲି ପୂଜ୍ୟ ପୂଜା ଓଡିଶା ପକ୍ଷରୁ ଭାରତୀୟ ବିଦ୍ୟା ଭବନ ସଭାଗୃହରେ ଇଂ ଗଣେଶଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ତପନ କୁମାର ବାରିକଙ୍କ ରଚିତ ପୁସ୍ତକ ରାତିରେ ସୂରୁଜ ସକାଳେ ତାରା ର ଶୁଭ ଉନ୍ମୋଚନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଏମ୍ସର ପ୍ରାକ୍ତନ ନିର୍ଦ୍ଦେଶକ ତଥା ସୋଆ ବିଶ୍ୱ ବିଦ୍ୟାଳୟ ର ମୁଖ୍ୟ ପରାମର୍ଶଦାତା ଓ ସମାଜସେବୀ ପ୍ରଫେସର ଡାକ୍ତର ଅଶୋକ କୁମାର ମହାପାତ୍ର କହିଲେ ଯେ ଆଜି ସମାଜ ରେ ବହୁତ ଲୋକ ବିଭିନ୍ନ ମାନସିକ ଅବସାଦ ଦେଇ ଗତି କରୁଛନ୍ତି ଏବଂ ବହୁ ସମୟରେ ଆନନ୍ଦ ଉପଭୋଗ କରି ନ ପାରି ଅଶାନ୍ତିରେ ଜୀବନ ଯାପନ କରୁଛନ୍ତି ଯଦି ସେମାନେ ନିୟମିତ ଭାବରେ ବିଭିନ୍ନ ପୁସ୍ତକ ଗଠନ କରନ୍ତେ ତେବେ ନିଶ୍ଚିତ ଭାବେ ମନର ପରିବର୍ତ୍ତନ ଘଟି ସବୁ ସମୟରେ ସୁସ୍ଥ ଆନନ୍ଦରେ ଜୀବନ ନିର୍ବାହ କରିପାରନ୍ତେ, ଏଥିପାଇଁ ସମସ୍ତେ ଯତ୍ନବାନ ହେବା ଉଚିତ୍ ବୋଲି ବିଭିନ୍ନ ଉଦାହରଣ ମାଧ୍ୟମରେ ଆହ୍ୱାନ ଦେଇଥିଲେ। ମୁଖ୍ୟ ବକ୍ତାଭାବେ ପ୍ରଭାତ କୁମାର ନନ୍ଦ, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ବିନୋଦ ବିହାରୀ ମହାନ୍ତି, ଗିରୀଶ ଚନ୍ଦ୍ର ଦାସ ଯୋଗଦାନ କରି ନିଜ ନିଜର ବକ୍ତବ୍ୟ ପ୍ରଦାନ କରିବା ସହ ଲେଖକ ଶ୍ରୀ ବାରିକ୍ ଙ୍କର ଭୂୟସୀ ପ୍ରଶଂସା କରିଥିଲେ। ସମ୍ମାନିତ ବକ୍ତା ଭାବେ ସୁସାହିତ୍ୟକା ଡକ୍ଟର ଆରତି କର ଯୋଗଦାନ କରି ପୁସ୍ତକ ସମୀକ୍ଷା କରିବା ସହିତ ଲେଖକ ସମାଜରେ ଘଟୁଥିବା ଘଟଣାବଳୀକୁ ନିଖୁଣ ଭାବେ ଚିତ୍ରିତ କରିବା ସହ ସମାଜକୁ ଲେଖା ମାଧ୍ୟମରେ ନୂଆ ଦିଗ୍ ଦର୍ଶନ ଦେଇଥିବାରୁ ଲେଖକଙ୍କୁ ଧନ୍ୟବାଦ ଜଣାଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ତଥା ପୂଜ୍ୟପୂଜା, ଓଡ଼ିଶାର ସଂପାଦକ ରାମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ଅତିଥି ପରିଚୟ ପ୍ରଦାନ କରିବା ସହ ପୁସ୍ତକ ପଠନର ଆବଶ୍ୟକତା ସଂପର୍କରେ ସୁବିସ୍ତୃତ ଆଲୋଚନା କରିବା ସହିତ ସଭା ପରିଚାଳନା କରିଥିଲେ, ବିରଜା ପ୍ରସାଦ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସୋଆ କ୍ରିଏଟିଭୋ ପକ୍ଷରୁ 'ମାର୍ଗଶିରର ମହକ'




**ଭୁବନେଶ୍ୱର,୭।୧୨ (ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନ୍‌ସେସ୍ (ଆଇଏଏସ୍)ର ସାମାଜିକ ଓ ସାଂସ୍କୃତିକ ଶାଖା 'କ୍ରିଏଟିଭୋ' ପକ୍ଷରୁ ଅଭିନବ କାର୍ଯ୍ୟକ୍ରମ ମାର୍ଗଶିରର ମହକର ଦ୍ୱିତୀୟ ଭାଗ ଆରମ୍ଭ ହୋଇଛି। ଏକ ସପ୍ତାହ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତା ତଥା ଓଡ଼ିଆ ସଂସ୍କୃତି ପରମ୍ପରା ଆଧାରିତ ସାଧାରଣ ଜ୍ଞାନ, ଚିତ୍ରାଙ୍କନ, ମାର୍ଗଶିର ଝୋଟି ଓ ଓଡ଼ିଆ ବକ୍ତୃତା ଅନୁଷ୍ଠିତ ହେବ। ମାର୍ଗଶିର ମାସର ଶେଷ ଗୁରୁବାର ଦିନ ଅପରାହ୍ନରେ ଏହି କାର୍ଯ୍ୟକ୍ରମର ଅନ୍ତିମ ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ପ୍ରଖ୍ୟାତ ଗାୟିକା ଶ୍ରୀମତି ଗୀତା ଦାଶ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଓଡ଼ିଆ ସଂସ୍କୃତି, ପରମ୍ପରା, ପର୍ବପର୍ବାଣି ଓ କୃଷିକୁ ଜୀବିତ କରି ରଖିବା। ଏହି ପ୍ରତିଯୋଗିତାରେ ଆଇଏଏସ୍ ଓ ସୋଆ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ (ସ୍ନିଲ୍)ର ଛାତ୍ରଛାତ୍ରୀମାନେ ଭାଗ ନେଇଥିବା ବେଳେ ବିଚାରକ ଭାବେ ଆଇଏଏସ୍‌ର ପ୍ରଫେସର ବିବୁଧ ପରାଶର, ପ୍ରଫେସର ପ୍ରଭାତ କୁମାର ଷଡ଼ଙ୍ଗୀ, ଡକ୍ଟର ସତ୍ୟ ନାରାୟଣ ଶତପଥୀ ଓ ପ୍ରଫେସର ରୁଦ୍ରନାରାୟଣ ସାହୁ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀ ଓ ଅଧ୍ୟାପକଙ୍କ ମଧ୍ୟରେ ଓଡ଼ିଆ ପର୍ବପର୍ବାଣି ଓ କୃଷି ବିଜ୍ଞାନ ସମ୍ବନ୍ଧରେ ମଧ୍ୟ ଆଲୋଚନା ହୋଇଥିଲା। ଡକ୍ଟର ଭୁବନାନନ୍ଦ ଅଧିକାରୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଶ୍ରୀମତି ଲୋପାମୁଦ୍ରା ମହାନ୍ତି, ଡକ୍ଟର ରାକେଶ ରୋସନ୍ ଶତପଥୀ, ଡକ୍ଟର ସୁବ୍ରତ ସେନାପତି, ଡକ୍ଟର ବିଦ୍ୱାନ ରଞ୍ଜନ ସାହୁ, ଡକ୍ଟର ମୁକେଶ କୁମାର ପାତ୍ର, ଶ୍ରୀ ମାନସ ଦାସ, ଶ୍ରୀ ବିଶ୍ୱଜିତ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଆଶିଷ ପ୍ରତୀକ ବିଶ୍ୱାଳ, ସଲୋନି ଶ୍ରୀୟାଶ୍ରି ଜେନା ଓ ଆଦିତ୍ୟ ନାରାୟଣ ପରିଚାଳନା କରିଥିଲେ।

## ସିରିଆ ସରକାରଙ୍କ ହାତରୁ ଖସିଲା ଦାରା

# ଦାମସ୍କସ ଅଭିମୁଖେ ବିଦ୍ରୋହୀ



**ଦାମସ୍କସ, ୭।୧୨:** ସିରିଆରେ ଆରମ୍ଭ ହୋଇଥିବା ଗୃହଯୁଦ୍ଧ ଭୟଙ୍କର ସ୍ଥିତିରେ ପହଞ୍ଚିଛି। ସପ୍ତାହେ ହେବ ଦେଶରେ ରାଷ୍ଟ୍ରପତି ବଶର ଅଲ-ଅସଦଙ୍କ ବିରୋଧରେ ଇସଲାମବାଦୀ ହୟାତ ତହରିର ଅଲ୍-ଶାମ ବିଦ୍ରୋହୀ ଗୋଷ୍ଠୀ ପକ୍ଷରୁ ଏହି ଗୃହଯୁଦ୍ଧ ଆରମ୍ଭ ହୋଇଛି। ତେବେ ବିଦ୍ରୋହ ଆରମ୍ଭ ହେବାର କେବଳ ସପ୍ତାହେ ମଧ୍ୟରେ ବିଦ୍ରୋହୀ ଗୋଷ୍ଠୀ ଦେଶର ଅନ୍ୟତମ ପ୍ରମୁଖ ସହର ଦାରାକୁ ନିଜ ନିୟନ୍ତ୍ରଣକୁ ନେଇ ସାରିଛନ୍ତି। ଏହାପରେ ଦେଶର ରାଜଧାନୀ ଡାମସକସ ଅଭିମୁଖେ ବାହାରିଛନ୍ତି ବିଦ୍ରୋହୀ।

ହୟାତ ତହରିର ଅଲ୍-ଶାମ ଇସଲାମିକ୍ ସଂଗଠନ ବିଦ୍ରୋହ ପରେ ଦେଶର ତିନୋଟି ପ୍ରମୁଖ ସହର ଆଲପ୍ପୋ, ହମା ଓ ହୋମ୍ସ ଉପରେ କବଜା କରି ନେଇଥିଲେ। ଏବେ ଦାରା ଉପରୁ ମଧ୍ୟ ସରକାର ନିଜର ନିୟନ୍ତ୍ରଣ ସଂପୂର୍ଣ୍ଣ ଭାବେ ହରାଇଛନ୍ତି। ହେଲେ ଏହା ଏଥିପାଇଁ ଗୁରୁତ୍ୱପୂର୍ଣ୍ଣ, କାରଣ ରାଷ୍ଟ୍ରପତି ବଶର ଅଲ-ଅସଦଙ୍କ ବିରୋଧରେ ୨୦୧୧ରେ ହୋଇଥିବା ବିଦ୍ରୋହ ଏହି ଦାରା ସହରରୁ ଆରମ୍ଭ ହୋଇଥିଲା। ଗୋଟିଏ ସପ୍ତାହରେ ସିରିଆ ସରକାରଙ୍କ ହାତରୁ ଦେଶର ପ୍ରମୁଖ ଚାରୋଟି ସହର ଖସିଗଲାଣି। ସିରିଆର 'ଅବଜରଭେଟରୀ ଫର ହ୍ୟୁମାନ୍ ରାଇଟ୍ସ' ରିପୋର୍ଟ ଅନୁଯାୟୀ, ବିଦ୍ରୋହୀ ଗୋଷ୍ଠୀ ଦାରା ସହରର ୯୦ ପ୍ରତିଶତରୁ ଅଧିକ ସ୍ଥାନକୁ ନିୟନ୍ତ୍ରଣ କରିଛନ୍ତି, କାରଣ ଏଠାରୁ ସୁରକ୍ଷା ବାହିନୀକୁ ସରକାର ଧୀରେ ଧୀରେ ପ୍ରତ୍ୟାହାର କରି ନେଇଛନ୍ତି। ବିଦ୍ରୋହ କରୁଥିବା ଇସଲାମବାଦୀ 'ହୟାତ ତହରିର ଅଲ୍-ଶାମ'ର ନେତା ଅବୁ ମହମ୍ମଦ ଅଲ-ଜୋଲାନି କହିଛନ୍ତି ଯେ ରାଷ୍ଟ୍ରପତି ବଶର ଅଲ ଅସଦଙ୍କୁ ହଟାଇବା ଏହି ଆକ୍ରମଣର ଏକମାତ୍ର ଉଦ୍ଦେଶ୍ୟ। ସେହି ଲକ୍ଷ୍ୟ ହାସଲ କରିବା ପାଇଁ ସମସ୍ତ ଉପଲବ୍ଧ ଉପାୟ ବ୍ୟବହାର କରିବା ଆମର ଅଧିକାର। ସେପଟେ ଭୟଙ୍କର ହିଂସାକୁ ଦୃଷ୍ଟିରେ ରଖି ସିରିଆରେ ଥିବା ଭାରତୀୟ ଛାତ୍ରଙ୍କୁ ଦେଶ ଛାଡ଼ିବାକୁ ଭାରତୀୟ ବିଦେଶ ମନ୍ତ୍ରାଳୟ ଶୁକ୍ରବାର ରାତିଅଧିଆ ନିର୍ଦ୍ଦେଶନାମା ଜାରି କରିଛି।

# ସିରିଆ ଛାଡ଼ିବାକୁ ଭାରତୀୟଙ୍କୁ ପରାମର୍ଶ



**ନୂଆଦିଲ୍ଲୀ, ୭।୧୨:** ତୁରନ୍ତ ସିରିଆ ଛାଡ଼। ସରିଆରେ ବଢ଼ୁଥିବା ଗୃହଯୁଦ୍ଧକୁ ଦୃଷ୍ଟିରେ ରଖି ରାତି ଅଧିଆ ଭାରତୀୟଙ୍କ ପାଇଁ ଏଭଳି କିଛି ଆଡଭାଇଜରୀ ଜାରି କରିଛି ବିଦେଶ ମନ୍ତ୍ରଣାଳୟ। ଭାରତୀୟ ନାଗରିକଙ୍କୁ ସିରିଆ ଛାଡିବାକୁ କହିବା ସହ ସିରିଆ ଯାତ୍ରା ନ କରିବାକୁ ପରାମର୍ଶ ଦିଆଯାଇଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ ସୋଶାଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏନେଇ ସୂଚନା ଦେଇଛନ୍ତି। ସେ ଏକ ପୋଷ୍ଟରେ ଲେଖିଛନ୍ତି ଯେ, ସିରିଆର ସାମ୍ପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଭାରତୀୟ ନାଗରିକଙ୍କୁ ପରବର୍ତ୍ତୀ ନିର୍ଦ୍ଦେଶ ଯାଏ ସିରିଆ ଯାତ୍ରା ନକରିବାକୁ ପରାମର୍ଶ ଦିଆଯାଇଛି। ଯେଉଁ ଭାରତୀୟମାନେ ସିରିଆ ଛାଡି ପାରୁନାହାନ୍ତି ସେମାନେ ଦୂତାବାସ ସହ ଯୋଗାଯୋଗ କରିବାକୁ କୁହାଯାଇଛି। ଦୂତାବାସର ଜରୁରୀକାଳୀନ ହେଲ୍ପଲାଇନ ନମ୍ବର +୯୬୩ ୯୯୩୩୮୫୯୭୩ ଜାରି କରାଯାଇଛି। ଏଥିସହ ଇମେଲ id hoc.damascus@mea.gov.inକୁ ମେଲ୍ କରିବାକୁ ଅନୁରୋଧ କରାଯାଇଛି। ସିରିଆରେ ସପ୍ତାହେ ହେବ ଲାଗି ରହିଛି ଗୃହଯୁଦ୍ଧ। ହୟାତ ତହରିର ଅଲ ଶାମ ବିଦ୍ରୋହୀ ଯୁଦ୍ଧ ଆରମ୍ଭ କରିଛନ୍ତି। ଏଥିରେ ପାଖାପାଖି ୩ ଶହରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇ ସାରିଲାଣି। ସିରିଆରେ ରାଷ୍ଟ୍ରପତି ବଶର ଅଲ ଅସଦଙ୍କୁ ସତ୍ତାରୁ ହଟାଇ କବଜା କରିବାକୁ ଚାହୁଁଛି ହୟାତ। ବିଦ୍ରୋହୀ ଗୋଷ୍ଠୀ ହୟାତ ତହରିର ଅଲ ଶାମ, ଦେଶର ଦୁଇଟି ପ୍ରମୁଖ ସହର ଅଲପ୍ପୋ ଓ ହମା ଉପରେ କବଜା କରି ନେଇଛନ୍ତି। ଏବେ ହୋମ୍ସ ସହର କବଜା କରିବାକୁ ଲକ୍ଷ୍ୟ ରଖିଛନ୍ତି। ସିରିଆ ସେନା ବିଦ୍ରୋହୀଙ୍କୁ ଅଟକାଇବାକୁ ଚେଷ୍ଟା ଚଳାଇଛି। ଏଥିରେ ଭୟଙ୍କର ହିଂସା ଦେଖିବାକୁ ମିଳିଛି। ବିଦ୍ରୋହୀ ଦଳ ହୟାତ ତହରିର ଅଲ ଶାମ ମୁଖ୍ୟ ଅବୁ ମହମ୍ମଦ ଅଲ୍-ଜୋଲାନି, ରାଷ୍ଟ୍ରପତି ବଶର ଅଲ ଅସଦଙ୍କୁ ଗାଦିଚ୍ୟୁତ କରି ଶାସନ କ୍ଷମତା ହାତେଇବାକୁ ଚାହୁଁଛନ୍ତି।

# ମର୍ଣ୍ଣିଂଓ୍ୱାକ୍‌ରେ ଯାଉଥିବା ବ୍ୟବସାୟୀଙ୍କୁ ଗୁଳିକରି ହତ୍ୟା

**ନୂଆଦିଲ୍ଲୀ, ୭।୧୨:** ରାଜଧାନୀରେ ଫୁଟିଲା ଗୁଳି। ମର୍ଣ୍ଣିଂଓ୍ୱାକ୍‌ରେ ଯାଇଥିବା ବ୍ୟବସାୟୀଙ୍କ ଉପରକୁ ହେଲା ଆଖିବୁଜା ଗୁଳିମାଡ଼। ଘଟଣାସ୍ଥଳ ହିଁ ଟଳି ପଡିଲେ ବ୍ୟବସାୟୀ। ଏଭଳି କିଛି ଘଟଣା ଘଟିଛି ଦିଲ୍ଲୀର ଶାହଦରା ଅଞ୍ଚଳରେ। ମୃତ ବ୍ୟବସାୟୀ ଜଣକ ହେଲେ ସୁନିଲ ଜୈନ୍। ସେ ଜଣେ ବାସନ ବ୍ୟବସାୟୀ। ସବୁଦିନ ଭଳି ଆଜି ମଧ୍ୟ ସେ ମର୍ଣ୍ଣିଂଓ୍ୱାକରେ ଯାଇଥିଲେ। ଏତିକି ବେଳେ ଦୁଇ ଜଣ ମୁଖା ପିନ୍ଧା ବ୍ୟକ୍ତି ଆସି ତାଙ୍କୁ ତାଙ୍କ ନାଁ ପଚାରିଥିଲେ। ଏହାପରେ ତାଙ୍କ ଉପରକୁ ଆଖିବୁଜା ଗୁଳିମାଡ଼ କରିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ତାଙ୍କ ପେଟ ଆଉ ମୁଣ୍ଡରେ ଗୁଳି ବାଜିଛି। ଦୁର୍ବୃତ୍ତମାନେ ତାଙ୍କ ଉପରକୁ ୭ରୁ ୮ ରାଉଣ୍ଡ ଗୁଳିମାଡ଼ କରିଛନ୍ତି। ଶାହଦରା ଡିସିପି ପ୍ରଶାନ୍ତ ଗୌତମ କହିଛନ୍ତି, ଶନିବାର ସକାଳ ୮.୩୬ ମିନିଟ୍‌ରେ ପିସିଆରକୁ ଏକ ଫୋନ୍ କଲ୍ ଆସିଥିଲା। ଦୁଇ ଜଣ ଦୁର୍ବୃତ୍ତ ବାଇକରେ ଆସି ଜଣେ ବ୍ୟକ୍ତିଙ୍କୁ ଫାୟାରିଂ କରି ଫାରେର୍ ହୋଇଯାଇଛନ୍ତି। ଖବର ପାଇ ପୋଲିସ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ସୁନିଲ ଜୈନଙ୍କୁ ହସ୍ପିଟାଲ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଛନ୍ତି।

## ଗାଳି କରି ଗୁଳି ଖାଇଲେ ପ୍ରିନ୍ସିପାଲ

**ଭୋପାଳ, ୭।୧୨:** ଛାତ୍ରଙ୍କୁ ଗାଳି କରିବା ପଡିଲା ମହଙ୍ଗା। ଗାଳି କରି ଗୁଳି ଖାଇଲେ ପ୍ରିନ୍ସିପାଲ। ଜଣେ ଦ୍ୱାଦଶ ଶ୍ରେଣୀ ଛାତ୍ର ସ୍କୁଲ ପ୍ରିନ୍ସିପାଲଙ୍କୁ ଗୁଳି କରି ହତ୍ୟା କରିଛନ୍ତି। ଏଥିସହ ତାଙ୍କ ସ୍କୁଟର ନେଇ ମଧ୍ୟ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଏଭଳି କିଛି ଭୟଙ୍କର ଘଟଣା ସାମ୍ନାକୁ ଆସିଛି ମଧ୍ୟପ୍ରଦେଶର ଛତରପୁର ଜିଲ୍ଲାରୁ। ଏଠାରେ ଥିବା ଘମୋରାରେ ଶସକିୟ ହାୟର ସେକେଣ୍ଡରୀ ସ୍କୁଲରେ ଶୁକ୍ରବାର ଏହି ଘଟାଣା ଘଟିଛି। ଦ୍ୱାଦଶ ଶ୍ରେଣୀର ଜଣେ ନବାଳକ ଛାତ୍ର ପ୍ରିନ୍ଦିପାଲଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ଅଭିଯୁକ୍ତ ସଦମ ଯାଦବ ନିଜ ସାଥୀ ଛାତ୍ର ମନୀଷ ଯାଦବଙ୍କ ସହ ମିଶି ସ୍କୁଲ ବାଥରୁମ ଭିତରେ ପଶି ପ୍ରିନ୍ସିପାଲ ଏସ୍‌କେ ସକସେନାଙ୍କ ଉପରକୁ ଗଳିମାଡ଼ କରିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଛି। ପୋଲିସ କହିବା ଅନୁଯାୟୀ, ୨ ଛାତ୍ର ବିଳମ୍ବରେ ସ୍କୁଲକୁ ଆସିବାରୁ ପ୍ରିନ୍ସିପାଲ ସେମାନଙ୍କୁ ଗାଳି ଦେଇଥିଲେ। ଏଥିରେ ରାଗି ଯାଇ ୨ ଛାତ୍ର ପ୍ରିନ୍ସପାଲଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ। ସାକ୍ସେନା ୫ ବର୍ଷ ହେଲା ଧାମୋରା ସରକାରୀ ହାୟର ସେକେଣ୍ଡାରୀ ସ୍କୁଲର ପ୍ରିନ୍ସିପାଲ ରହିଥିଲେ। ସେ ଅପରାହ୍ନରେ ସ୍କୁଲ୍ ଟଏଲେଟ୍‌କୁ ଯାଉଥିବାବେଳେ ଛାତ୍ର ଜଣକ ତାଙ୍କ ମୁଣ୍ଡକୁ ଲକ୍ଷ୍ୟକରି ଦେଶୀ ବନ୍ଧୁକରୁ ଗୋଟିଏ ରାଉଣ୍ଡ ଗୁଳି ଚଳାଇଥିଲେ। ଫଳରେ ଘଟଣାସ୍ଥଳରେ ସାକ୍ସେନାଙ୍କ ମୃତ୍ୟୁ ଘଟିଥିଲା।

## ଫଡ଼ନାବିସ ସରକାରରେ କାହାକୁ ମିଳିବ କେଉଁ ପଦବୀ

**ମୁମ୍ବାଇ, ୭।୧୨:** ସରକାର ଗଠନ ପରେ ମହାରାଷ୍ଟ୍ର ମନ୍ତ୍ରିମଣ୍ଡଳର ରୂପରେଖ ନେଇ ଚାଲିଛି ଅଙ୍କକଷା। ମହାରାଷ୍ଟ୍ରରେ ଦେବେନ୍ଦ୍ର ଫଡ଼ନାବିସଙ୍କ ସରକାରରେ କାହାକୁ ମିଳିବ କେଉଁ ପଦବୀ? କେଉଁ ଦଳ ପାଖରେ ରହିବ କେଉଁ କେଉଁ ମନ୍ତ୍ରୀ ପଦ? ସେନେଇ ଲାଗିରହିଛି ନାନା ଚର୍ଚ୍ଚା। ଜାତୀୟ ମିଡ଼ିଆରେ ହେଉଥିବା ଚର୍ଚ୍ଚା ଅନୁଯାୟୀ, ନିଜ ପାଖରେ ୨୦ରୁ ୨୨ ପଦ ରଖିପାରେ ବିଜେପି। ସେହିପରି ଶିବସେନା ଭାଗରେ ୧୧ରୁ ୧୨ ଏବଂ ଏନସିପିକୁ ମିଳିପାରେ ୮ରୁ ୧୦ ମନ୍ତ୍ରୀ ପଦ। ମୁଖ୍ୟତଃ ଅର୍ଥ ଓ ଗୃହ ବିଭାଗ କାହାକୁ ମିଳିବ? ସେନେଇ ଲାଗି ରହିଛି କଳ୍ପନାଜଳ୍ପନା। ସେପଟେ ମୁଖ୍ୟମନ୍ତ୍ରୀ ପଦ ତ୍ୟାଗ କରିବା ପରେ ଏକନାଥ ସିନ୍ଦେ ଗୃହ ମନ୍ତ୍ରଣାଳୟ ପାଇବେ ନା ବିଜେପି ଏହାକୁ ନିଜ ପାଖରେ ରଖିବ ସେ ନେଇ ମଧ୍ୟ ସସ୍‌ପେନ୍ସ ଲାଗି ରହିଛି। ଏକନାଥ ସିନ୍ଦେ ପୂର୍ବରୁ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ଏହାପରେ ବିଜେପି ଯାହା ନିଷ୍ପତ୍ତି ନେବ ତାକୁ ସେ ମାନିବେ ବୋଲି କହିଥିଲେ। ଏବେ ପ୍ରଶ୍ନ ହେଉଛି ସିନ୍ଦେ ପୁଣି ଥରେ ବିଜେପି ପାଇଁ ଗୃହ ମନ୍ତ୍ରଣାଳୟର ମୋହ ଛାଡ଼ିବେ କି? ଫଡନାବିସ୍ ସରକାର ୭ରୁ ୯ଡିସେମ୍ବର ପର୍ଯ୍ୟନ୍ତ ବିଧାନସଭା ଅଧିବେଶନ ଡାକିଛନ୍ତି। ଏହି ସମୟ ମଧ୍ୟରେ ବାଚସ୍ପତି ନିର୍ବାଚିତ ହେବେ। ତା'ପରେ କ୍ୟାବିନେଟକୁ ବିସ୍ତାର କରାଯାଇପାରିବ। ତେବେ କାହା ପାଖରେ କେଉଁ ଗୁରୁତ୍ୱପୂର୍ଣ୍ଣ ବିଭାଗ ରହୁଛି, ଆସନ୍ତା ବୁଧବାର ଚିତ୍ର ସ୍ପଷ୍ଟ ହୋଇପାରେ ବୋଲି ଚର୍ଚ୍ଚା ହେଉଛି।

# ବାଂଲାଦେଶରେ ଇସ୍କନ ମନ୍ଦିର ଜାଳିଦେଲେ



**ଢାକା, ୭।୧୨:** ବାଂଲାଦେଶରେ ଥମୁନି ହିଂସା। ହିନ୍ଦୁଙ୍କ ଉପରେ ବାରମ୍ବାର ଆକ୍ରମଣ ହେଉଛି। ଅନେକ ହିନ୍ଦୁ ମନ୍ଦିରକୁ ମୌଳବାଦୀମାନେ ଟାର୍ଗେଟ କରୁଛନ୍ତି। ଏହାରି ଭିତରେ ଇସ୍କନ ମନ୍ଦିରରେ ନିଆଁ ଲଗାଇ ଦେଇଛନ୍ତି ବିକ୍ଷୋଭକାରୀ। ଇସ୍କନ ମନ୍ଦିରରେ ଥିବା ଲକ୍ଷ୍ମୀ ନାରାୟଣଙ୍କ ମୂର୍ତ୍ତିକୁ ମଧ୍ୟ ପୋଡି ଦେଇଛନ୍ତି। ମନ୍ଦିରରେ ରଖାଯାଇଥିବା ଅବଶିଷ୍ଟ ଜିନିଷଗୁଡ଼ିକ ମଧ୍ୟ ପୋଡ଼ି ପାଉଁଶ ହୋଇଯାଇଛି। ଏଥିସହ ମନ୍ଦିର ଉପରେ ଆକ୍ରମଣ କରି ଭଙ୍ଗାରୁଜା କରାଯାଇଛି। ନାମହଟ୍ଟା ଇସ୍କନ ମନ୍ଦିରରେ ନିଆଁ ଲାଗିବା ଯୋଗୁ ଏହା ସମ୍ପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଛି। ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାରର ଶାସନ କାଳରେ, ବାଂଲାଦେଶରେ ସଂଖ୍ୟାଲଘୁ, ବିଶେଷ କରି ହିନ୍ଦୁମାନଙ୍କ ଉପରେ କ୍ରମାଗତ ଆକ୍ରମଣ ଚାଲିଛି। ବାଂଲାଦେଶରେ ହିନ୍ଦୁମାନଙ୍କ ପ୍ରତି ହେଉଥିବା ହିଂସା ଘଟଣାକୁ ଭାରତର ଲଗାତର ବିରୋଧ ବଢ଼ିବାରେ ଲାଗିଛି। ଇସ୍କନ ସାଧୁ ଚିନ୍ମୟ କୃଷ୍ଣ ଦାସଙ୍କୁ ଗିରଫ କରିବା ପରେ ବାଂଲାଦେଶର ସ୍ଥିତି ଆହୁରି ଖରାପ ହେବାରେ ଲାଗିଛି। ହିନ୍ଦୁ ସମ୍ପ୍ରଦାୟ ଉପରେ ମୌଳିକବାଦୀଙ୍କ ଆକ୍ରମଣ ବଢ଼ିବାରେ ପାଇଛି। ଏଥିପାଇଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବାଂଲାଦେଶରେ ମିଳିତ ଜାତିସଂଘ ଶାନ୍ତି ମିଶନ ନିୟୋଜିତ କରିବାକୁ ଅନୁରୋଧ କରିଥିଲେ।

ସୂଚନାଯୋଗ୍ୟ, ନଭେମ୍ବର ୨୫ ତାରିଖରେ ଦେଶଦ୍ରୋହ ଅଭିଯୋଗରେ ଚିନ୍ମୟ କୃଷ୍ଣ ଦାସଙ୍କୁ ବାଂଲାଦେଶର ଢ଼ାକା ସ୍ଥିତ ବିମାନ ବନ୍ଦରରୁ ଗିରଫ କରାଯାଇଥିଲା। ଅକ୍ଟୋବର ୩୧ ତାରିଖରେ ଜଣେ ରାଜନେତାଙ୍କ ଅଭିଯୋଗ ଆଧାରରେ ତାଙ୍କୁ ଗିରଫ କରାଯାଇଥିଲା।

## ବେନାମୀ ସମ୍ପତ୍ତି ମାମଲାରେ ଅଜିତ ପାଓ୍ୱାରଙ୍କୁ ଆଶ୍ୱସ୍ତି

**ମୁମ୍ବାଇ, ୭।୧୨:** ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାଓ୍ୱାରଙ୍କୁ ମିଳିଲା ବଡ଼ ଆଶ୍ୱସ୍ତି। ବେନାମୀ ସମ୍ପତ୍ତି ମାମଲାରେ କୋର୍ଟରୁ ଆଶ୍ୱସ୍ତି ମିଳିଛି। ତାଙ୍କ ଜବତ ସମ୍ପତ୍ତିକୁ ମୁକ୍ତ କରିବାକୁ ଦିଲ୍ଲୀର ବେନାମୀ ଟ୍ରିବ୍ୟୁନାଲ ପକ୍ଷରୁ ଆୟକର ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ମହାରାଷ୍ଟ୍ରରେ ମହାଯୁତି ସରକାରଙ୍କ ଉପମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିବାର ଗୋଟିଏ ଦିନ ପରେ ଏନସିପି ମୁଖ୍ୟ ଅଜିତ ପାଓ୍ୱାରଙ୍କୁ ବଡ଼ ଆରାମ ମିଳିଛି। ଦିଲ୍ଲୀର ବେନାମୀ ପ୍ରପର୍ଟି ଟ୍ରିବ୍ୟୁନାଲ ଆୟକର ବିଭାଗ ଜବତ କରିଥିବା ତାଙ୍କ ସମ୍ପତ୍ତି ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ, ୨୦୨୧ରେ ଆୟକର ବିଭାଗ ବେନାମୀ ସମ୍ପତ୍ତି ମାମଲାରେ ଅଜିତ ପାଓ୍ୱାର, ତାଙ୍କ ପୁଅ ପାର୍ଥ ପାଓ୍ୱାର ଏବଂ ପତ୍ନୀ ସୁମିତ୍ରା ପାଓ୍ୱାରଙ୍କ ସମ୍ପତ୍ତି ଜବତ କରିଥିଲା। ୭ ଅକ୍ଟୋବର ୨୦୨୧ରେ ବିଭିନ୍ନ କମ୍ପାନୀ ଉପରେ ଚଢ଼ାଉ ବେଳେ ଆୟକର ବିଭାଗ କିଛି କାଗାଜପତ୍ର ଜବତ କରିଥିଲା। ଏହି ଦସ୍ତାବିଜଗୁଡିକ ଅଜିତ ପାଓ୍ୱାର ଏବଂ ତାଙ୍କ ପରିବାର ବେନାମୀ ସମ୍ପତ୍ତିର ବୋଲି ଆୟକର ବିଭାଗ ଦାବି କରିଥିଲା। ତେବେ ବେନାମୀ ନିରାକରଣ ଆପିଲ୍ ଟ୍ରିବ୍ୟୁନାଲ୍ ଏହି ଅଭିଯୋଗକୁ ଖଣ୍ଡନ କରିଥିଲା। ଏହା ପରେ ଟ୍ରିବ୍ୟୁନାଲଙ୍କ ନିଷ୍ପତ୍ତି ବିରୋଧରେ ଆୟକର ବିଭାଗ ଆବେଦନ କରିଥିଲା।

## ଛତିଶଗଡ଼ରେ ପୁଲିସ-ନକ୍ସଲ ମୁହାଁମୁହିଁ

**ରାୟପୁର, ୭।୧୨:** ନୂତନ ପୁଲିସ କ୍ୟାମ୍ପ ଉପରେ ନକ୍ସଲଙ୍କ ଅତର୍କିତ ଆକ୍ରମଣ। ରକେଟ୍ ଲଞ୍ଚରରେ ପାଲଟା ଜବାବ ଦେଲେ ଯବାନ। ଛତିଶଗଡ଼ ବିଜାପୁର ଜିଲ୍ଲାର ପାମେଡ ଥାନା ନକ୍ସଲ ପ୍ରବଣ ଜିଡପାଲୀ ଗାଁରେ ଏହି ଘଟଣା ଦେଖିବାକୁ ମିଳିଛି। ବିଜାପୁର ଜିଲ୍ଲାର ଜିଡପାଲୀ ଗାଁରେ ଦୁଇ ଦିନ ତଳେ ନୂତନ ପୁଲିସ କ୍ୟାମ୍ପ ପ୍ରତିଷ୍ଠା ହୋଇଥିଲା। ତେବେ ଗତକାଲି ରାତି ପ୍ରାୟ ସାଢେ ୮ଟା ବେଳେ ନକ୍ସଲମାନେ ପୁଲିସକୁ ଟାର୍ଗେଟ୍ କରି ଉକ୍ତ କ୍ୟାମ୍ପ ଉପରେ ଅତର୍କିତ ଗୁଳିବର୍ଷା କରିଥିଲେ। ନକ୍ସଲମାନେ ବ୍ୟାରେଲ ଗ୍ରେନେଡ ଲଞ୍ଚର ଏବଂ ଆଧୁନିକ ଅସ୍ତ୍ରଶସ୍ତ୍ର ଜାରି ଚାରି ଘଣ୍ଟା ଧରି କ୍ୟାମ୍ପ ଉପରେ ଗୁଳି ମାଡ଼ କରିଥିଲେ। ତେବେ ଯବାନମାନେ ନକ୍ସନମାନଙ୍କୁ ଏହାର ପାଲଟା ଜବାବ ଦେଇଥିଲେ। ନକ୍ସଲଙ୍କ ଉପରେ ରକେଟ୍ ଲଞ୍ଚର ଜରିଆରେ ହମ୍ଲା କରିଥିଲେ ଯବାନ। ଏହାପରେ ସେମାନେ ଛତ୍ରଭଙ୍ଗ ଦେଇଥିଲେ। ଏହି ଆକ୍ରମଣରେ ଦୁଇ ଜଣ ଯବାନ ଆହତ ହୋଇଛନ୍ତି। ସେମାନଙ୍କ ଚିକିତ୍ସା ଜାରି ରହିଛି।

# କୋ-ଅପରେଟିଭ୍ ବ୍ୟାଙ୍କରେ ଇଡି ଚଢ଼ଉ



### ୧୩ କୋଟିରୁ ଅଧିକ ଟଙ୍କା ଜବତ

**ନାସିକ, ୭।୧୨:** ମହାରାଷ୍ଟ୍ର ମାଲେଗାଁଓ ସ୍ଥିତ ନାସିକ ମର୍ଚ୍ଚାଣ୍ଟ କୋ ଅପରେଟିଭ୍ ବ୍ୟାଙ୍କ ନାମକୋରେ ଇଡିର ଚଢାଉ। ଜବତ ହୋଇଛି ୧୩ କୋଟି ୫୦ ଲକ୍ଷ ଟଙ୍କା। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ମୁମ୍ବାଇ ଜୋନ ପକ୍ଷରୁ ରେଡ୍ କରାଯାଇ ଏତେ ପରିମାଣର ନଗଦ କ୍ୟାସ୍ ଜବତ କରାଯାଇଛି। ଇଡି ପକ୍ଷରୁ ଗତକାଲି ଅହମ୍ମଦାବାଦ ଓ ମୁମ୍ବାଇର ୭ଟି ସ୍ଥାନରେ ଚଢାଉ ଏକକାଳୀନ ଚଢାଉ କରାଯାଇଥିଲା। ଏହା ପୂର୍ବରୁ ଗତମାସରେ ମଧ୍ୟ ଇଡି ଏହି ମାମଲାରେ ମହାରାଷ୍ଟ୍ର ଓ ଗୁଜରାଟର ବିଭିନ୍ନ ସ୍ଥାନରେ ରେଡ୍ କରିଥିଲା। ମାଲେଗାଁଓର ଜନୈକ ବ୍ୟବସାୟୀ ନାସିକ ମର୍ଚ୍ଚାଣ୍ଟ କୋ ଅପରେଟିଭ୍ ବ୍ୟାଙ୍କରେ ଥିବା ବିଭିନ୍ନ ଗ୍ରାହକଙ୍କ ଆକାଉଣ୍ଟର ଅପବ୍ୟବହାର କରି ୧୦୦ କୋଟିରୁ ଅଧିକ କାରବାର କରିଥିବା ଅଭିଯୋଗ ରହିଥିଲା। ଏହି ଘଟଣାରେ ସଂପୃକ୍ତ ବ୍ୟକ୍ତିଙ୍କ ନାଁରେ ମାଲଗାଁଓ ଥାନାରେ ମାମଲା ଚାଲିଛି। ତେବେ ୧୦୦ କୋଟି ଟଙ୍କାର ଅର୍ଥ ହେରଫେର ଅଭିଯୋଗରେ ଇଡି ଏହି ରେଡ୍ ଘଟଣାର ତଦନ୍ତ କରୁଛି।

## ପ୍ରେମ ପାଇଁ ମା'କୁ ହତ୍ୟା



**ନୂଆଦିଲ୍ଲୀ, ୭।୧୨:** ଦୀର୍ଘ ଦିନର ପ୍ରେମିକାଙ୍କୁ ବାହା ହେବାକୁ ଚାହୁଁଥିଲେ। କିନ୍ତୁ ମା' ମନା କରି ଦେଲେ। ତେଣୁ ମା'ଙ୍କୁ ମାରି ଦେଲେ ଯୁବକ। ପୁଲିସ ତାଙ୍କୁ ଗିରଫ କରିଛି। ଘଟଣାଟି ଘଟିଛି ଦିଲ୍ଲୀରେ। ଗିରଫ ଯୁବକଙ୍କ ନାଁ ସାଓ୍ୱନ। ତାଙ୍କୁ ୨୨ ବର୍ଷ ହୋଇଛି। ସେ ଜଣେ ଡ୍ରାଇଭର। ଛୋଟ ଚାରି ଚକିଆ ଗାଡ଼ିରେ ସେ ଜିନିଷପତ୍ର ନେବାଆଣିବା କରନ୍ତି। ସାଓ୍ୱନଙ୍କର ଜଣେ ଭାଇ ଅଛନ୍ତି। ତାଙ୍କ ନାଁ କପିଲ। ସେ ସାଓ୍ୱନଙ୍କଠାରୁ ବଡ଼। ୨୭ ବର୍ଷୀୟ କପିଲଙ୍କର ବାହାଘର ଠିକ ହୋଇଛି। ସେ ଖୁବ୍‌ଶୀଘ୍ର ବାହା ହୋଇଥା'ନ୍ତେ। ସେଥିପାଇଁ ଘରେ ପ୍ରସ୍ତୁତି ଚାଲିଥିବା ବେଳେ ସାଓ୍ୱନ ମଧ୍ୟ ବାହା ହେବେ ବୋଲି କହିଥିଲେ। ସେ ତାଙ୍କର ଦୀର୍ଘ ଦିନର ପ୍ରେମିକାଙ୍କୁ ବାହା ହେବାକୁ ଚାହୁଁଥିଲେ। କିନ୍ତୁ ତାଙ୍କ ମା' ସୁଲୋଚନା ମନା କରି ଦେଇଥିଲେ ଓ ତା' ସହିତ ତାଙ୍କୁ ଗାଳି କରିଥିଲେ। ସାଓ୍ୱନ ଜିଦ୍ ଧରିବାରୁ ତାଙ୍କୁ ସଂପତ୍ତିରୁ ବଞ୍ଚିତ କରି ଦେବେ ବୋଲି ସଫା ସଫା ଶୁଣାଇ ଦେଇଥିଲେ ମା' ସୁଲୋଚନା। ମା'ଙ୍କ କଥା ଶୁଣି ରାଗି ଯାଇଥିଲେ ସାଓ୍ୱନ। ସେ ମା'ଙ୍କୁ ମାରିବାକୁ କରିଥିଲେ ଯୋଜନା। ଶୁକ୍ରବାର (ଗତକାଲି) ରାତିରେ ସେ ତାଙ୍କ ମା'ଙ୍କୁ ମାରି ଦେଇଥିଲେ। ତାଙ୍କ ମା' ପିନ୍ଧିଥିବା କାନ ଫୁଲଗୁଡ଼ିକୁ ସେ ବାହାର କରି ଲୁଚାଇ ଦେଇଥିଲେ ଓ ପୂରା ଘଟଣାକୁ ଲୁଟ୍ ଏବଂ ହତ୍ୟାର ରୂପ ଦେବାକୁ ଚେଷ୍ଟା କରିଥିଲେ। ଅଭିଯୁକ୍ତ ସାଓ୍ୱନ ଗତକାଲି ରାତିରେ ନିଜେ ପୁଲିସ କଣ୍ଟ୍ରୋଲ ରୁମ୍‌କୁ ଫୋନ୍ କରି କହିଥିଲେ ଯେ ତାଙ୍କ ମା'ଙ୍କୁ କେହି ମାରି ଦେଇଛି ଓ ସେ କାନରେ ପିନ୍ଧିଥିବା ସୁନାକୁ ନେଇଯାଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଥିଲା। କିନ୍ତୁ ଘଟଣାସ୍ଥଳରେ ଯାଞ୍ଚ କରିବା ପରେ ପୁଲିସ୍ ଲୁଟ୍ ହୋଇଥିବା ନେଇ କୌଣସି ପ୍ରମାଣ ପାଇନଥିଲା। କାନ ଫୁଲକୁ ଛାଡ଼ି ଘରର ଅନ୍ୟ ସମସ୍ତ ଜିନିଷ ଯଥା ସ୍ଥାନରେ ଥିଲା। ତେଣୁ ପୁଲିସର ସନ୍ଦେହ ପରିସରକୁ ଆସିଥିଲେ ସାଓ୍ୱନ। ପୁଲିସ ସାଓ୍ୱନଙ୍କୁ ଜେରା କରିଥିଲା। ଜେରା ବେଳେ ସାଓ୍ୱନ ସତ କଥା କହିଥିଲା। ସେ ନିଜେ ତାଙ୍କ ମା'ଙ୍କୁ ହତ୍ୟା କରିଥିବା ମାନିଥିବା ପୁଲିସ କହିଛି। ପ୍ରେମିକା ସହିତ ବାହା ହେବାକୁ ମା' ମନା କରି ଦେବା ସହିତ ସଂପତ୍ତିରୁ ବଞ୍ଚିତ କରିବେ ବୋଲି ଧମକ ଦେବାରୁ ସେ ଏଭଳି ଏକ କାଣ୍ଡ ଘଟାଇଦେଲେ ବୋଲି ପୁଲିସ ସମ୍ମୁଖରେ ସ୍ୱୀକାର କରିଥିବା ଜଣାପଡ଼ିଛି।

### ଶିବସେନା ନେତାଙ୍କ ବୟାନରେ ଅଖିଳେଶ କ୍ଷୁବ୍ଧ

# ଏମଭିଏରୁ ସମାଜବାଦୀ ପାର୍ଟି ଓହରିବ



**ମୁମ୍ବାଇ, ୭।୧୨:** ମହାରାଷ୍ଟ୍ରରେ ମହା ବିକାଶ ଅଘାଡ଼ିର ଅନ୍ୟତମ ଅଂଶୀଦାର ଦଳ ସମାଜବାଦୀ ପାର୍ଟୀ ମେଣ୍ଟରୁ ଓହରିବାକୁ ନିଷ୍ପତ୍ତି ନେଇଛି। ଏମଭିଏର ପ୍ରମୁଖ ଅଂଶୀଦାର ଦଳ ଉଦ୍ଧବ ଠାକରେଙ୍କ ନେତୃତ୍ୱାଧିନ ଶିବସେନାର ନେତାଙ୍କ ବାବରୀ ମସଜିଦ ଭଙ୍ଗା ଘଟଣା ଉପରେ ମନ୍ତବ୍ୟକୁ ବିରୋଧ କରି ସପା ମହାରାଷ୍ଟ୍ରରେ ଏମଭିଏରୁ ଓହରିବାକୁ ନିଷ୍ପତ୍ତି ନେଇଛି। ଉଦ୍ଧବଙ୍କ ମନ୍ତବ୍ୟରେ ସଂଖ୍ୟାଲଘୁ ମୁସଲମାନ ସମ୍ପ୍ରଦାୟ କ୍ଷୁବ୍ଧ । ତେଣୁ ଏମଭିଏର ଅଂଶୀଦାର ଦଳ ଭାବେ ସମାଜବାଦୀ ପାର୍ଟୀକୁ ଉତ୍ତର ପ୍ରଦେଶରେ ଏହାର କୁପରିଣାମ ଭୋଗିବାକୁ ପଡ଼ିବା ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରକି ଅଖିଳେଶ ଏମଭିଏ ଛାଡ଼ିବାକୁ ନିଷ୍ପତ୍ତି ନେଇଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ, ଶୁକ୍ରବାର ବାବରୀ ମସଜିଦ ଭଙ୍ଗା ଘଟଣାର ୩୨ ବର୍ଷ ପୂର୍ତ୍ତୀ (ଡିସେମ୍ବର ୬ ତାରିଖ ) ଅବସରରେ ଶିବସେନା ନେତା ମିଲିନ୍ଦ ନର୍ଭେକର ସୋସିଆଲ ମିଡିଆ ଏକ୍ସରେ ଏକ ଟିପ୍ପଣୀ ଦେଇଛନ୍ତି। ଏଥିରେ ସେ ଶିବସେନା ପ୍ରତିଷ୍ଠାତା ବାଲା ସାହେବ ଠାକରେଙ୍କ ମନ୍ତବ୍ୟକୁ ଉଲ୍ଲେଖ କରିଛନ୍ତି। ବାଲାସାହେବ ଠାକରେ କହିଥିଲେ ଯେ, ଏହି କାର୍ଯ୍ୟ ଯେଉଁମାନେ କରିଛନ୍ତି ସେମାନଙ୍କ ପାଇଁ ମୁଁ ଗର୍ବିତ। ୧୯୯୨ ଡିସେମ୍ବର ୬ରେ ବାବରୀ ମସଜିଦ ଭଙ୍ଗାଯାଇଥିଲେ। ଏଥିରେ ସମ୍ପୃକ୍ତ କରସେବକଙ୍କ ମଧ୍ୟରେ ଶିବସେନା କର୍ମୀ ମଧ୍ୟ ଥିଲେ। ଏକ୍ସରେ ପୋଷ୍ଟ କରିଥିବା ଫଟୋରେ ମିଲିନ୍ଦ ତାଙ୍କ ନିଜ ଫଟୋ ସହିତ ଉଦ୍ଧବ ଏବଂ ଆଦିତ୍ୟ ଠାକରେଙ୍କ ଫଟୋ ରହିଛି। ମହାରାଷ୍ଟ୍ର ବିଧାନସଭାକୁ ସମାଜବାଦୀ ପାର୍ଟୀର ଦୁଇ ଜଣ ନିର୍ବାଚିତ ହୋଇଛନ୍ତି। ଶନିବାର ଏମଭିଏର ସଭ୍ୟମାନେ ଶପଥଗ୍ରହଣ ସମାରୋହକୁ ବର୍ଜନ କରିଥିବା ବେଳେ ସମାଜବାଦୀ ପାର୍ଟୀର ଦୁଇ ସଭ୍ୟ କିନ୍ତୁ ଏହାକୁ ନମାନି ବିଧାନସଭାରେ ଶପଥପାଠ କରିଛନ୍ତି।

ସେ ପୋଷ୍ଟ କରିଥିବା ଫଟୋରେ ବାବ୍ରୀ ମସଜିଦକୁ ଭଙ୍ଗା ଯାଉଛି। ଏଥିରେ ଶିବସେନାର ପ୍ରତିଷ୍ଠାତା ବାଲାସାହେବ ଠାକରେଙ୍କ ଗୋଟିଏ ଉକ୍ତି ରହିଛି। ବାଲା ସାହେବ ଏଥିରେ କହିଛନ୍ତି, "ଏହାକୁ ଯେଉଁମାନେ କରିଛନ୍ତି(ଭାଙ୍ଗିଛନ୍ତି) ସେମାନଙ୍କ ପାଇଁ ମୁଁ ଗର୍ବିତ।" ଏହି ଫଟୋରେ ଉଦ୍ଧବ ଠାକରେ, ଆଦିତ୍ୟ ଠାକରେ ଓ ନରଭେକରଙ୍କ ଫଟୋ ମଧ୍ୟ ରହିଛି। ଏପରି ପୋଷ୍ଟକୁ ବିରୋଧ କରି ସପା ଏମଭିଏରୁ ଓହରି ଯାଇଛି। ମହାରାଷ୍ଟ୍ରରେ ସପାର ୨ ଜଣ ବିଧାୟକ ରହିଛନ୍ତି। ଆଜି ବିଧାନସଭାରେ ଶପଥ ଗ୍ରହଣ କାର୍ଯ୍ୟକ୍ରମକୁ ଏମଭିଏ ଦଳଗୁଡ଼ିକ ଇଭିଏମକୁ ଦୋଷ ଦେଇ ବୟକଟ କରିଥିଲେ। ହେଲେ ସପାର ରାଜ୍ୟ ସଭାପତି ତଥା ବିଧାୟକ ଅବୁ ଅସିମ ଅଜମି ଓ ବିଧାୟକ ରୈସ ଶେଖ ଏମଭିଏ ନିଷ୍ପତ୍ତିକୁ ଖାତିର ନ କରି ବିଧାୟକ ଭାବେ ଶପଥ ନେଇଛନ୍ତି। ଅଜିମ ଗୋଟିଏ ବିବୃତିରେ କହିଛନ୍ତି, "ସାଂପ୍ରଦାୟିକ ବିଚାରଧାରା ସହ ସପା କେବେ ହେଲେ ରହିପାରିବ ନାହିଁ। ତେଣୁ ଆମେ ମହା ବିକାଶ ଅଘାଡ଼ିରୁ ନିଜକୁ ପୃଥକ କରୁଛୁ। ଶିବସେନା(ୟୁବିଟି) ପକ୍ଷରୁ ଖବରକାଗଜରେ ବିଜ୍ଞାପନ ଦିଆଯାଇ ବାବ୍ରୀ ମସଜିଦକୁ ଧ୍ୱଂସ କରିଥିବା ଲୋକଙ୍କୁ ଶୁଭେଚ୍ଛା ଜଣାଯାଉଛି। ତାଙ୍କ (ଉଦ୍ଧବ ଠାକରେ) ସହଯୋଗୀ ମଧ୍ୟ ଏକ୍ସରେ ପୋଷ୍ଟ କରି ମସଜିଦ ଭଙ୍ଗା ଘଟଣାକୁ ପ୍ରଶଂସା କରୁଛନ୍ତି। ଆମେ ଏମଭିଏରୁ ଓହରି ଯାଉଛୁ। ମୁଁ ସମାଜବାଦୀ ସଭାପତି ଅଖିଳେଶ ଯାଦବଙ୍କ ସହ କଥା ହୋଇ ସାରିଛି। ଏମଭିଏରେ ଥିବା କେହି ଯଦି ଏମିତି ଭାଷା କହିବେ, ତା'ହେଲେ ବିଜେପି ଓ ସେମାନଙ୍କ ମଧ୍ୟରେ ପାର୍ଥକ୍ୟ କ'ଣ? କାହିଁକି ଆମେ ସେମାନଙ୍କ ସହ ରହିବୁ।"

# ଶପଥ ଗ୍ରହଣ ସମାରୋହକୁ ଏମଭିଏର ବର୍ଜନ

**ମୁମ୍ବାଇ, ୭।୧୨:** ମହାରାଷ୍ଟ୍ର ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଆଜିଠାରୁ ଆରମ୍ଭ ହୋଇଛି। ଅଧିବେଶନ ପ୍ରାରମ୍ଭରେ ବିଧାନସଭାର ନବନିର୍ବାଚିତ ବିଧାୟକମାନେ ଶପଥ ଗ୍ରହଣ କରିଛନ୍ତି। ଆଜତ ଶପଥ ଗ୍ରହଣ କରିଥିବା ସଦସ୍ୟଙ୍କ ମଧ୍ୟରେ ଅଛନ୍ତି ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାବିସ, ଦୁଇ ଉପ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଏବଂ ଅଜିତ ପାଓ୍ୱାର। ତେବେ ବିରୋଧୀ ମହାବିକାଶ ଅଘାଡ଼ିର ସଦସ୍ୟମାନେ ଶପଥ ଗ୍ରହଣ ଉତ୍ସବକୁ ବର୍ଜନ କରିଛନ୍ତି। ଏ ସମ୍ପର୍କରେ ଶିବସେନା ନେତା ଆଦିତ୍ୟ ଠାକରେ କହିଛନ୍ତି ଯେ, ସଦ୍ୟ ସମାପ୍ତ ବିଧାନସଭା ନିର୍ବାଚନରେ ଇଭିଏମର ଦୁରୁପଯୋଗ କରାଯାଇଥିବା ଏବଂ ଏହାକୁ ଟାମ୍ପରିଂ କରାଯାଇଥିବା ସନ୍ଦେହ କରାଯାଉଛି। ଏହା ଗଣତନ୍ତ୍ରର ହତ୍ୟା। ତେଣୁ ଏହାର ପ୍ରତିବାଦରେ ସେମାନେ ମିଳିତ ଭାବେ ଶପଥଗ୍ରହଣ ସମାରୋହକୁ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି ସେ କହିଛନ୍ତି। ତେବେ ଏମଭିଏର ଅନ୍ୟତମ ଅଂଶୀଦାର ଦଳ ସମାଜବାଦୀ ପାର୍ଟୀ ଏମଭିଏ ନିଷ୍ପତ୍ତିକୁ ସମର୍ଥନ କରି ନାହିଁ। ଦଳର ଦୁଇ ବିଧାୟକ ଆଜି ଶପଥ ଗ୍ରହଣ କରିଛନ୍ତି। ଦୁଇ ଦିନ ତଳେ ମହାଯୁତି ସରକାରର ମୁଖ୍ୟମନ୍ତ୍ରୀ ଭାବେ ଦେବେନ୍ଦ୍ର ଫଡନାବିସ ଏବଂ ଦୁଇ ଉପମୁଖ୍ୟମନ୍ତ୍ରୀ ଭାବେ ଏକନାଥ ସିନ୍ଦେ ଏବଂ ଅଜିତ ପାଓ୍ୱାର ଶପଥ ନେଇଥିଲେ। ଏହାପରେ ଆଜି ସମସ୍ତ ବିଧାୟକମାନଙ୍କୁ ପ୍ରୋଟେମ୍ ସ୍ପିକର ପଦ ଓ ଗୋପନୀୟତାର ଶପଥ ପାଠ କରାଇଥାନ୍ତେ। ହେଲେ ଇଭିଏମକୁ ପ୍ରସଙ୍ଗ କରି ବୟକଟ୍ ନାରା ଦେଇଛି ମହା ବିକାଶ ଅଘାଡ଼ି। ଶିବସେନା ନେତା ଆଦିତ୍ୟ ଠାକରେ କହିଛନ୍ତି ଯେ ନିକଟରେ ହୋଇଥିବା ନିର୍ବାଚନରେ ଇଭିଏମର ଅପବ୍ୟବହାର ହୋଇଛି। ଏହାର ପ୍ରତିବାଦରେ ମହାବିକାଶ ଆଘାଡି (ଏମଭିଏ) ମେଣ୍ଟର ବିଧାୟକମାନେ ନବନିର୍ବାଚିତ ମହାରାଷ୍ଟ୍ର ବିଧାନସଭାର ଶପଥ ଗ୍ରହଣ ସମାରୋହକୁ ବର୍ଜନ କରିବେ। ଇଭିଏମ ବ୍ୟବହାର କରି ଗଣତନ୍ତ୍ରକୁ ହତ୍ୟା କରାଯାଉଥିବାରୁ ଆମେ ଆଜି ଶପଥ ଗ୍ରହଣ ଉତ୍ସବକୁ ବର୍ଜନ କରିଛୁ। ଏହା (ମହାରାଷ୍ଟ୍ର ବିଧାନସଭା ନିର୍ବାଚନର ଫଳାଫଳ) ଜନସାଧାରଣଙ୍କ ଜନାଦେଶ ନୁହେଁ, ଏହା ଇଭିଏମ୍ ଏବଂ ଭାରତୀୟ ନିର୍ବାଚନ ଆୟୋଗଙ୍କ ଜନାଦେଶ ବୋଲି ଠାକରେ କହିଛନ୍ତି।




ମହାରାଷ୍ଟ୍ର ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଆରମ୍ଭ ହୋଇଛି। ପୂର୍ବାହ୍ନ ୧୧ଟାରେ ଗୃହ ଆରମ୍ଭ ହେବାର କିଛି ସମୟ ପରେ ପ୍ରୋଟେମ୍ ବାଚସ୍ପତି କାଳିଦାସ କୋଲାମ୍ବକର ଶପଥ ପାଠ କରାଉଛନ୍ତି। ତେବେ ପ୍ରଥମ ଦିନରେ ବିରୋଧୀ ବିଧାୟକମାନେ ଶପଥ ଗ୍ରହଣ କରିବାକୁ ମନା କରିଦେଇଛନ୍ତି। ତେବେ ଏହି ଅଧିବେଶନରେ ବାକି ୨୮୭ ନବନିର୍ବାଚିତ ବିଧାୟକଙ୍କୁ କୋଲାମ୍ବକର ଶପଥ ପାଠ କରାଇବେ। ବିଧାନସଭାର ସ୍ୱତନ୍ତ୍ର କାର୍ଯ୍ୟର ଅନ୍ତିମ ଦିନ ସୋମବାର ବାଚସ୍ପତି ନିର୍ବାଚନ ଅନୁଷ୍ଠିତ ହେବ। ନଭେମ୍ବର ୨୦ରେ ହୋଇଥିବା ବିଧାନସଭା ନିର୍ବାଚନରେ ଶିବସେନା ଏବଂ ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି (ଏନସିପି)କୁ ନେଇ ଗଠିତ ବିଜେପି ନେତୃତ୍ୱାଧୀନ ମହାଯୁତି ମେଣ୍ଟ ୨୮୮ ଆସନ ବିଶିଷ୍ଟ ବିଧାନସଭାରେ ୨୩୦ଟି ଆସନ ସହ କ୍ଷମତାକୁ ଫେରିଛି। ଶିବସେନା (ୟୁବିଟି), କଂଗ୍ରେସ ଏବଂ ଶରଦ ପାଓ୍ୱାରଙ୍କ ଏନସିପି ଗୋଷ୍ଠୀକୁ ନେଇ ଗଠିତ ଏମଭିଏ ବିଧାନସଭା ନିର୍ବାଚନରେ ଶୋଚନୀୟ ପରାଜୟର ସମ୍ମୁଖୀନ ହେବା ପରେ ଇଭିଏମ୍ ବିରୋଧରେ ଯୁଦ୍ଧଂ ଦେହି ଡାକରା ଦେଇଛନ୍ତି। ଫଳାଫଳ ପରେ ବିରୋଧୀ ମେଣ୍ଟର ଅନେକ ପରାଜିତ ପ୍ରାର୍ଥୀ ଇଭିଏମ୍ କାର୍ଯ୍ୟରେ ଅନିୟମିତତା ହୋଇଥିବା ଅଭିଯୋଗ କରିଛନ୍ତି। ବିଜେପି ନେତୃତ୍ୱାଧୀନ ମହାଯୁତି ଇଭିଏମ୍‌ରେ ହେରଫେର କରି ଜନାଦେଶ ଚୋରି କରିଥିବା ଏମଭିଏର ଶୀର୍ଷ ନେତାମାନେ ଅଭିଯୋଗ କରିଛନ୍ତି।

# ପିଙ୍କ ବଲ ଟେଷ୍ଟରେ ଟ୍ରାଭିସ ହେଡ୍‌ଙ୍କ ଶତକ

## ଅଷ୍ଟ୍ରେଲିଆ ୩୩୭ ରନ୍‌ରେ ଅଲଆଉଟ୍





**ଆଡିଲେଡ୍, ୭।୧୨:** ବର୍ଡର-ଗାଭାସ୍କର ଟ୍ରଫିର ପିଙ୍କ ବଲ ଟେଷ୍ଟରେ ଘରୋଇ ଅଷ୍ଟ୍ରେଲିଆ ଦମ ଦେଖାଇଛି। ପ୍ରଥମ ଇନିଂସରେ ଭାରତକୁ ୧୮୦ ରନରେ ଅଲଆଉଟ କରିଥିବା ଅଷ୍ଟ୍ରେଲିଆ ଏବେ ୧୫୭ ରନର ଗୁରୁତ୍ୱପୂର୍ଣ୍ଣ ଲିଡ୍ ହାସଲ କରିନେଇଛି। ଭାରତ ୧୮୦ ରନରେ ଅଲଆଉଟ ହେବା ପରେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ବ୍ୟାଟିଂରେ ନିଜର ଜଲୱା ଦେଖାଇଛି। ଟ୍ରାଭିସ ହେଡଙ୍କ ଦମଦାର ୧୪୦ ଓ ମାନର୍ସ ଲାବୁଶେନଙ୍କ ୬୪ ରନ ବଳରେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୩୩୭ ରନ କରି ଅଲଆଉଟ ହୋଇଯାଇଛି। ହେଲେ ଦଳକୁ ଆଡିଲେଡରେ ୧୫୭ ରନର ଲିଡ ମିଳିଛି। ଭାରତ ପକ୍ଷରୁ ଯଶପ୍ରୀତ ବୁମ୍ରା ଓ ମହମ୍ମଦ ସିରାଜ ୪ଟି ଲେଖାଏ ୱିକେଟ ନେଇଥିଲେ ହେଁ ଅଷ୍ଟ୍ରେଲିଆକୁ ବ୍ୟାକଫୁଟକୁ ଠେଲିବାକୁ ସକ୍ଷମ ହୋଇନାହାନ୍ତି। ନବାଗତ ନୀତୀଶ କୁମାର ରେଡ୍ଡୀ ଓ ଭେଟରାନ ରବି ଅଶ୍ୱିନଙ୍କୁ ଗୋଟିଏ ଲେଖାଏ ୱିକେଟ ମିଳିଛି। ଆଡିଲେଡରେ ଖେଳା ଯାଉଥିବା ପିଙ୍କ ବଲ ଟେଷ୍ଟର ଆଜି ହେଉଛି ଦ୍ୱିତୀୟ ଦିନ। ଆଜି ଭାରତ ଆହୁରି ପ୍ରାୟ ୩୦ ଓଭର ବ୍ୟାଟିଂ କରିବ। ତେଣୁ ମ୍ୟାଚ୍ ବଞ୍ଚାଇବା ପାଇଁ ଭାରତକୁ ପର୍ଥ ଟେଷ୍ଟର ଦ୍ୱିତୀୟ ଇନିଂସ ଭଳି ବ୍ୟାଟିଂ କରିବାକୁ ପଡ଼ିବ। ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ଅଷ୍ଟ୍ରେଲିଆ ୮୬/୧ କରିଥିଲା। ଆଜି ପ୍ରଥମ ୧ ଘଣ୍ଟାର ଖେଳ ମଧ୍ୟରେ ବୁମ୍ରା ପ୍ରଥମେ ନାଥନ ମ୍ୟାକସ୍ୱିନୀ ୩୯ ଓ ପରେ ଷ୍ଟିଭ ସ୍ମିଥ ୨ଙ୍କୁ ଆଉଟ କରିଥିଲେ। କିନ୍ତୁ ଏହାପରେ ହେଡ ଓ ଲାବୁଶେନ ସ୍ଥିତି ସମ୍ଭାଳିଥିଲେ। ଫର୍ମ ପାଇଁ ସଂଘର୍ଷ କରୁଥିବା ଲାବୁଶେନଙ୍କ ବ୍ୟାଟରୁ ଅର୍ଦ୍ଧଶତକ ମଧ୍ୟ ଦେଖିବାକୁ ମିଳିଥିଲା। ଉଭୟ ୪ର୍ଥ ୱିକେଟ ପାଇଁ ୬୫ ରନ ମଧ୍ୟ ଯୋଡ଼ିଥିଲେ। ହେଲେ ଦଳୀୟ ସ୍କୋର ୧୬୮ ଥିବା ବେଳେ ଲାବୁଶେନ(୬୪)ଙ୍କୁ ଆଉଟ କରି ଅଷ୍ଟ୍ରେଲିଆକୁ ୪ର୍ଥ ଝଟକା ଦେଇଥିଲେ ନୀତୀଶ କୁମାର ରେଡ୍ଡୀ। ମିଚେଲ ମାର୍ଶଙ୍କୁ ସାଥୀ କରି ହେଡ୍ ଦଳୀୟ ସ୍କୋରକୁ ୨୦୦ ପାର କରାଇଥିଲେ। କିନ୍ତୁ ମାର୍ଶ କେବଳ ୯ ରନ କରି ରବି ଅଶ୍ୱିନଙ୍କ ବଲରେ ଆଉଟ ହୋଇଥିଲେ। ଆଲେକ୍ସ କେରୀ ୧୫ ରନ କରି ସିରାଜଙ୍କ ପ୍ରଥମ ଶିକାର ବନିଥିଲେ। ଗୋଟିଏ ପଟେ ୱିକେଟ ଯାଉଥିଲେ ହେଁ ହେଡ୍ ଆଟାକିଂ ଶଟ ଖେଳି ନିଜ ହୋମଗ୍ରାଉଣ୍ଡରେ ଦମଦାର ଶତକ ହାସଲ କରିଥିଲେ। ଏହାପରେ ଗିୟର ବଦଳାଇ ଦଳୀୟ ସ୍କୋରକୁ ୩୦୦ ପାର କରାଇଥିଲେ। ଦଳର ସ୍କୋର ୩୧୦ ରନ ଥିବା ବେଳେ ୧୪୦ ରନ କରିଥିବା ହେଡ୍‌ଙ୍କୁ ସିରାଜ କ୍ଲିନବୋଲ୍ଡ କରିଦେଇଥିଲେ। ଅଷ୍ଟ୍ରେଲିଆକୁ ମଧ୍ୟ ୭ମ ଝଟକା ଲାଗିଥିଲା। ୮ମ ୱିକେଟ ପାଇଁ ଅଧିନାୟକ ପାଟ କମିନ୍ସ ଓ ମିଚେଲ ଷ୍ଟାର୍କ ୨୨ ରନ ଯୋଡ଼ିଥିଲେ। ଏତିକି ବେଳେ ବୁମ୍ରା ୧୨ ରନ କରିଥିବା କମିନ୍ସଙ୍କୁ କ୍ଲିନବୋଲ୍ଡ କରିଦେଇଥିଲେ। ଏଥିସହ ଦ୍ୱିତୀୟ ଦିନରେ ଟି ବ୍ରେକ ହୋଇଥିଲା।

ଟି ବ୍ରେକ ପରର ପ୍ରଥମ ବଲରେ ଷ୍ଟାର୍କ ୧୮ ରନ କରି ସିରାଜଙ୍କ ତୃତୀୟ ଶିକାର ବନିଥିଲେ। ଏହାପରେ ଦଳୀୟ ସ୍କୋର ୩୩୭ ରନ ଥିବା ବେଳେ ସିରାଜ ଶେଷ ବ୍ୟାଟର ସ୍କଟ ବୋଲାଣ୍ଡଙ୍କୁ ବୋଲ୍ଡ କରି ଅଷ୍ଟ୍ରେଲିଆର ପ୍ରଥମ ଇନିଂସରେ ପୂର୍ଣ୍ଣଚ୍ଛେଦ ଟାଣିଥିଲେ।

# ଲାବୁସେନଙ୍କ ଉପରେ ରାଗିଗଲେ ମହମ୍ମଦ ସିରାଜ





**ନୂଆଦିଲ୍ଲୀ,୭।୧୨:** ବର୍ଡର-ଗାଭାସ୍କର ଟ୍ରଫି ଟେଷ୍ଟ ସିରିଜ ଜାରି ରହିଛି। ଆଡିଲେଡରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଦ୍ୱିତୀୟ ଟେଷ୍ଟ ଖେଳାଯାଉଛି। ଏହି ମ୍ୟାଚରେ ମହମ୍ମଦ ସିରାଜ ଓ ମାର୍ନସ ଲାବୁସେନ ଲାଇମଲାଇଟକୁ ଆସିଛନ୍ତି। ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଏକ ଭିଡିଓରେ ଦେଖିବାକୁ ମିଳିଛି ମହମ୍ମଦ ସିରାଜ ଅଷ୍ଟ୍ରେଲିଆ ବ୍ୟାଟ୍ସମ୍ୟାନ ମାର୍ସନ ଲାବୁସେନଙ୍କ ଉପରେ ରାଗିଥିବା ଦେଖିବାକୁ ମିଳିଛି। ତେବେ କାହିଁକି ରାଗିଲେ ସିରାଜ। ସ୍ପିଡୋମିଟର ଗ୍ଲିଚ ପାଇଁ ସିରାଜଙ୍କ ବଲର ବେଗ ଘଣ୍ଟାପ୍ରତି ୧୮୧.୬ କିମି ହୋଇଥିଲା। ଏହି ସମୟରେ ଏକ ଭିଡିଓ ଭାଇରାଲ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଯେଉଁଥିରେ ସିରାଜ ଅଷ୍ଟ୍ରେଲିଆ ବ୍ୟାଟ୍ସମ୍ୟାନ ମାର୍ନସ ଲାବୁସେନଙ୍କ ଉପରେ ରାଗିଥିବାର ଦେଖିବାକୁ ମିଳିଛି। ଲାବୁସେନ ଷ୍ଟ୍ରାଇକରେ ଥିଲେ ଓ ସିରାଜ ବୋଲିଂ କରୁଥିଲେ। ସିରାଜ ରନଅପ ପୁରା କରି ବୋଲିଂ କରିବାକୁ ଥିଲେ ଅଚାନକ ଲାବୁସେନ କ୍ରିଜରୁ ହଟି ଯାଇଥିଲେ। ସିରାଜଙ୍କୁ ଅଟକିବାକୁ ଇସାରା ଦେଇଥିଲେ। ଲାବୁସେନଙ୍କ ଆଡକୁ ବଲ ଫୋପାଡିଥିବା ଦେଖିବାକୁ ମିଳିଥିଲା। ବଲ ଥ୍ରୋ କରିବା ସମୟରେ ସିରାଜ ରାଗିଥିବା ସ୍ପଷ୍ଟ ଜଣାପଡୁଥିଲା।

# ବ୍ରାଣ୍ଡ ବିଜ୍ଞାପନ ଡିଲରେ ପ୍ରଥମ ପସନ୍ଦ ଧୋନି



**ନୂଆଦିଲ୍ଲୀ,୭।୧୨:** ମହେନ୍ଦ୍ର ସିଂହ ଧୋନୀ। କ୍ୟାପ୍ଟେନ କୁଲ। ଥାଲା। ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂହ ଧୋନୀ ଏବେ ଅଧିନାୟକ ନାହାନ୍ତି ସତ। ହେଲେ ତାଙ୍କ ଡିମାଣ୍ଡ ରହିଛି। ବିଭିନ୍ନ କମ୍ପାନୀ ବ୍ରାଣ୍ଡର ପ୍ରଚାର ପାଇଁ ପ୍ରଥମ ପସନ୍ଦ ହୋଇଛନ୍ତି ଏମଏସଡି। ଏ କ୍ଷେତ୍ରରେ ସେ ବଲିଉଡ଼ର ବହୁ ବଡ ବଡ ଷ୍ଟାରଙ୍କୁ ପଛରେ ପକାଇ ଦେଇଛନ୍ତି। ବିଗ୍ ବି ଅମିତାଭ ବଚ୍ଚନ, ବାଦଶାହ ଶାହରୁଖ ଖାନ ଓ ଅକ୍ଷୟ କୁମାରଙ୍କୁ ଟପିଛନ୍ତି ଧୋନୀ।

୨୦୨୪ରେ ମାତ୍ର ୬ମାସରେ ୪୨ଟି ବ୍ରାଣ୍ଡ ପ୍ରଚାର ପାଇଁ ଡିଲ୍ କରିଛନ୍ତି। ଏପରିକି ସେ ଶାହରୁଖ, ବିଗ୍ ବି ଅମିତାଭ ବଚ୍ଚନ ଓ ଅକ୍ଷୟ କୁମାରଙ୍କୁ ପଛରେ ପକାଇଛନ୍ତି। ଟିଏମଏ ରିପୋର୍ଟରୁ ଏହି ତଥ୍ୟ ସାମ୍ନାକୁ ଆସିଛି। ବ୍ରାଣ୍ଡର ବିଜ୍ଞାପନ ପାଇଁ ଧୋନୀଙ୍କ ପରଦା ଉପସ୍ଥିତିକୁ ନେଇ ମଧ୍ୟ ଟାମ ରିପୋର୍ଟ ଦେଇଛି। ଏଥିରେ ମଧ୍ୟ ଏମଏସଡି ଶାହରୁଖ, ଅମିତାଭ ଓ ଅକ୍ଷୟ କୁମାରଙ୍କଠୁ ପଛରେ ରହିଛନ୍ତି। ତଥାପି ତାଙ୍କ ଡିମାଣ୍ଡ ରହିଛି। ଅକ୍ଷୟ କୁମାର ୨୨ ଘଣ୍ଟା, ଶାହରୁଖ ୨୦ ଘଣ୍ଟା ଓ ଅମିତାଭ ୧୬ ଘଣ୍ଟା ସ୍କ୍ରିନରେ ରହୁଥିବାବେଳେ ଧୋନୀଙ୍କୁ ୧୪ ଘଣ୍ଟା ସ୍କ୍ରିନରେ ଦେଖିବାକୁ ମିଳେ।

ଏମଏସଡି ବହୁ ବଡ ବଡ କମ୍ପାନୀ ସହିତ ଜଡିତ ଅଛନ୍ତି। ସେ ଯେଉଁ ବ୍ରାଣ୍ଡଗୁଡିକର ବିଜ୍ଞାପନ କରୁଛନ୍ତି ସେଗୁଡିକ ହେଲା, ସିଟ୍ରୋନ, ଡ୍ରୋନ ଷ୍ଟାର୍ଟଅପ ଗରୁଡ଼, ଏରୋସ୍ପୋସ୍, ଫ୍ଲିପକାର୍ଟ ମାଲିକାନାରେ ଥିବା କ୍ଲିଟ୍ରିପ୍, ପେପସିକୋର ଲେସ୍, ଇମୋଟୋରାଡ, ମାଷ୍ଟରକାର୍ଡ, ଗଲ୍ଫଅଏଲ, ଓରିଏଣ୍ଟ ଇଲେକ୍ଟ୍ରିକ ଏବଂ ଏକ୍ସପ୍ଲୋସିଭ ହ୍ୱି ଇତ୍ୟାଦ। ଆଇପିଏଲ ଧୋନୀଙ୍କ ପାଖରେ ଗୋଟିଏ ବ୍ରାଣ୍ଡ ୟୁରୋଗ୍ରିପ ଟାୟାର ସହ ଚୁକ୍ତି କରିଛନ୍ତି। ଖାଲି ବ୍ରାଣ୍ଡ ପ୍ରାଚର ପ୍ରସାର ନୁହେଁ ଧୋନୀ ନାଗରିକ ସଚେତନତା ସହ ମଧ୍ୟ ଯୋଡି ହୋଇଛନ୍ତି। ନିକଟରେ ଝାଡଖଣ୍ଡ ବିଧାନସଭା ନିର୍ବାଚନରେ ଧୋନୀ ଲୋକଙ୍କୁ ଭୋଟ ଦେବାକୁ ପ୍ରୋତ୍ସାହିତ କରିଥିଲେ।

# ୱେଲିଂଟନ୍ ଟେଷ୍ଟ୍‌ରେ ଇଂଲଣ୍ଡ ୫୩୩ରେ ଅଗ୍ରଣୀ



**ନ୍ୟୁଜିଲାଣ୍ଡ, ୭।୧୨:** ଟେଷ୍ଟ କ୍ରିକେଟରେ ବିସ୍ଫୋରକ ବ୍ୟାଟିଂ କରୁଥିବା ଇଂଲଣ୍ଡ ଏବେ ପ୍ରତିଟି ମ୍ୟାଚ୍‌ରେ ରେକର୍ଡ ପରେ ରେକର୍ଡ କରି ଚାଲିଛି। ଏହିକ୍ରମରେ ଦଳ ନାଁରେ ଆଉ ଏକ ବିଶ୍ୱ ରେକର୍ଡ ଯୋଡ଼ି ହୋଇଯାଇଛି। ୧୪୭ ବର୍ଷର ଟେଷ୍ଟ କ୍ରିକେଟର ଇତିହାସରେ ଯାହା ଘଟି ନଥିଲା, ସେକଥା ବେନ ଷ୍ଟୋକ୍ସଙ୍କ ଇଂଲଣ୍ଡ ଏବେ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ କରି ଦେଖାଇଛି। ୱେଲିଙ୍ଗଟନରେ ଖେଳା ଯାଉଥିବା ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟର ଦ୍ୱିତୀୟ ଦିନରେ ଇଂଲଣ୍ଡ ୫୩୩ ରନର ଲିଡ ହାସଲ କରି ନେଇଛି। ୪ ଜଣ ଇଂଲିଶ ବ୍ୟାଟର ୫୦ରୁ ଅଧିକ ରନ କରି ପୂରା ଇନିଂସରେ ନିଜର ଦବଦବା ଦେଖାଇଛନ୍ତି। ପ୍ରଥମ ଇନିଂସରେ ଇଂଲଣ୍ଡ ୨୮୦ ରନରେ ଅଲଆଉଟ ହେବା ପରେ ନ୍ୟୁଜିଲ୍ୟାଣ୍ଡକୁ ୧୨୫ ରନରେ ରୋକି ଦେଇଥିଲା।

ତେବେ ଦ୍ୱିତୀୟ ଦିନର ଷ୍ଟମ୍ପ ଅପସାରଣ ବେଳକୁ ଇଂଲଣ୍ଡ ତା'ର ଦ୍ୱିତୀୟ ଇନିଂସରେ ୫ ୱିକେଟ ହରାଇ ୩୭୮ ରନ କରିନେଇଛି। ଏହି ମ୍ୟାଚ୍‌ରେ ଟେଷ୍ଟ କ୍ରିକେଟର ୧୪୭ ବର୍ଷ ଇତିହାସ ମଧ୍ୟରେ ପ୍ରଥମ ଦଳ ଭାବେ ଇଂଲଣ୍ଡ ୫୦୦,୦୦୦ ରନ ପୂରଣ କରିଛି। ଇଂଲଣ୍ଡ ନିଜର ୧୦୮୨ ତମ ଟେଷ୍ଟ ମ୍ୟାଚ୍‌ରେ ଏପରି କୀର୍ତ୍ତିମାନ ହାସଲ କରିଛି। ଟେଷ୍ଟ କ୍ରିକେଟରେ ସର୍ବାଧିକ ରନ କରିଥିବା ତାଲିକାର ଦ୍ୱିତୀୟ ସ୍ଥାନରେ ଅଷ୍ଟ୍ରେଲିଆ ରହିଛି। ଅଷ୍ଟ୍ରେଲିଆ ଏଯାଏ ୪,୨୮,୮୬୮ ରନ କରିଛି। ୨,୭୮,୭୫୧ ରନ ସହ ଭାରତ ତାଲିକାର ତୃତୀୟ ସ୍ଥାନରେ ଅଛି। ମ୍ୟାଚ୍ କଥା ବିଚାରକୁ ନେଲେ ଗସ ଅଟକିନସନଙ୍କ ହ୍ୟାଟ୍ରିକ ବଳରେ ଇଂଲଣ୍ଡ ପ୍ରତିପକ୍ଷ ନ୍ୟୁଜିଲ୍ୟାଣ୍ଡକୁ ୧୨୫ ରନରେ ଅଟକାଇ ଦେଇଥିଲା। ଏହାପରେ ବ୍ୟାଟରମାନେ କମାଲ କରି ପୂରା ମ୍ୟାଚ୍‌କୁ ନିଜ ନିୟନ୍ତ୍ରଣକୁ ନେଇ ଯାଇଛନ୍ତି। ଏବେ ଇଂଲଣ୍ଡ ୫୩୩ ରନର ଲିଡ ହାସଲ କରିନେଇଛି।

ପ୍ରଥମ ଇନିଂସରେ ୧୫୫ ରର ଲିଡ ପାଇଥିବା ଇଂଲଣ୍ଡ ଦ୍ୱିତୀୟ ଦିନର ଷ୍ଟମ୍ପ ବେଳକୁ ୫ ୱିକେଟ ହରାଇ ୩୭୮ ରନ କରି ନେଇଛି। ଜୋ ରୁଟ ୭୩ ଓ ବେନ ଷ୍ଟୋକ୍ସ ୩୫ ରନ କରି କ୍ରିଜରେ ରହିଛନ୍ତି। ଜ୍ୟାକ କ୍ରାଉଲୀ ୮ ରନ କରି ଆଉଟ ହୋଇଥିବା ବେଳେ ବେନ ଡକେଟ ୯୨, ଜ୍ୟାକବ ବେଥେଲ୍ଲ ୯୬ ଓ ହ୍ୟାରୀ ବ୍ରୁକ ୫୫ ରନର ଇନିଂସ ଖେଳିଛନ୍ତି। ଇଂଲଣ୍ଡ ଆଜି ୭୬ ଓଭର ବ୍ୟାଟିଂ କରି ୫ ୱିକେଟ ହରାଇ ୩୭୮ ରନ କରିଛି।

## ୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ୍

# ଆଜି ଫାଇନାଲରେ ଭାରତ-ବାଂଲାଦେଶକୁ ଭେଟିବ



**ସାରଜା,୭।୧୨:** ଭାରତୀୟ ଯୁବ କ୍ରିକେଟ୍ ଦଳ ନବମ ଥର ୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ୍ (ଦିନିକିଆ) ଫାଇନାଲ୍‌ରେ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ସେମି ଫାଇନାଲ୍‌ରେ ଭାରତ ୭ ୱିକେଟ୍‌ରେ ଶ୍ରୀଲଙ୍କାକୁ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ୧୩ ବର୍ଷୀୟ ବ୍ୟାଟିଂ ବିସ୍ମୟ ବୈଭବ ସୂର୍ଯ୍ୟବଂଶୀ ଧୂଆଁଧାର ଅର୍ଦ୍ଧଶତକୀୟ ଇନିଂସ୍ ଖେଳି ଦଳକୁ ବିଜୟୀ କରାଇଥିଲେ। ଆସନ୍ତା ୮ ତାରିଖରେ ୮ ଥର ଚାମ୍ପିଅନ୍ ଭାରତ ଫାଇନାଲ୍ ମୁକାବିଲାରେ ବାଂଲାଦେଶକୁ ଭେଟିବ। ଅନ୍ୟ ସେମିରେ ଡିଫେଣ୍ଡିଂ ଚାମ୍ପିଅନ୍ ବାଂଲାଦେଶ ୭ ୱିକେଟ୍‌ରେ ପାକିସ୍ତାନକୁ ପରାଜିତ କରିଥିଲା। ସାରଜା କ୍ରିକେଟ୍ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚ୍‌ରେ ଟସ୍ ଜିତି ଶ୍ରୀଲଙ୍କା ବ୍ୟାଟିଂ କରି ୪୬.୨ ଓଭରରେ ସମସ୍ତ ୱିକେଟ୍ ହରାଇ ୧୭୩ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଏସ୍. ଶନମୁଗନାଥନ ୪୨, ଲକ୍‌ଭିନ ଆବେସିଂହେ ୬୯ (୩ଚୌକା, ୨ଛକା) ରନ୍ କରିଥିଲେ। ଭାରତ ପକ୍ଷରୁ ଚେତନ ଶର୍ମା ୩ଟି, କିରଣ ଚୋରମଲେ ଓ ଆୟୁଷ ମାହତ୍ରେ ପ୍ରତ୍ୟେକ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ। ୧୭୪ ରନ୍ ଟାର୍ଗେଟର ପିଛା କରି ଭାରତ ୨୧.୪ ଓଭର ମଧ୍ୟରେ ୩ ୱିକେଟ୍ ବିନିମୟରେ ବିଜୟ ହାସଲ କରିଥିଲା। ଓପନିଂ ଯୋଡ଼ି ମାହତ୍ରେ ଓ ସୂର୍ଯ୍ୟବଂଶୀ ୫୧ଟି ବଲ୍‌ରୁ ୯୧ରନ୍ ସଂଗ୍ରହ କରିଥିଲେ। ମାହତ୍ରେ ୩୪ (୭ଚୌକା) ରନ୍ କରି ଆଉଟ୍ ହୋଇଥିଲେ। ଏହାପରେ ସି ଆନ୍ଦ୍ରେ ସିଦ୍ଧାର୍ଥ ଅପରାଜିତ ସୂର୍ଯ୍ୟବଂଶୀଙ୍କ ସହ ମିଶି ସ୍କୋରକୁ ୧୩୨ରେ ପହଞ୍ଚାଇଥିଲେ। ସୂର୍ଯ୍ୟବଂଶୀ ୩୬ବଲ୍‌ରୁ ୬୭ (୬ଚୌକା, ୫ଛକା) ରନ୍ କରି ପାଭିଲିୟନ ଫେରିଥିଲେ। ପରେ ପରେ ସିଦ୍ଧାର୍ଥ (୨୨)ଙ୍କ ୱିକେଟ୍‌ର ପତନ ଘଟିଥିଲା। ମାତ୍ର ମହମ୍ମଦ ଅମନ (୨୫) ଓ କେପି କାର୍ତ୍ତିକେୟ (୧୧) ଅପରାଜିତ ରହି ଦଳକୁ ଫାଇନାଲ୍‌ରେ ପହଞ୍ଚାଇଥିଲେ। ପାକିସ୍ତାନକୁ ହରାଇଲା ବାଂଲାଦେଶ: ପ୍ରଥମ ସେମିରେ ବାଂଲାଦେଶ ୭ ୱିକେଟ୍‌ରେ ପାକିସ୍ତାନକୁ ପରାଜିତ କରିଥିଲା। ପାକିସ୍ତାନର ୧୧୬ରନ୍ ଜବାବରେ ବାଂଲାଦେଶ ୨୨.୧ ଓଭରରେ ୩ ୱିକେଟ୍ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ନେଇଥିଲା। ବିଜୟୀ ଦଳ ପକ୍ଷରୁ ଆଜିଜୁଲ ହାକିମ୍ ଅପରାଜିତ ୬୧ରନ୍ କରିଥିବାବେଳେ ଇକ୍‌ବାଲ ହୋସେନ ଇମୋନ ୪ ୱିକେଟ୍ ହାସଲ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମାଟି ମା' ...

ଚାଲିଛନ୍ତି। ସେ ଦେଶର ମହିଳାମାନଙ୍କ ପାଇଁ ପ୍ରେରଣା ସୃଷ୍ଟି କରିଛନ୍ତି। ସାନାମ-ଜଗେ ଜୋହାର ବୋଲି କହି ସାନ୍ତାଳୀ ଭାଷାର ଜନକ ଗୁରୁ ଗମ୍‌କେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ମୁଖ୍ୟମନ୍ତ୍ରୀ। ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଥମ ଥର ପାଇଁ ଶପଥ ନେବା ପରେ ଆମ ରାଜ୍ୟର ରେଳବାଇ ପ୍ରକଳ୍ପଗୁଡିକରେ ନୂତନ ଜୀବନର ସଂଚାର ହେଲା। ଏହାର ପ୍ରମାଣ ହେଉଛି ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ। ୩୦୧ କିଲୋମିଟରରୁ ୧୮୩ କିଲୋମିଟର ନିର୍ମାଣ ସରି ରେଳ ଚଳାଚଳ ଆରମ୍ଭ ହୋଇଛି। ବାକି କାମ ଖୁବ ଶୀଘ୍ର ସମାପ୍ତ ହେବ।

ଓଡ଼ିଶାରେ ରେଳସେବାର ସ୍ୱାକ୍ଷର ଭାବେ ଆଜି ଏଠାରେ ୩ଟି ରେଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଉଛି। ଏହି ୩ଟି ପ୍ରକଳ୍ପ ମାଧ୍ୟମରେ ମୟୁରଭଞ୍ଜ ଓ କେନ୍ଦୁଝର ପରି ଆଦିବାସୀ ଅଞ୍ଚଳ ଓ ଖଣି ଅଧ୍ୟୁଷିତ ଅଞ୍ଚଳରେ ବିକାଶର ନୂଆ ସ୍ରୋତ ଆସିବ। ରେଳ ଯୋଗାଯୋଗ ଏହି ଦୁଇଟି ଜିଲ୍ଲାର ଅର୍ଥନୀତିର ଉନ୍ନତି ପାଇଁ ଅନେକ ସୁଯୋଗ ସୃଷ୍ଟି କରିବ। ସ୍ଥାନୀୟ ଲୋକମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ରେଳ ପରିବହନ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ବ୍ୟବସାୟ, ବାଣିଜ୍ୟରେ ମଧ୍ୟ ଅଭିବୃଦ୍ଧି ଘଟିବ। ଓଡ଼ିଶାରେ ଏବେ ଡବଲ ଇଞ୍ଜିନ ସରକାର ଚାଲିଛି। ଡବଲ ଇଞ୍ଜିନ ସରକାରରେ ବିକାଶର ଗତି ମଧ୍ୟ ଡବଲ ହେଉଛି। ସେପ୍ଟେମ୍ବରରେ ପ୍ରଧାନମନ୍ତ୍ରୀ ୩ ବନ୍ଦେ ଭାରତ ଟ୍ରେନର ଶୁଭାରମ୍ଭ କରିଥିଲେ। ଆମ ନୂଆ ସରକାର ଆସିବା ପରେ କେନ୍ଦ୍ର ସରକାର ପାଖାପାଖି ୨୦ ହଜାର କୋଟି ଟଙ୍କାର ୮ଟି ନୂଆ ରେଳ ଲାଇନ ପ୍ରକଳ୍ପ ମଞ୍ଜୁର କରିଛନ୍ତି। ଓଡ଼ିଶା ପରିପ୍ରେକ୍ଷୀରେ ଅଶ୍ୱିନୀ ବୈଷ୍ଣବଙ୍କ ପରି ଜଣେ ରେଳମନ୍ତ୍ରୀ ଆମ ରାଜ୍ୟପାଇଁ ଏକ ଆଶୀର୍ବାଦ। ପାଞ୍ଚ ବର୍ଷରେ ଓଡ଼ିଶାରେ ରେଳ ବିକାଶରେ ଅଭୂତପୂର୍ବ ବେଗ ଆସିଛି। ରେଳ ଭିତ୍ତିଭୂମିର ବିକାଶ କ୍ଷେତ୍ରରେ ଓଡ଼ିଶା ପାଇଁ ଏକ ସୁବର୍ଣ୍ଣ ଯୁଗ ଆସିଛି। ସଡକ ପଥର ବିକାଶ ପାଇଁ ମଧ୍ୟ ୨୧ ହଜାର କୋଟି ଟଙ୍କାର ଅନେକ ପ୍ରକଳ୍ପ ମଞ୍ଜୁର ହୋଇଛି। ଏହା ସହିତ ୫୦ ହଜାର କୋଟିରୁ ଅଧିକ ଟଙ୍କାର ସଡକ ପ୍ରକଳ୍ପ କେନ୍ଦ୍ର ସରକାରଙ୍କ ବିଚାରାଧିନ ଅଛି।

ଓଡ଼ିଶାରେ ଜନଜାତିଙ୍କ ବିକାଶ ଦିଗରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଅନେକ କାମ କରିଛନ୍ତି। ଯେପରିକି ପିଏମ୍ ଜନମନ ଯୋଜନା, ଧର୍ତ୍ତୀ ଆବା ଗ୍ରାମ ଉତ୍କର୍ଷ ଯୋଜନା ଆଦି ଯୋଜନା। ଏଥିପାଇଁ ତାଙ୍କୁ ଧନ୍ୟବାଦ ଅର୍ପଣ କରୁଛି। ଏଠାରେ ଜନଜାତି ଗବେଷଣା ଓ ଉନ୍ନୟନ କେନ୍ଦ୍ର ସ୍ଥାପନ ପାଇଁ ମୁଖ୍ୟମନ୍ତ୍ରୀ ରାଷ୍ଟ୍ରପତିଜୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଓ ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଉପସ୍ଥିତ ଥିଲେ।

ବୁଢ଼ାମରାରୁ ଚାକୁଲିଆ ନୂତନ ରେଳ ଲାଇନରେ ଆନୁମାନିକ ୧,୬୩୯ କୋଟି ଟଙ୍କା ବ୍ୟୟ ହେବ। ବାଦାମପାହାଡ଼ରୁ କେନ୍ଦୁଝର ନୂତନ ରେଳ ଲାଇନରେ ୨,୧୦୬ କୋଟି ଏବଂ ବାଙ୍ଗିରିପୋଷିରୁ ଗୋରୁମହିଷାଣି ନୂତନ ରେଳ ଲାଇନ ପାଇଁ ପ୍ରାୟ ୨,୫୪୯ କୋଟି ଟଙ୍କା ବ୍ୟୟ ହେବ। ସୂଚନାଯୋଗ୍ୟ, ୫ ଦିନିଆ ଗସ୍ତରେ ଆସିଥିବା ରାଷ୍ଟ୍ରପତି ବାୟୁସେନା ହେଲିକପ୍ଟର ଯୋଗେ କଲେଇକୁଣ୍ଡାରେ ପହଞ୍ଚି ସେଠାରୁ ସ୍ୱତନ୍ତ୍ର ବିମାନପରେ ନୂଆଦିଲ୍ଲୀ ଫେରିଯାଇଛନ୍ତି।

### ମରଣଯନ୍ତା...

ସଠିକ ଭାବେ ଉପଲବ୍ଧ ହେଉନଥିଲା। ଜିଲ୍ଲା ସଦର ମହକୁମା ଚିକିତ୍ସାଳୟ ଓ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ରେଡିଓଲୋଜି ସେବାଗୁଡିକ ସମ୍ପୂର୍ଣ୍ଣ ପରିସର ଉପଲବ୍ଧ ନଥିଲା। ଭଦ୍ରକ, କନ୍ଧମାଳ ଓ ନୂଆପଡା ଏଥିରେ ସବୁଠୁ ପଛରେ ଥିଲେ।

ରୋଗୀଙ୍କୁ ଔଷଧ ଯୋଗାଣ ଓ ବ୍ୟବହାର ଅଯୋଗ୍ୟ ଔଷଧକୁ ନେଇ ସିଏଜି ଆପତ୍ତି ଉଠାଇଛନ୍ତି। ୨୦୧୬-୧୭ରୁ ୨୦୨୧-୨୨ ମଧ୍ୟରେ ଡାକ୍ତରଖାନାକୁ ଆବଶ୍ୟକୀୟ ଔଷଧ ଓ ଚିକିତ୍ସା ସାମଗ୍ରୀ ଯୋଗାଣ ୫୩ ପ୍ରତିଶତ କମ ଥିଲା। ବହୁ କ୍ଷେତ୍ରରେ ଡାକ୍ତରଖାନାରେ ଔଷଧ ଷ୍ଟକ ଶେଷ ହୋଇଯାଉଥିଲା। ଏହି ସମୟ ମଧ୍ୟରେ ପ୍ରାୟ ୧୧ କୋଟି ୬୮ ଲକ୍ଷ ଟଙ୍କା ଔଷଧ ବ୍ୟବହାର ଅଯୋଗ୍ୟ ହୋଇଯାଇଥିଲା। ସରକାର କିଣୁଥିବା ଔଷଧର ପ୍ରଭାବକୁ ନିଶ୍ଚିତ କରିବା ପାଇଁ ସଂରକ୍ଷଣ ଓ ଧାର୍ଯ୍ୟ ମାନଦଣ୍ଡର ଅନୁପାଳନ କରାଯାଇନଥିଲା ବୋଲି ସିଏଜି ଦର୍ଶାଇଛନ୍ତି।

ଡାକ୍ତରଖାନାରେ ବର୍ଜବସ୍ତୁ ପରିଚଳନା ପାଇଁ ପର୍ଯ୍ୟାପ୍ତ ଭିତ୍ତିଭୂମୀ ନଥିଲା। ୧୦ରୁ ୫୦ ପ୍ରତିଶତ ଡାକ୍ତରଖାନା ୨୦୧୬-୧୭ରୁ ୨୦୨୧-୨୨ ମଧ୍ୟରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅନୁମତି ପାଇନଥିଲେ। ବିଭିନ୍ନ ଡାକ୍ତରଖାନାରେ ୫୨.୬୪କୋଟି ଟଙ୍କାର ବର୍ଜବସ୍ତୁ ପରିଚାଳନା ଯନ୍ତ୍ରପାତି ଭିତ୍ତିଭୂମୀ ଅଭାବରୁ ବ୍ୟବହାର ନହୋଇ ପଡିରହିଥିଲା। ରାଜ୍ୟରେ ଜାତୀୟ ସ୍ୱାସ୍ଥ୍ୟ ଯୋଜନାଗୁଡିକ ମଧ୍ୟ ସଠିକ ଭାବେ କାର୍ଯ୍ୟକାରୀ ହେଉନଥିଲା। ଏହି ସମୟ ମଧ୍ୟରେ କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଯୋଜନାରେ ଆସିଥିବା ଅର୍ଥର ୯ରୁ ୨୦ ପ୍ରତିଶତ ମଧ୍ୟରେ ବିନିଯୋଗ ହୋଇଥିଲା।

### ରୂପାନ୍ତରଣ...

ନିର୍ଜେ ସେ ନୀତି ନିୟମ ମାନୁନଥିଲେ ବୋଲି ବିଜେଡିର ଯୁବନେତାମାନେ ପଚାରୁଛନ୍ତି। ଯଦି ସେତେବେଳେ ଅରୁଣ ସାହୁଙ୍କ ପରି ନେତାମାନେ ସତକୁ ସାମନା କରିଥାନ୍ତେ ଏବେ ହୁଏତ ଓଡ଼ିଶାବାସୀ ବିଜେଡିକୁ କ୍ଷମତାରୁ ହଟେଇନଥାନ୍ତେ। ସେତେବେଳର ରତ୍ନାକର ଏବେ ବାଲ୍ମୀକି ହେବାକୁ ଚେଷ୍ଟା କଲେ ବି ଲୋକେ ସହଜରେ ଏହି ରୂପାନ୍ତରଣକୁ ଗ୍ରହଣ କରିପାରୁନାହାଁନ୍ତି।

### 'ଭାରତକୁ...

ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଶ୍ରେଷ୍ଠତାର ପ୍ରତୀକ ପାଲଟିଛି। ଏହି ଅନୁଷ୍ଠାନ ନିଜର ୭୫ ବର୍ଷ ପୁରୁଣା ସମୃଦ୍ଧ ପରମ୍ପରାକୁ ଆଧାର କରି ବହୁମୁଖୀ ମ୍ୟାନେଜମେଣ୍ଟ ଶିକ୍ଷା, ନବସୃଜନରେ ନୂଆ ଦିଗ ଯୋଡିବା ସହ ଅଧିକ ବୈଭବ ଓ ନିଯୁକ୍ତିଦାତା ସୃଷ୍ଟି କରିବା ପାଇଁ ପ୍ରତିବଦ୍ଧ ହେବା ଆବଶ୍ୟକ। ଏହି ଅବସରରେ ଶ୍ରୀ ପ୍ରଧାନ ଉଲ୍ଲେଖନୀୟ ସଫଳତା ପାଇଁ ସମ୍ମାନିତ ପୂରାତନ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ଶେଷରେ ଶ୍ରୀ ପ୍ରଧାନ ଶିକ୍ଷାନୁଷ୍ଠାନ କ୍ୟାମ୍ପସ ପରିଦର୍ଶନ କରିଥିଲେ।

# ଜାତୀୟ ସାଇକେଲ ଚମ୍ପିୟାନସିପ ଉଦ୍‌ଘାଟିତ



**ପୁରୀ,୭।୧୨(ସଂଚାର ବ୍ୟୁରୋ):** ପୁରୀ ଷ୍ଟ୍ରିଙ୍ଗ ରୋଡ ନିକଟରେ ୨୯ ତମ ଜାତୀୟ ରୋଡ ସାଇକେଲ ଚାଳନା ପ୍ରତିଯୋଗିତା ଆଜି ପୂର୍ବାହ୍ନରେ ଉଦଘାଟିତ ହୋଇଯାଇଛି। ଏଥିରେ ବିଭିନ୍ନ ରାଜ୍ୟ ଓ ଅନୁଷ୍ଠାନର ୧୦୦୦ ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି।ଜାତୀୟ ସାଇକ୍ଲିଂ ଆସୋସିଏସନ ଓ ଓଡିଶା ସାଇକ୍ଲିଂ ଆସୋସିଏସନ ର ମିଳିତ ସହଯୋଗ ରେ ଆୟୋଜିତ ଏହି ଚମ୍ପିଆନସିପ କୁ ପୁରୀ ଲୋକସଭା ସାଂସଦ ଡା ସମ୍ବିତ ପାତ୍ର ଉଦଘାଟନ କରି ସାଇକେଲ ଚାଳନା ଦ୍ୱାରା ବ୍ୟାୟାମ ସଂଘଟିତ ହେବା ସହ ଶରୀର ସୁସ୍ଥ ରହିଥାଏ।ଏହା ଏକ ସୁନ୍ଦର ଓ ଉପଯୋଗୀ ଅଭ୍ୟାସ।ଓଡିଶା ରେ ସାଇକେଲ ଚାଳନାରେ ରୁଚି ରହିଛି।ତେବେ ଏହାକୁ ପ୍ରତିଯୋଗୀ ମନ ନେଇ ପ୍ରତ୍ୟେକ ସାଇକେଲ ଚାଳନା ମନସ୍କ ହେବାକୁ ପରାମର୍ଶ ଦେବା ସହ ପୁରୀ ରେ ଏହାର ଆୟୋଜନ ହେଉଥିବାରୁ ଆୟୋଜକ ଙ୍କୁ ଧନ୍ୟବାଦ ଜଣାଇଥିଲେ।ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ ଏହି ଚମ୍ପିୟାନସିପ ପାଇଁ ପ୍ରଶାସନ ବିବିଧ ସହଯୋଗ ଯୋଗାଇ ଦେବା ସହ ପ୍ରତିଯୋଗିତାର ସଫଳ ଆୟୋଜନ ଓ ପ୍ରତିଯୋଗୀ ମାନଙ୍କ ସୁବିଧା ପାଇଁ ବ୍ୟବସ୍ଥା କରିଛି ବୋଲି କହିଥିଲେ।ଓଡିଶା ସାଇକେଲ ସଂଘର ସଭାପତି ଅର୍ଜୁନ ପୁରସ୍କାର ବିଜୟିନୀ ମିନତୀ ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ।ପ୍ରାରମ୍ଭରେ ଜାତୀୟ ସାଇକ୍ଲିଂ ଆସୋସିଏସନ ର ସମ୍ପାଦକ ଚମ୍ପିୟାନସିପର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ପ୍ରତିଯୋଗିତାର ନିୟମ ସମ୍ପର୍କରେ ଆଲୋକପାତ କରିଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ ସାହୁ, ଓଡିଶା ସାଇକ୍ଲିଂ ଆସୋସିଏସନ ର ସମ୍ପାଦକ ପ୍ରସନ୍ନ କୁମାର ରାଉତ, ଜିଲ୍ଲା କ୍ରୀଡା ସଂସଦର ପ୍ରାକ୍ତନ ସମ୍ପାଦକ ରବି ନାରାୟଣ ପ୍ରତିହାରୀ, ବରିଷ୍ଠ ସାଇକେଲ ଚାଳକ ତଥା ଆୟୋଜକ ସୁଶୀଲ କୁମାର ଦାସ, ପ୍ରମୁଖ ଯୋଗ ଦେଇ ସାଇକେଲ ଚାଳନାର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ।ଏହି ପ୍ରତିଯୋଗିତା ଚଳିତ ମାସ ୧୦ ତାରିଖ ପର୍ଯ୍ୟନ୍ତ ଜାରି ରହିବ ବୋଲି ଆୟୋଜକ ଜଣାଇଛନ୍ତି।

## ୩ ସ୍ଥାନରୁ ଟ୍ରାନ୍ସଫର୍ମର ଚୋରି
# ୧୫ଦିନ ହେଲା ଉପଭୋକ୍ତା ଅନ୍ଧାରରେ



**କଣାସ, ୭।୧୨ (ସଂଚାର ବ୍ୟୁରୋ) :** କେନ୍ଦ୍ର ଓ ରାଜ୍ୟସରକାର ଗ୍ରାମାଞ୍ଚଳର ଜନସାଧାରଣଙ୍କୁ ବିଦ୍ୟୁତ୍ ସେବା, ପାନୀୟଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ପାଇଁ ରାସ୍ତା ନିର୍ମାଣ ଉପରେ ଅଧିକ ଗୁରୁତ୍ୱ ଦେଉଥିବା ବେଳେ ପୁରୀ ଜିଲ୍ଲା କଣାସ ବ୍ଲକର ଦୋକନ୍ଦା ଗ୍ରାମପଞ୍ଚାୟତର ୩ଟି ସ୍ଥାନରୁ ବିଦ୍ୟୁତ୍ ଟ୍ରାନ୍ସଫର୍ମ୍ ଚୋରି ହୋଇଯାଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀମାନଙ୍କ ଖାମଖିଆଲ ନିତୀ ଯୋଗୁଁ ଉକ୍ତ ଗ୍ରାମବାସୀମାନେ ୧୫ଦିନ ହେଲା ଆନ୍ଧାରରେ କାଳତିପାତ କରୁଛନ୍ତି। ଖବରନେବାରେ ଜଣାପଡ଼ିଛି ଦୋକନ୍ଦା ପଞ୍ଚାୟତର କଶରପୁର ଛକଠାରୁ ନଭେମ୍ବର ୨୦ତାରିଖ ମଧ୍ୟରାତ୍ରରେ କୌଣସି ଦୁର୍ବୃତ୍ତ ଟ୍ରାନ୍ସଫର୍ମରଟିକୁ ଚୋରି କରିନେଇଯାଇଥିବା ବେଳେ ଗୋଡିପଦର ଗ୍ରାମ ଓ କାଙ୍ଗପୁର ଗ୍ରାମରେ ପୃଥକ ପୃଥକ ଭାବେ ବସିଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମଟିକୁ ଦୁର୍ବୃତ୍ତମାନେ ନେଇଯାଇଛନ୍ତି। ଉକ୍ତ ଗ୍ରାମଗୁଡିକ ନିରାକାରପୁର ବିଦ୍ୟୁତ୍ ସବଷ୍ଟେସନ୍‌ରେ ଥିବାରୁ ସେଠାର ବିଦ୍ୟୁତ୍ ସହକାରୀ ଯନ୍ତ୍ରୀଙ୍କୁ ପଚାରିବାରୁ ସେ କୁହନ୍ତି ଟ୍ରାନ୍ସଫର୍ମର ଚୋରି ସମ୍ପର୍କରେ କଣାସ ଥାନା ଓ ଗଡ଼ିଶାଗୋଦା ଥାନାରେ ପୃଥକ ପୃଥକ ଭାବେ ଏତଲା ଦିଆଯାଇଛି। ଆଉ ନୂତନ ଟ୍ରାନ୍ସଫର୍ମର ବସିବା ପାଇଁ ଉପରସ୍ଥ ଅଧିକାରୀଙ୍କୁ ଜଣାଇଛୁ। ଟ୍ରାନ୍ସଫର୍ମର ଆସିଲେ ବସିବ। ସେହିପରି ଘନଘନ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଚୋରି ଯୋଗୁଁ ଆଖପାଖ ଗ୍ରାମବାସୀଙ୍କ ମନରେ ଭୟଜାତ ହୋଇଛି।

## ସରୁନି ଜିଲ୍ଲା ଯୋଜନା କାର୍ଯ୍ୟାଳୟର କୋଠା
# ନିମ୍ନମାନର କାମ କରୁଛି ଠିକା ସଂସ୍ଥା

**ନୟାଗଡ଼, ୭।୧୨ (ସଂଚାର ବ୍ୟୁରୋ) :** ବିଭାଗୀୟ କର୍ମଚାରୀଙ୍କ ଅପାରଗତା ନା ଠିକା ସଂସ୍ଥାର ଅପାରଗତା । ଦୀର୍ଘ ଦିନ ଚାଲୁ ରହିଛି ନିର୍ମାଣ କାର୍ଯ୍ୟ କିନ୍ତୁ ପ୍ରଥମ ମହଲା ଆଜି ପର୍ଯ୍ୟନ୍ତ ପଡ଼ିନାହିଁ । ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଜନଅସୋନ୍ତୋଷ ଦେଖା ଦେଇଛି ।

ନୟାଗଡ଼ ଜିଲ୍ଲା ଯୋଜନା କାର୍ଯ୍ୟାଳୟ ନିର୍ମାଣ ପାଇଁ ଦୁଇ ବର୍ଷ ତଳୁ ଯୋଜନା ପ୍ରସ୍ତୁତ ହୋଇଥିଲା । ୨୦୨୩-୨୪ ଆର୍ଥିକ ବର୍ଷରେ ଏଥିପାଇଁ ଯୋଜନା ପ୍ରସ୍ତୁତ ହୋଇ କୋଠା ନିର୍ମାଣ ପାଇଁ ପୂର୍ତ୍ତ ବିଭାଗକୁ ଦାୟିତ୍ୱ ଦିଆଯାଇଥିଲା । ୩ କୋଟି ୯୩ ଲକ୍ଷ ଟଙ୍କାରେ ଏହାକୁ ନିର୍ମାଣ କରିବା ପାଇଁ ଟେଣ୍ଡର କରି ଠିକାଦାର ଚୟନ ପରେ ପୂର୍ତ୍ତ ବିଭାଗ ଗତ ୨୦୨୩ ମସିହା ଡିସେମ୍ବର ୨୯ ତାରିଖରେ କାର୍ଯ୍ୟ ଆରମ୍ଭ ପାଇଁ ଅନୁମତି ପ୍ରଦାନ କରିଥିଲା । ସୁମନ୍ତ କୁମାର ସାହୁ ନାମକ ଜୈନିକ ଠିକାଦାର ୩ କୋଟି ୫୨ ଲକ୍ଷ ଟଙ୍କାରେ ନିର୍ମାଣ ଦାୟିତ୍ୱ ନେଇଥିବା ବେଳେ ୨୦୨୪ ମସିହା ସେପ୍ଟେମ୍ବର ୨୮ ତାରିଖ ସୁଦ୍ଧା କାର୍ଯ୍ୟ ଶେଷ କରିବାକୁ ଚୁକ୍ତି ହୋଇଥିଲା । ନୟାଗଡ଼ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ନିକଟରେ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଏଯାଏଁ ଶେଷ ହେବାର ନାଁ ନାହିଁ ।

ଏହି କୋଠା ନିର୍ମାଣ କାମ ଅତ୍ୟନ୍ତ ମନ୍ଥର ଗତିରେ ଚାଲିଛି । ପ୍ରଥମ ମହଲା କେବଳ ବିମ୍



ଅବସ୍ଥାରେ ଛାତ ପଡ଼ିଥିବା ବେଳେ ଦ୍ୱିତୀୟ ମହଲା ବିମ୍ ଉଠା ଯାଉଥିବା ଦେଖାଯାଇଛି । ଏହି କାମ ୩୦ ପ୍ରତିଶତ ଶେଷ ହୋଇନଥିବା ବେଳେ କେବେ କାମ ପୂର୍ଣ୍ଣାଙ୍ଗ ରୂପ ନେବ ବୋଲି ପ୍ରଶ୍ନ ଉଠିଛି । ନିର୍ମାଣ ଅବଧି ଶେଷ ହେବାକୁ ୩ ମାସ ବିତିଥିବା ବେଳେ କାର୍ଯ୍ୟ ଶେଷ ନହେବା ବିଭାଗୀୟ କର୍ମଚାରୀଙ୍କ କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନୟାଗଡ଼ ଜିଲ୍ଲାରେ ଏଭଳି ଅନେକ ରାସ୍ତା ଓ କୋଠା ନିର୍ମାଣ କାର୍ଯ୍ୟ ଅଧା ଅଧୁରା ଅବସ୍ଥାରେ ରହିଥିବା ବେଳେ ପୂର୍ତ୍ତ ବିଭାଗ ଜିଲ୍ଲାବାସୀଙ୍କୁ ଭୁଆଁ ବୁଲାଇ ଚାଲିଛି। ଏନେଇ ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀଙ୍କୁ ପଚାରିବାରୁ, ବର୍ତ୍ତମାନର କାର୍ଯ୍ୟର ସମୟ ସୀମା ସରିନାହିଁ, ଯେଉଁଠାରୁ ପ୍ଲାନିଂ ନେଉଛନ୍ତି ସେହିଠାରୁ କାଉଣ୍ଟିଙ୍ଗ ହଉଛି ତେବେ ମାର୍ଚ୍ଚ ସୁଦ୍ଧା କାର୍ଯ୍ୟ ସାରିବାକୁ ଧାର୍ଯ୍ୟ ସମୟସୀମା ରଖାଯାଇଛି । କିନ୍ତୁ ନିମ୍ନମାନର କାର୍ଯ୍ୟ ହେଉନାହିଁ, ତେବେ ମାର୍ଚ୍ଚ ମାସ ସୁଦ୍ଧା କାର୍ଯ୍ୟ ସରିବ । ଯଦି ଅଭିଯୋଗ ଆସେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ସଂଜୀବ ବେହେରା ପ୍ରକାଶ କରିଛନ୍ତି ।

## ଚୋରା ଦେଶୀ ଓ ବିଦେଶୀ ମଦ ଜବତ, ୩ ଗିରଫ



**ସାଲେପୁର, ୭।୧୨ (ସଂଚାର ବ୍ୟୁରୋ) :** ସାଲେପୁର ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ୧୪ଲିଟର ଦେଶୀ ଓ ବିଦେଶୀ ଚୋରାମଦ ଜବତ କରାଯିବା ସହ ୩ଜଣ ଚୋରା ମଦବ୍ୟବସାୟୀଙ୍କୁ ଗିରଫ କରିଥିବା ଜଣାଯାଇଛି। ଆଜି ସାଲେପୁର ଅବକାରୀ ଥାନା ଅଧିନସ୍ଥ ନେମାଳ ଥାନା ଅନ୍ତର୍ଗତ ମାଳିଗାଁରେ ଚଢ଼ଉ କରାଯାଇ ୬ଲିଟର ଚୋରା ବିଦେଶୀ ମଦ ଜବତ କରାଯିବା ସହ ଚୋରା ମଦ ବ୍ୟବସାୟୀ ପ୍ରମୋଦ କୁମାର ସାହୁକୁ ଗିରଫ କରାଯାଇଛି। ସେହିପରି ପାଳଦା ଗ୍ରାମର ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ଠାରୁ ୪ଲିଟର ୬୦୦ଗ୍ରାମ ଦେଶୀ ମଦ ଜବତ କରାଯାଇଥିବାବେଳେ ପ୍ରଫୁଲ୍ଲକୁ ଗିରଫ କରାଯାଇଥିବାବେଳେ ବନ୍ଧୁପୁର ଗ୍ରାମର ଶୋଭନୀ ଭୋଇକୁ ମଧ୍ୟ ଚୋରା ମଦ ବିକ୍ରି କରିବା ଅଭିଯୋଗରେ ତା' ନିକଟରୁ ୪ଲିଟର ମଦ ଜବତ କରାଯାଇଛି। ଏହାନେଇ ପୃଥକ୍ ପୃଥକ୍ ଭାବେ କେସ୍ ନଂ-୭୫, ୯୦ ଓ ୮୯/୨୦୨୪ରେ ୩ଟି ମାମଲା ରୁଜୁ କରାଯାଇ ୩ଜଣ ଚୋରା ମଦ ବ୍ୟବସାୟୀଙ୍କୁ ଗିରଫ କରାଯିବା ସହ ସେମାନଙ୍କ ନିକଟରୁ ୧୪ଲିଟରରୁ ଉର୍ଦ୍ଧ୍ୱ ଦେଶୀ ଓ ବିଦେଶୀ ମଦ ଜବତ କରାଯାଇଛି। ଏହି ଚଢ଼ଉରେ ସାଲେପୁର ଅବକାରୀ ଥାନା ଅଧିକାରୀ ରଂକନିଧି ମଲ୍ଲିକ, ସବ୍‌ଇନିସ୍ପେକ୍ଟର ରାଜକିଶୋର ନାୟକ, କନେଷ୍ଟବଳ ସୁନିଲ ବଳ, ଗୀତାଞ୍ଜଳି ବେହେରା, ଅଜୟ ଜେନା, କିଶୋର ଟୁଡୁ ପ୍ରମୁଖ ସାମିଲ ହୋଇଥିଲେ।

## ଗଣ୍ଡଗୋଳରେ ଜଣେ ଆହତ

**ବାଲିଅନ୍ତା, ୭।୧୨ (ସଂଚାର ବ୍ୟୁରୋ) :** ଆଜି ଅପରାହ୍ନ ସାଢେ ୨ଟା ସମୟରେ ଯଶୁଆପୁର ଗ୍ରାମ ବାଲି ପୋଖରୀ ନିକଟ ଗୋଚର ଜମିରେ ୨ ମଇଁଷି ଚରାଳି ପରିବାର ମଧ୍ୟରେ ଭୀଷଣ ଗଣ୍ଡଗୋଳ ଘଟିଛି। ଗୋଟିଏ ପକ୍ଷରେ ଠେଙ୍ଗାବାଡ଼ି ମାଡ଼ରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି । ଆହତ ଯୁବକ ହେଲେ ବାଳକାଟି ଫାଣ୍ଡି ଉମାଦେଈ ବ୍ରହ୍ମପୁର ପଞ୍ଚାୟତ ଅଧୀନ ହୀରାପୁର ଗ୍ରାମର ମନୋରଞ୍ଜନ ଦାସ (୩୦)। ମନୋରଞ୍ଜନଙ୍କ ମୁଣ୍ଡରେ ୫ଟି ଷ୍ଟିଚ ପଡିଛି । ପରିବାର ଲୋକେ ମନୋରଞ୍ଜନଙ୍କୁ ବାଳକାଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ମଇଁଷି ଚରାକୁ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ମାରପିଟ ହୋଇଥିଲା ।

## ୩୧ ଲିଟର ଚୋରା ମଦ ଜବତ, ୪ କୋର୍ଟ ଚାଲାଣ



**କୋଣାର୍କ, ୭।୧୨ (ସଂଚାର ବ୍ୟୁରୋ) :** ରାମଚଣ୍ଡୀ ଥାନା ଅଧୀନ ଭୁଆଁ, ବାଙ୍ଗର, ଦୋପଡା, ଯାଉଁଳିପୋଖରୀ ଛକ ଏବଂ ଗୋପ ଥାନା ଅଧୀନ ଅଧୀନ ଉରୁଆଳି, ନୋଥପୁର, ଡଭାର ଇତ୍ୟାଦି ସ୍ଥାନରେ ନିମାପଡ଼ା ଓ କୋଣାର୍କ ଅବକାରୀ ଥାନା ପକ୍ଷରୁ ଚଢ଼ାଉ କରାଯାଇ ସମୁଦାୟ ୩୧ ଲିଟର ଚୋରା ଦେଶୀ ମଦ ଜବତ ସହ ଚାରି ଜଣଙ୍କୁ ଗିରଫ କରାଯାଇଥିବା ଅବକାରୀ ପୋଲିସ୍ ପକ୍ଷରୁ ସୁଚନା ଦିଆଯାଇଛି। ନିମାପଡ଼ା ଅବକାରୀ ଥାନା ଅଧିକ୍ଷକ ପାର୍ଥ ସାରଥି ରାଉତ୍ ଓ କୋଣାର୍କ ଅବକାରୀ ଥାନା ଭାରପ୍ରାପ୍ତ ଅଧିକ୍ଷକ ମନୋଜ କୁମାର ପୂର୍ସେଟ୍‌ଙ୍କ ନେତୃତ୍ୱରେ ଦୁଇଟି ଟିମ୍ ଉପରୋକ୍ତ ସ୍ଥାନରେ ଚଢ଼ାଉ କରି ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଅଭିଯୁକ୍ତ ମାନେ ହେଲେ ଓରୁଆଳି ଗ୍ରାମର ଅପର୍ତି ସେନାପତି, ସର୍ବେଶ୍ୱର ଜେନା, ଦୋପଡା ଗ୍ରାମର ରମେଶ ଚନ୍ଦ୍ର ଜେନା ଓ ଯାଉଁଳି ପୋଖରୀ ବଜାରର ଶୁଶାନ୍ତ ପରିଡା ବୋଲି ସୁଚନା ମିଳିଛି। ଉପରୋକ୍ତ ଚଢ଼ାଉ କାର୍ଯ୍ୟରେ ଏ ଏସ ଆଇ ସନ୍ତୋଷ କୁମାର ମହାରଣା, କର୍ମଚାରୀ ଶେଖ୍ ଓ୍ୱାରସ, ଏସ ଜନ୍ମେଜୟ ଓ ସବିତା ସାହୁ ପ୍ରମୁଖ ସାମିଲ ଥିଲେ।

## ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟଙ୍କୁ ଆକ୍ରମଣ ମାମଲା
# ମୁଖ୍ୟ ଅଭିଯୁକ୍ତ ଉମେଶ ଦାସଙ୍କ ନାମରେ ମାମଲା

**ଦଶରଥପୁର, ୭।୧୨ (ସଂଚାର ବ୍ୟୁରୋ):** ମଙ୍ଗଳପୁର ଥାନା ପାଲଟପୁର ପଞ୍ଚାୟତ ଅଧିନ କଣ୍ଟିବାଙ୍କ ଗ୍ରାମର ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଭରତ ଚନ୍ଦ୍ର ପରିଡ଼ାଙ୍କୁ ଆକ୍ରମଣ ଘଟଣାରେ ଆକ୍ସନ ମୁଡ଼ରେ ପୁଲିସ। ଡିଆଇଜି ଚରଣ ସିଂ ମିନା ତତ୍କାଳୀନ ଆଇଆଇସି ତଥା କୁଆଖିଆ ଆଇଆଇସି ଚିନ୍ମୟୀ ସାହୁଙ୍କୁ ଡକାଇ ତାଗିଦ କରିଥିବା ଜଣାପଡିଛି। ମୁଖ୍ୟ ଅଭିଯୁକ୍ତଙ୍କ ନାମରେ କାହିଁକି ମାମଲା ରୁଜୁ କରାଯାନାହିଁ ଅଭିଯୋଗକାରୀଙ୍କ ନାମରେ ମିଥ୍ୟାରେ କାଉଣ୍ଟର କେସ କରାଯାଉଛି କହି କିଛି ସମୟ ଧରି ଅସନ୍ତୋଷ ବ୍ୟକ୍ତ ପ୍ରକାଶ କରିଥିଲେ ଡିଆଇଜି। ଏହାପରେ ମୁଖ୍ୟ ଅଭିଯୁକ୍ତ ଉମେଶ ଦାସଙ୍କ ନାମରେ ମାମଲା ରୁଜୁ କରିଛି ମଙ୍ଗଳପୁର ପୋଲିସ। ଏହାଛଡା ଅଂଚଳରେ କିଛି ଦିନ ହେବ ଅଶାନ୍ତ ରହୁଥିବା କାରଣରୁ ଉମେଶ ଦାସଙ୍କୁ ଦିନକୁ ପ୍ରାୟ ୨ ଘଣ୍ଟା ପର୍ଯ୍ୟନ୍ତ ମଙ୍ଗଳପୁର ଥାନାରେ ହାଜିରା ଦେବାକୁ ନୋଟିସ ଦିଆଯାଇଥିବା ଏସଆଇ ବିଭୁତି ଭୂଷଣ ମହାପାତ୍ର ସୂଚନା ଦେଇଛନ୍ତି।

ସୂଚନାଥାଉକି ଗତ ୬ ନଭେମ୍ବର ସନ୍ଧ୍ୟାରେ ଜିଲ୍ଲାପରିଷଦ ସଭ୍ୟ ଭରତ ଚନ୍ଦ୍ର ପରିଡ଼ାଙ୍କୁ ମରଣାନ୍ତକ ଆକ୍ରମଣ କରାଯିବା ସହିତ ଅନ୍ୟ ଜଣେ ଯୁବକଙ୍କୁ ମାରି ଗୋଡ଼ ଭାଙ୍ଗିଦେବା ଭଳି ସେହି ଦିନ ୩ଟି ଭିନ୍ନ ଭିନ୍ନ ଘଟଣା ଘଟାଇଥିଲେ। ଯାହାର ମୁଖ୍ୟ ଅଭିଯୁକ୍ତ ଉମେଶ ଦାସ ଥିଲେ। ପୁଲିସ ଉମେଶ ଦାସଙ୍କୁ ଗିରଫ କରିବା ତ ଦୂରର କଥା ତାଙ୍କ ନାମରେ ତତ୍କାଳୀନ ଆଇଆଇସି ମାମଲା ରୁଜୁ କରିନଥିଲେ। ଏଣୁ ପୂର୍ବତନ ଜିଲ୍ଲାପରିଷଦଙ୍କ ସହ ଏକ କଂଗ୍ରେସ ଟିମ ଏସପି ଯସ ପ୍ରତାପ ଶ୍ରୀମଲ, ଜିଲ୍ଲାପାଳ ପି ଅନେଶ୍ୱା ରେଡ୍ଡୀ, ଡିଆଇଜି ଚରଣ ସିଂ ମିନାଙ୍କୁ ଭେଟି ଅଭିଯୁକ୍ତମାନଙ୍କ ଗିରଫ ଦାବି କରାଯାଇଥିଲା। ଏହା ସହିତ ଚଳିତ ବିଧାନସଭାରେ ପୁଲିସର ପକ୍ଷପାତିତା କଥାକୁ ଉଠାଇବାକୁ କଂଗ୍ରେସ ବିଧାୟକ ଦଳ ନେତା ରାମ ଚନ୍ଦ୍ର କଡ଼ାମ ଏବଂ କଂଗ୍ରେସ ବିଧାୟକ ଦଳ ଉପ ନେତା ଅଶୋକ ଦାସଙ୍କୁ ନିବେଦନ କରାଯାଇଥିଲା। ଏହି ଘଟଣାରେ ଶ୍ରୀଯୁକ୍ତ କଡ଼ାମ ଫୋନରେ ସମସ୍ତ ଅଧିକାରୀଙ୍କ ସହ କଥା ହୋଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ କହିଥିବାବେଳେ ମୁଖ୍ୟ ଅଭିଯୁକ୍ତ ଉମେଶ ଦାସଙ୍କୁ ତୁରନ୍ତ ଗିରଫ କରିବାକୁ ଏସପିଙ୍କୁ ଚିଠି ଲେଖିଛନ୍ତି।

**ଆଇଆଇସିଙ୍କୁ ତାଗିଦ କଲେ ଡିଆଇଜି**

**ଉମେଶଙ୍କୁ ଗିରଫ କରିବାକୁ ଏସପିଙ୍କୁ ଚିଠି ଲେଖିଲେ କଂଗ୍ରେସ ବିଧାୟକ ଦଳ ନେତା କଡ଼ାମ**

# ଜୟପୁରରେ ପ୍ରତିଷ୍ଠା ହେବ କେନ୍ଦ୍ରୀୟ ବିଦ୍ୟାଳୟ

**ବୋରିଗୁମ୍ମା/ଜୟପୁର, ୭।୧୨ (ସଂଚାର ବ୍ୟୁରୋ):** ଜୟପୁରଠାରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ନେଇ ରହିଥିବା ଦୀର୍ଘ ଦିନରେ ଦାବିକୁ ଶେଷରେ କେନ୍ଦ୍ର ସରକାର ମାନିଛନ୍ତି। ରାଜ୍ୟରେ ନୂତନ ଭାବେ ପ୍ରତିଷ୍ଠା ହେବାକୁ ଥିବା ୮ଟି କେନ୍ଦ୍ରୀୟ ବିଦ୍ୟାଳୟ




ମଧ୍ୟରେ ଜୟପୁରରେ ଗୋଟିଏ ପ୍ରତିଷ୍ଠା କରିବା ନେଇ ସରକାର ଶୁକ୍ରବାର ଘୋଷଣା କରିଛନ୍ତି। ଦିଲ୍ଲୀଠାରେ କେନ୍ଦ୍ର ସରକାରଙ୍କ କ୍ୟାବେନେଟ କମିଟିର ବୈଠକରେ ଦେଶରେ ନୂତନ ଭାବେ ୮୬ଟି କେନ୍ଦ୍ରୀୟ ବିଦ୍ୟାଳୟ ହେବ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ନେଇ ଘୋଷଣା କରାଯାଇଛି। ସେଥି ମଧ୍ୟରୁ ଓଡ଼ିଶାରେ ୮ଟି ନୂତନ ବିଦ୍ୟାଳୟ ପ୍ରତିଷ୍ଠା କରାଯିବାକୁ ନିଷ୍ପତ୍ତି ହୋଇଛି। ସେଥିରୁ ଗୋଟିଏ କେନ୍ଦ୍ରୀୟ ବିଦ୍ୟାଳୟ ଜୟପୁରରେ ପ୍ରତିଷ୍ଠା କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଥିବା ସୂଚନା ମିଳିଛି।

ଗତ ୨୦୧୯ ମସିହାଠାରୁ ଜୟପୁରଠାରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ନେଇ ପ୍ରକ୍ରିୟା ଆରମ୍ଭ ହୋଇଯାଇଥିଲା। ତତ୍କାଳିନ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ସେଥିପାଇଁ ଜୟପୁର ଠାରେ ୮ ଏକର ଜମି ମଧ୍ୟ ପ୍ରଦାନ କରାଯାଇଥିଲା। ପ୍ରାୟ ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇ ୮ଟି ୧୧ କେଭି ବିଦ୍ୟୁତ ଖୁଣ୍ଟ ସ୍ଥାନାନ୍ତରିତ କରାଯାଇଥିଲା। ୨୦୨୨-୨୩ ମସିହାରେ ଏହାର ପାଠ୍ୟକ୍ରମ ଆରମ୍ଭ କରିବାର ଲକ୍ଷ୍ୟ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ସରକାରୀ ଉଚ୍ଚ ବିଦ୍ୟାଳୟ ନିକଟରେ ରହିଥିବା ପୁରାତନ ଅନ୍ୱେଷା ଭବନ ମଧ୍ୟ ପ୍ରଦାନ କରାଯାଇଥିଲା। କିନ୍ତୁ ଏହାପରେ କେନ୍ଦ୍ର ବିଦ୍ୟାଳୟ ପ୍ରତିଷ୍ଠା ପ୍ରକ୍ରିୟାରେ ବିଳମ୍ବ ହୋଇଥିଲା। ଏନେଇ ସ୍ଥାନୀୟ ବିଭିନ୍ନ ସଂଗଠନ ପକ୍ଷରୁ ବାରମ୍ବାର ଦାବି କରାଯାଇଥିଲା । ଶେଷରେ ଜୟପୁରଠାରେ ବିଳମ୍ବରେ ହେଲେ ସୁଦ୍ଧା କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ନେଇ କେନ୍ଦ୍ର ସରକାରଙ୍କ କ୍ୟାବିନେଟରେ ନିଷ୍ପତ୍ତି ହୋଇଥିବାରୁ ଜୟପୁର ସହର, ବୋରିଗୁମ୍ମା ଓ ଆଖପାଖ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି।

# ସାଉଦୀଆରବ ସ୍ଥିତ ପ୍ରଥମ ଓଡ଼ିଆ ସଂଗଠନ ରୋଜାର ୧୬ତମ ବାର୍ଷିକ ଉତ୍ସବ

**ନାଉଗାଁ, ୭।୧୨ (ସଂଚାର ବ୍ୟୁରୋ) :** ସୁଦୂର ରିୟାଦ (ସାଉଦି ଆରବ) ଠାରେ ମହା ଆଡମ୍ବରରେ ପାଳନ କରିଅଛି ପ୍ରଥମ ଓଡ଼ିଆ ସଂଗଠନ ରୋଜା ତାହାର ୧୬ ତମ ବାର୍ଷିକ ଉତ୍ସବ । ପ୍ରାୟ ୩୦୦ ପ୍ରବାସୀ ଓଡ଼ିଆଙ୍କ ଉପସ୍ଥିତିରେ ଓଡ଼ିଶାର ସଂସ୍କୃତି, ଐତିହ୍ୟ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ମାଧ୍ୟମରେ ମଧ୍ୟପ୍ରାଚ୍ୟରେ ଏକ କ୍ଷୁଦ୍ର ଓଡ଼ିଶାର ଅନୁଭୂତି ହୋଇଥିଲା।

କାର୍ଯ୍ୟକ୍ରମରେ ଆସ୍ମାକ ଗ୍ରୁପ୍‌ର ପ୍ରତିଷ୍ଠାତା ଡଃ ଦେବ ମହାନ୍ତି ଓ ସିକ୍ୟୁର ଆଇ ଗ୍ରୁପ୍ ର ସହ ପ୍ରତିଷ୍ଠାତା ଶ୍ରୀ କର୍ମେନ୍ଦ୍ର କୋହଲି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡ଼ିଆ ଐତିହ୍ୟ ଓ ସଂସ୍କୃତି ସମ୍ପର୍କରେ ଆଲୋକପାତ କରିଥିଲେ। ବିଦେଶ ମାଟିରେ ଓଡ଼ିଆ ମାନଙ୍କ ଦ୍ୱାରା ଦୀର୍ଘ ବର୍ଷ ଧରି ନିରବିଚ୍ଛିନ୍ନ ଭାବେ ଏତାଦୃଶ ପ୍ରୟାସକୁ ଉଭୟ ଅତିଥି ଅଶେଷ ପ୍ରଶଂସା କରିଥିଲେ। ରୋଜାର ସଂଗଠନର ଅଧ୍ୟକ୍ଷ ଶ୍ରୀ ଅଜିମ ଖାଁନ ୧୬ତମ ସାଂସ୍କୃତିକ ଅବସରରେ ସମସ୍ତ ସଦସ୍ୟଙ୍କ ଏକାଗ୍ରତା ଭାବର ବିଶେଷ ଧନ୍ୟବାଦ କରିଥିଲେ। ରୋଜା ର ଉପଦେଷ୍ଟା ଡଃ ମହମ୍ମଦ ଫଜଲ୍ ହକ ଓ ମହମ୍ମଦ ସମଶେର ଅଲି, ଉପସଭାପତି ଶ୍ରୀ ସୁକାନ୍ତ ପାତ୍ର ଓ ଶ୍ରୀ ହାଡୁବନ୍ଧୁ ସାହୁ ଅନୁଷ୍ଠାନର ବିବିଧ ଉପଲବ୍ଧି ସମ୍ବନ୍ଧ ରେ ଆଲୋଚନା କରିଥିଲେ।ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ରେ ଶ୍ରୀମତୀ ଦୀପିକା ପାଣିଗ୍ରାହୀ, ଦୀପିକା ପାତ୍ର, ଭାବନା ଯେନ (ରାଉତ) ଓ ରୋଜାଲିନ ନାଏକ ଙ୍କ ନିର୍ଦ୍ଦେଶନା ରେ ଓଡ଼ିଶୀ, ସମ୍ବଲପୁରୀ ଓ ଆଧୁନିକ ଗୀତ ସହିତ ସୁନାମଧନ୍ୟ ଓଲିଉଡ ଗାୟକ ଶ୍ରୀ ସ୍ୱୟମ ପାଢ଼ୀ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲେ।

ଇତ୍ୟବସରରେ ରୋଜା ତରଫରୁ ଆୟୋଜିତ ବିବିଧ ପ୍ରତିଯୋଗିତାରେ କୃତୀ ପ୍ରାର୍ଥୀଙ୍କୁ ପୁରସ୍କୃତ କରିବା ସହିତ



ଗ୍ରୁପ୍‌ର ସ୍ମରଣିକା ମଧ୍ୟ ଉନ୍ମୋଚିତ ହୋଇଥିଲା। ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ସାଉଦି ଆରବରେ ଅବସ୍ଥିତ ଅନ୍ୟ ଓଡ଼ିଆ ସଂଗଠନ ଯଥା କଳିଂଗନ ଓ ଉତ୍କଳିକାର ପ୍ରତିନିଧିତ୍ୱ ସଦସ୍ୟ ଏହି ସାଂସ୍କୃତିକ କାର୍ଯ୍ୟକ୍ରମର ସଫଳତାର ବିଶେଷ ପ୍ରସଂଶା କରିଥିଲେ। ବିଦେଶ ମାଟିରେ ଦୀର୍ଘ ୧୬ ବର୍ଷ ଧରି ଓଡ଼ିଆ ପରମ୍ପରାକୁ ଉଜ୍ଜୀବିତ ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରି ଆସିଥିବା ରୋଜାର ଏହି କାର୍ଯ୍ୟକ୍ରମ ଶେଷରେ ଉପସ୍ଥିତ ଦର୍ଶକ ବୃନ୍ଦ ଏକ ଅବିସ୍ମରଣୀୟ ସ୍ମୃତି ନେଇ ବିଦାୟ ନେଇଥିଲେ।

## ଚତୁର୍ଥ ଟୁବୁଲି ମେମୋରିଆଲ ଓ ବାରବାଟୀ କପ୍ -୨୦୨୪
# ବନ୍ଧୁତ୍ୱପୂର୍ଣ୍ଣ ମହିଳା କ୍ରିକେଟ୍ ମ୍ୟାଚ୍‌ରେ ଖୋର୍ଦ୍ଧା ଟିମ୍ ବିଜୟୀ

**ନିମାପଡା, ୭।୧୨ (ସଂଚାର ବ୍ୟୁରୋ) :** ନିମାପଡା ସ୍ଥିତ ବାରବାଟି ପଡିଆରେ ଅନୁଷ୍ଠିତ ଚତୁର୍ଥ ଟୁବୁଲି ମେମୋରିଆଲ ଓ ବାରବାଟୀ କପ୍ -୨୦୨୪ର ଆଜି ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଖୋର୍ଦ୍ଧା ମହିଳା କ୍ରିକେଟ ଟିମ୍ ଓ କିଟ୍ ମହିଳା କ୍ରିକେଟ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଆଜିର ମ୍ୟାଚରେ ଖୋର୍ଦ୍ଧା ମହିଳା କ୍ରିକେଟ ଟିମ୍ ବିଜୟ ଲାଭ କରିଛି ।

ପ୍ରଥମେ ଟସ୍ ଜିଣି ଖୋର୍ଦ୍ଧା ମହିଳା କ୍ରିକେଟ ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୫ ଓ୍ୱିକେଟ୍ ହରାଇ ୧୨୨ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ଅର୍ଚ୍ଚନା ପରିଡା ୪୦ ବଲ ଖେଳି ୫୧ ରନ ଏବଂ ମହିମା ଚୌହାନ ୫୪ ବଲ ଖେଳି ୩୯ ରନ ସଂଗ୍ରହ କରିଥିଲେ । କିଟ୍ ମହିଳା କ୍ରିକେଟ୍ ଦଳର ବୋଲର କୁନି ବଦରା ୪ ଓଭରରେ ୨୮ ରନ୍ ଦେଇ ୨ ଓ୍ୱିକେଟ୍ ଓ ଗୀତାଞ୍ଜଳୀ ହସଂଦା ୪ ଓଭରରେ ୧ ରନ୍ ଦେଇ ୧ ଓ୍ୱିକେଟ ଅକ୍ତିଆର କରିଥିଲେ। ପରେ କିଟ୍ ମହିଳା ଦଳ ବ୍ୟାଟିଂ କରି ୨୦ ଓଭରରେ ୯ ଓ୍ୱିକେଟ ହରାଇ ୧୦୫ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ଅନନ୍ୟା ମିଶ୍ର ୩୦ ବଲ ଖେଳି ୨୯ ରନ ଓ ଶିତଲ୍ ରାଉତ ୧୭ ବଲ୍ ଖେଳି ୧୫ ରନ ସଂଗ୍ରହ କରିଥିଲେ। ଖୋର୍ଦ୍ଧା ମହିଳା ଟିମ୍ ର ବୋଲର ଶୁଭ୍ରାଂଶି ପ୍ରିୟଦର୍ଶିନୀ ୩ ଓଭରରେ ୧୩ ରନ୍ ଦେଇ ୩ଟି ଓ୍ୱିକେଟ୍ ଓ ଅନୁଷ୍କା ମିଶ୍ର ୩ ଓଭରରେ ୧୪ ରନ ୧ ଓ୍ୱିକେଟ ଅକ୍ତିଆର କରିଥିଲେ। ଆଜିର ମ୍ୟାଚକୁ ଅମ୍ପାୟର ଭାବେ କ୍ରୀଡାବିତ୍ ନିର୍ମଳ କୁମାର ମିଶ୍ର ଓ ଅୟଶକାନ୍ତ ମିଶ୍ର ପରିଚାଳନା କରିଥିବା ବେଳେ ରୋଶନଜିତ ରାୟ ଓ ଅନିଶ୍ ପ୍ରଧାନ ସ୍କୋରର୍ ଭାବେ ଦାୟିତ୍ୱ ଭାର ଗ୍ରହଣ କରିଥିଲେ ।




ଆଜିର ମ୍ୟାଚରେ ବିଜେତା ଦଳକୁ ୧୦ ହଜାର ୧ ଟଙ୍କା ଓ ଉପ ବିଜେତା ଦଳକୁ ୫ ହଜାର ୧ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା । ଆଜିର ମ୍ୟାଚ୍ ରେ ମୁଖ୍ୟ ଅତିଥିଭାବେ ପ୍ରାକ୍ତନ ଅଧ୍ୟକ୍ଷ ତଥା ଶିକ୍ଷାବିତ୍ ପ୍ରଫେସର କ୍ଷୀରୋଦ କୁମାର ରାୟ ମହାପାତ୍ର,ସମ୍ମାନୀତ ଅତିଥି ଭାବେ ବିଜେଡି ମହିଳା ସଭାନେତ୍ରୀ କସ୍ତୁରୀବାଳା ସ୍ୱାଇଁ, ସମାଜସେବୀ ଅକ୍ଷୟ ଜେନା ପ୍ରମୁଖ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ଜିଲ୍ଲା ପ୍ରଶାସନର କ୍ୟାବିନ ବଣ୍ଟନ ଲଟେରୀକୁ ନେଇ ବ୍ୟବସାୟୀ କ୍ଷୁବ୍ଧ

**ଖୋର୍ଦ୍ଧା, ୭।୧୨ (ସଂଚାର ବ୍ୟୁରୋ) :** ଖୋର୍ଦ୍ଧା ସହରକୁ କ୍ୟାବିନମୁକ୍ତ କରିବା ପାଇଁ ଦୀର୍ଘ ଦିନ ହେଲା ସାଧାରଣରେ ଦାବି ହୋଇଆସୁଛି। ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ତାହା କାର୍ଯ୍ୟକାରୀ ହୋଇପାରୁନଥିବା ଜନସାଧାରଣଙ୍କର ଦାବି ହୋଇ ଆସୁଥିଲା। ଖୋର୍ଦ୍ଧା ସହରର ଦୁଇ ଦୁଇଟା ବିଧାୟକ ନିର୍ବାଚନ ଜିତିଥିବା ବେଳେ ସହରରୁ କ୍ୟାବିନ ଉଚ୍ଛେଦ କରିବା ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା ହୋଇପାରି ନଥିଲା, ତାହା ତାଙ୍କ ଆନ୍ତରିକତାର ଅଭାବ ଥିଲା ବୋଲି ଲୋକେ ଅନେକ ଥର ବିଭିନ୍ନ ଫୋରମରେ ପ୍ରକାଶ କରିଛନ୍ତି। ବର୍ତ୍ତମାନର ବିଧାୟକ ତାଙ୍କ ନିର୍ବାଚନ ଇସ୍ତାହାରରେ ଖୋର୍ଦ୍ଧା ସହରରୁ କ୍ୟାବିନମୁକ୍ତ କରିବା ନେଇ ମତ ରଖିଥିଲେ। ନୂଆ ସରକାର ଆସିଲା ପରେ ଏ କାମ ତ୍ୱରାନ୍ୱିତ ହୋଇଛି।

ତେବେ ବ୍ୟବସାୟୀ ମାନେ କହିବା ଅନୁଯାୟୀ କିଛି ଦିନ ତଳେ ବ୍ୟବସାୟୀ ମାନଙ୍କ ଥଇଥାନ ସମ୍ପର୍କରେ ଏକ ସ୍ୱତନ୍ତ୍ର କାଉନସିଲ ବୈଠକ ଡକା ଯାଇଥିଲା। ଏହି ବୈଠକରେ ସ୍ଥାନୀୟ ବିଧାୟକ ଉପସ୍ଥିତ ନ ଥିବାରୁ ବୈଠକକୁ ସ୍ଥଗିତ ରଖାଗଲା। ଉକ୍ତ ଦିନ ସହରର ସମସ୍ତ ବ୍ୟବସାୟୀ ମାନେ ନିଜର



ଦୋକାନ ବନ୍ଦ କରି ବ୍ୟବସାୟୀ ମହାସଂଘ ଡାକରାରେ ପୌର ପରିଷଦ କାର୍ଯ୍ୟାଳୟ ଠାରେ ଏକତ୍ର ହୋଇ ଦୀର୍ଘ ସମୟ ଧାରଣା ପରେ ପୌରାଧକ୍ଷା ଓ ନିର୍ବାହୀ ଅଧିକାରୀ ଏବଂ ଉପସ୍ଥିତ କାଉନସିଲର ମାନେ ବ୍ୟବସାୟୀଙ୍କୁ ପ୍ରତିଶ୍ରୁତି ଦେଇ କହିଥିଲେ ବିସ୍ଥାପିତ ବ୍ୟବସାୟୀ ମାନଙ୍କ ସହ ଆଲୋଚନା କରି କାଉନସିଲ ବୈଠକରେ ନିଷ୍ପତ୍ତି ନିଆଯିବ। କିନ୍ତୁ ନିର୍ବାହୀ ଅଧିକାରୀ ବିନା କାଉନସିଲର ବୈଠକରେ ବିନା ନୋଟିସରେ କାହା ଚାପରେ ବିଜ୍ଞପ୍ତି ଜାରୀକରିଛନ୍ତି ତାହା ଚର୍ଚ୍ଚାର ବିଷୟ ପାଲଟିଛି। କିଛି କାଉନସିଲର ନିଜର ମତାମତ ରଖି କହିଛନ୍ତି ଯେ ଆମକୁ ଅନ୍ଧାରରେ ରଖାଯାଇଛି। ବ୍ୟବସାୟୀ ମାନଙ୍କୁ ପ୍ରତିଶ୍ରୁତି ଦେଇ ଆମେ ବର୍ତ୍ତମାନ ଆକ୍ରୋଶର ଶିକାର ହେଉଛୁ। ପୂର୍ବ ନିଷ୍ପତ୍ତି ଅନୁଯାୟୀ ବିନା ବିଧାୟକଙ୍କ ଉପସ୍ଥିତି ଏବଂ ବ୍ୟବସାୟୀଙ୍କ ଅନୁପସ୍ଥିତିରେ ପ୍ରଶାସନ କିପରି ଏକ କମିଟି ପ୍ରସ୍ତୁତ କରି କ୍ୟାବିନ ବଣ୍ଟନ ଆରମ୍ଭ କରିଛି ତାକୁ ନେଇ ସାଧାରଣରେ ଚର୍ଚ୍ଚା ବଢ଼ିବାରେ ଲାଗିଛି।

ତେବେ ପ୍ରଶାସନ ଶୁକ୍ରବାର ବୈଠକରେ ପୁରୁଣା ଆଲ୍ଲାହାବାଦ ବ୍ୟାଙ୍କ ସୀମାଠାରୁ, ଟ୍ରାଫିକ ଛକ,ସମବାୟ ବ୍ୟାଙ୍କ ଛକ, ଆଦର୍ଶ ଥାନା ପାଚେରୀ କଡ଼, ପୋଷ୍ଟ ଅଫିସ ପାଚେରୀ କଡ଼ ସମେତ ଅନ୍ୟ କେତେକ ସ୍ଥାନରେ ଥିବା ଦୋକାନି ମାନଙ୍କୁ ଲଟେରୀ ମାଧ୍ୟମରେ ଭେଣ୍ଡିଂ ଜୋନରେ ଦୋକାନ ପ୍ରଦାନ କରାଯିବାକୁ ସ୍ଥିର କରିଛି। ଗତକାଲି ଜିଲ୍ଲା ପ୍ରଶାସନ ଓ ପୌର ପରିଷଦ ମିଳିତ ଭାବରେ ଖୋର୍ଦ୍ଧା ବ୍ଲକ କାର୍ଯ୍ୟାଳୟ କନଫେରେନ୍ସ ହଲଠାରେ ଲଟେରୀ ମାଧ୍ୟମରେ ଦୋକାନ ଗୃହ ଆବଣ୍ଟନ ପ୍ରକ୍ରିୟା ଆରମ୍ଭ କରିଥିଲେ ,କିନ୍ତୁ ଲଟେରୀ କକ୍ଷକୁ ଦୋକାନି ମାନେ ଗଲେ ନାହିଁ ବରଂ ସରକାରୀ ଲଟେରୀକୁ ବର୍ଜନ କଲେ। ଦୋକାନି ମାନେ ନ ଆସିବା ଯୋଗୁଁ ପ୍ରଶାସନ ଭିଡ଼ିଓ କରି ପ୍ରମାଣ ସହିତ ଦୋକାନିଙ୍କ ଅନୁପସ୍ଥିତରେ ଲଟେରୀ ତିଆର କରି ଦୋକାନ ଆବଣ୍ଟନ କରି ଦେଇଛି । ମୋଟ ୫୮ ଟି ପରିବା ଦୋକାନ,୧୭ଟି ଫଳ ଦୋକାନ ଏବଂ ୨୨ ଟି ପୂଜା ଦୋକାନ ସମେତ ମୋଟ ୧୬୬ ଟି ଦୋକାନକୁ ଆବଣ୍ଟନ କରାଯାଇଛି ବୋଲି ପୌର ପରିଷଦ ନିର୍ବାହୀ ଅଧିକାରୀ ରିଜୁଆନ କଅକବ ପ୍ରକାଶ କରିଛନ୍ତି। ଏହି ଲଟେରୀ ତାଲିକାକୁ ସର୍ବସାଧାରଣରେ ପ୍ରକାଶ କରାଯିବ, ତା ପରେ ପରେ ରାସ୍ତା କଡରେ ଥିବା ଦୋକାନ ଉଚ୍ଛେଦ କରାଯିବ ବୋଲି ସେ କହିଛନ୍ତି । ଆଜିର ଏହି ବୈଠକରେ ଖୋର୍ଦ୍ଧା ଉପ- ଜିଲ୍ଲାପାଳ ଦୀପ୍ତିରଞ୍ଜନ ସେଠୀ, ପୌରାଧିକାରୀ ରିଜୁଆନ କଅକବ,ବିଡ଼ିଓ କ୍ଷୀରାବ୍ଧି ତନୟା ,ଭେଣ୍ଡିଂ ଜୋନ କମିଟି ସଦସ୍ୟ ଶୋଭନ ଘୋଷ ,କାଉନସିଲର କମଳ କୁମାର ପ୍ରଧାନ, ହରିହର ପଲେଇ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଶାସନ କ୍ୟାବିନ ଗୁଡିକ ଉଚ୍ଛେଦ କରି ସହରର ରାସ୍ତା ପ୍ରଶସ୍ତି କରଣକୁ ସାଧାରଣରେ ସ୍ୱାଗତ କରାଯାଉଛି।

## ନାବାଳିକା ବଳାତ୍କାର ମାମଲା
# ଆସାମୀକୁ ୨୦ ବର୍ଷ ଜେଲ

**ବ୍ରହ୍ମପୁର, ୭।୧୨ (ସଂଚାର ବ୍ୟୁରୋ) :** ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାରଣା କରି ବ୍ରହ୍ମପୁର ସ୍ଥିତ ସ୍ୱତନ୍ତ୍ର ଫାଷ୍ଟଟ୍ରାକ ପୋକସୋ କୋର୍ଟର ବିଚାରପତି ଗଣେଶ୍ୱର ପତି ଜଣେ ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ ଦଣ୍ଡ ଶୁଣାଇଛନ୍ତି । ଅଭିଯୁକ୍ତ ଜଣଙ୍କ ହେଲେ କବିସୂର୍ଯ୍ୟନଗର ଅଞ୍ଚଳର ବିଭୀଷଣ ଗୌଡ଼ । ଜେଲଦଣ୍ଡ ସହ ୪୦ ହଜାର ଟଙ୍କା ଜରିମାନା ଦେବାକୁ କୋର୍ଟଙ୍କ ନିର୍ଦ୍ଦେଶ ରହିଛି । ଜରିମାନା ଅନାଦେୟ ୨ବର୍ଷ ଜେଲଦଣ୍ଡ ଭୋଗିବାକୁ ହେବ ବୋଲି ଉକ୍ତ ରାୟରେ ଉଲ୍ଲେଖ ରହିଛି । ଅନ୍ୟପକ୍ଷରେ ପିଡିତାଙ୍କୁ ୫ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଦେବାକୁ କୋର୍ଟ ଡିଏଲଏସଏକୁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ୨୦୨୦ ସେପ୍ଟେମ୍ବର ମାସରେ ଉକ୍ତ ଥାନା ଅନ୍ତର୍ଗତ ଏକ ଗ୍ରାମର ଜଣେ ୧୨ ବର୍ଷୀୟ ନାବାଳିକା ଟିୟୁସନରୁ ଘରକୁ ଫେରୁଥିବା ବେଳେ ଅଭିଯୁକ୍ତ ବିଭୀଷଣ ନାବାଳିକାଙ୍କୁ ଏକୁଟିଆ ଦେଖି ନିକଟରେ ଥିବା ଅଙ୍ଗନବାଡି କେନ୍ଦ୍ର ପଛ ପଟକୁ ଟେକି ନେଇ ବଳାତ୍କାର କରିଥିଲା । ନାବାଳିକା ଜଣଙ୍କ ଘରକୁ ଫେରି ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ କହିବା ପରେ ନାବାଳିକାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ପରେ ଅଭିଯୁକ୍ତଙ୍କ ବିରୋଧରେ ବଳାତ୍କାର ମାମଲା ରୁଜୁ କରାଯାଇଥିଲା । ପୁଲିସ ନାବାଳିକାଙ୍କ ବୟାନ ଆଧାରରେ ମାମଲା ରୁଜୁ କରି ବିଭୀଷଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଏହାପରେ ପୁଲିସ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲା । ମାମଲାର ବିଚାରଣା ବେଳେ ୧୧ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଗିରଫ ପର ଠାରୁ ଜେଲରେ ଥିବା ଅଭିଯୁକ୍ତ ବିଭୀଷଣଙ୍କୁ ଶନିବାର କୋର୍ଟରେ ହଜାର କରାଯାଇଥିଲା । ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି କୋର୍ଟ ଆଜି ଅଭିଯୁକ୍ତକୁ ଉପରୋକ୍ତ ରାୟ ଶୁଣାଇଥିଲେ । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ମୋହନ ସିଙ୍ଘାରୀ ମକଦ୍ଦମା ପରିଚାଳନା କରୁଥିଲେ ।

## ବିଶ୍ୱଭୂଷଣ ହେଲେ ସିଏନ୍‌ଏମ୍‌ଏସ୍ ଅଧ୍ୟକ୍ଷ



**ଭୁବନେଶ୍ୱର, ୭।୧୨ (ସଂଚାର ବ୍ୟୁରୋ):** ଦେଶର ବିକାଶ ଓ ତା'ସହିତ ଜଡ଼ିତ ବିଭିନ୍ନ ଯୋଜନା ସଂକ୍ରାନ୍ତରେ ଗବେଷଣା କରିବା ପାଇଁ 'ସେଣ୍ଟର ଫର୍ ନରେନ୍ଦ୍ର ମୋଦି ଷ୍ଟଡିଜ୍' (ସିଏନ୍‌ଏମ୍‌ଏସ୍) ନାମରେ ଏକ ଆନ୍ତର୍ଜାତିକ କେନ୍ଦ୍ର ନୂଆଦିଲ୍ଲୀରେ ଖୋଲା ଯାଇଛି। ଏହି କେନ୍ଦ୍ରର ପରାମର୍ଶଦାତା ପରିଷଦର ଅଧ୍ୟକ୍ଷ ଭାବେ ପୂର୍ବତନ ରାଜ୍ୟପାଳ ତଥା ଓଡ଼ିଶାର ବରିଷ୍ଠ ବିଜେପି ନେତା ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ନିଯୁକ୍ତି ଦିଆଯାଇଛି। ଏହି ସଂସ୍ଥାନର ମ୍ୟାନେଜିଂ ଟ୍ରଷ୍ଟି ପ୍ରଫେସର ଜସିମ୍ ମହମ୍ମଦ କହିଛନ୍ତି, ଏହି ଆନ୍ତର୍ଜାତିକ ଗବେଷଣା କେନ୍ଦ୍ର ଦେଶର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ନିର୍ବାହ କରୁଛି। ଖ୍ୟାତନାମା ଓକିଲ, ଅଗ୍ରଣୀ ବ୍ୟବସ୍ଥାପକ, ମନ୍ତ୍ରୀ ଏବଂ ରାଜ୍ୟପାଳ ଭାବେ ଶ୍ରୀ ହରିଚନ୍ଦନ କାର୍ଯ୍ୟ କରିଛନ୍ତି। ସାହିତ୍ୟ, ସଂସ୍କୃତି, ଅର୍ଥନୀତି, ଇତିହାସ ଓ ଗ୍ରାମୋତ୍ଥାନ ସଂକ୍ରାନ୍ତରେ ତାଙ୍କର ଅଭିଜ୍ଞତା ରହିଛି। ଏହାଛଡ଼ା ଜଣେ ରାଜନେତା ଓ ପ୍ରଶାସକ ହିସାବରେ ତାଙ୍କର ଯେଉଁ ଅନୁଭବ ରହିଛି ତାହାର ଉପଯୋଗ ଜାତୀୟ ସ୍ତରରେ କରିବା ଲାଗି ଶ୍ରୀ ହରିଚନ୍ଦନଙ୍କୁ ଅଧ୍ୟକ୍ଷ ଭାବେ ଚୟନ କରାଯାଇଛି।

**ରାଜ୍ୟରେ ନୂଆ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ନିଷ୍ପତ୍ତି**

# ମୋଦୀ ଓ ଧର୍ମେନ୍ଦ୍ରଙ୍କୁ ଧନ୍ୟବାଦ ଦେଲେ ମୋହନ



**ଭୁବନେଶ୍ୱର, ୭।୧୨ (ସଂଚାର ବ୍ୟୁରୋ):** ଓଡ଼ିଶାରେ ୮ଟି ନୂଆ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ପାଇଁ କେନ୍ଦ୍ରୀୟ ଆର୍ଥିକ ବ୍ୟାପାର କ୍ୟାବିନେଟ କମିଟି ମଞ୍ଜୁରି ପ୍ରଦାନ କରିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଦେଶର ଶିକ୍ଷା ବ୍ୟବସ୍ଥା ସୁଦୃଢ଼ ହେଉଛି। ଏହି ନୂତନ କେନ୍ଦ୍ରୀୟ ବିଦ୍ୟାଳୟ ଦ୍ୱାରା ଓଡ଼ିଶାର ଆହୁରି ଅନେକ ଛାତ୍ରଛାତ୍ରୀ ଗୁଣାତ୍ମକ ଶିକ୍ଷାଲାଭ କରି ନିଜ ପ୍ରତିଭାର ବିକାଶ କରିବା ସହିତ ଦେଶର ବିକାଶରେ ଯୋଗଦାନ ରଖିବାର ସାମର୍ଥ୍ୟ ହାସଲ କରିପାରିବେ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାରେ ଶିକ୍ଷାର ବିକାଶ ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ପ୍ରଧାନ ସ୍ୱତନ୍ତ୍ର ଧ୍ୟାନ ରଖିଛନ୍ତି। ଜାତୀୟ ଶିକ୍ଷା ନୀତି ଆଧାରରେ ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ କେନ୍ଦ୍ର ମନ୍ତ୍ରୀ ସଫଳତାର ସହ ପଦକ୍ଷେପ ନେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ନୂତନ କେନ୍ଦ୍ରୀୟ ବିଦ୍ୟାଳୟଗୁଡିକ କୁଚିଣ୍ଡା, ତାଳଚେର, ଆଠମଲ୍ଲିକ, କାମାକ୍ଷାନଗର, ଆଇଟିବିପି ଖୋର୍ଦ୍ଧା, ଜୟପୁର, ଟିଟିଲାଗଡ଼ ଓ ପାଟଣାଗଡ଼ରେ ସ୍ଥାପନ କରାଯିବ।

## ୮୦, ୨୯, ୭୪୧ ମହିଳାଙ୍କୁ ସୁଭଦ୍ରା ଟଙ୍କା

**ଭୁବନେଶ୍ୱର, ୭।୧୨ (ସଂଚାର ବ୍ୟୁରୋ):** ସୁଭଦ୍ରା ଯୋଜନା ଅଧୀନରେ ଚଳିତ ମାସ ୨ତାରିଖ ସୁଦ୍ଧା ୧, ୦୫, ୪୩, ୨୩୮ ଜଣ ମହିଳା ଆବେଦନ କରିଥିବାବେଳେ ସେମାନଙ୍କ ମଧ୍ୟରୁ ୮୦, ୨୯, ୭୪୧ଜଣ ଟଙ୍କା ପାଇଛନ୍ତି। ଏହି ମହିଳାଙ୍କୁ ମୋଟ୍ ୪୦୧୪ କୋଟି ୮୭ ଲକ୍ଷ ୫ହଜାର ଟଙ୍କା ପ୍ରଦାନ କରାଯାଇଛି। ସୁଭଦ୍ରା ଯୋଜନା ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ମହିଳା ଓ ଶିଶୁ ବିକାଶ ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା। ଶ୍ରୀମତୀ ପରିଡା କହିଛନ୍ତି ଯେ ଅବଶିଷ୍ଟ ଆବେଦନକାରୀମାନଙ୍କ ଯୋଗ୍ୟତା ପ୍ରମାଣିତ ହେଲାପରେ ଅର୍ଥ ପ୍ରଦାନ କରାଯିବ। ୨୧ରୁ ୬୦ବର୍ଷ ମଧ୍ୟରେ ଥିବା ସମସ୍ତ ଯୋଗ୍ୟ ମହିଳାଙ୍କୁ ସୁଭଦ୍ରାରେ ସାମିଲ କରିବାପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ଶ୍ରୀ ତ୍ରିପାଠୀଙ୍କ ଅନ୍ୟଏକ ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ଝାରସୁଗୁଡା ଜିଲ୍ଲାରେ ୧, ୩୬, ୮୦୧ ଜଣ ମହିଳା ଆବେଦନ କରିଥିବାବେଳେ ସେମାନଙ୍କ ମଧ୍ୟରୁ ୯୮, ୯୬୮ଜଣ ସୁଭଦ୍ରା ଟଙ୍କା ପାଇସାରିଛନ୍ତି। ୩୫୨ଜଣ ହିତାଧିକାରୀ ବ୍ୟାଙ୍କ/ଆଧାର ତ୍ରୁଟି ପାଇଁ ଟଙ୍କା ପାଇପାରି ନାହାନ୍ତି, ୨୮୮୧ ଜଣ ଆବେଦନକାରୀ ଅଯୋଗ୍ୟ ହେବା ଓ ୩, ୫୯୦ ଜଣଙ୍କ ଆବେଦନପତ୍ରର ଯୋଗ୍ୟତା ନିର୍ଦ୍ଧାରଣ ହୋଇନଥିବାରୁ ଟଙ୍କା ପାଇପାରି ନାହାନ୍ତି।

# ସୂର୍ଯ୍ୟମନ୍ଦିରରୁ କଢ଼ାଯିବ ବାଲି



**କୋଣାର୍କ,୭।୧୨ (ସଂଚାର ବ୍ୟୁରୋ):** ସୂର୍ଯ୍ୟମନ୍ଦିର ଗର୍ଭଗୃହରୁ ବାଲି କଢ଼ାଯିବା ପାଇଁ ତତ୍ପରତା ପ୍ରକାଶ ପାଇଛି। ଶନିବାର ଦୀର୍ଘ ୬ ଘଣ୍ଟା ଧରି ଏଏସ୍‌ଆଇ କୋର କମିଟିର ସଦସ୍ୟମାନେ ସୂର୍ଯ୍ୟମନ୍ଦିରର ସ୍ଥିତି ଯାଞ୍ଚ କରିଛନ୍ତି। ଯାଞ୍ଚ ପରେ ସୂର୍ଯ୍ୟମନ୍ଦିର ପରିସରରେ ଗୁରୁତ୍ୱପୂର୍ଣ୍ଣ ବୈଠକ ବସି ଗର୍ଭ ଗୃହରୁ ବାଲି କାଢ଼ିବା ଓ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା ହୋଇଛି। ବିଶ୍ୱ ଐତିହ୍ୟ ସୂର୍ଯ୍ୟମନ୍ଦିର ଗର୍ଭଗୃହରୁ ବାଲି କାଢିବା ପାଇଁ ଦୁଇବର୍ଷ ହେଲା ଆରମ୍ଭ ହୋଇଥିବା ପ୍ରକ୍ରିୟା ବିଳମ୍ବ ହେଉଥିବା ବେଳେ ଆଜି ଏଏସ୍‌ଆଇ ଅତିରିକ୍ତ ମହାନିର୍ଦ୍ଦେଶକ ଜାନଭିଜି ଶର୍ମାଙ୍କ ଅଧ୍ୟକ୍ଷତାରେ ଏକ କୋର କମିଟି ଓ ଏକ ବୈଷୟିକ ଟିମ୍ ସୂର୍ଯ୍ୟମନ୍ଦିର ସଂରକ୍ଷଣ ଏବଂ ବାଲିକଢ଼ା ପାଇଁ ପ୍ରସ୍ତୁତିର ଅନୁଧ୍ୟାନ କରିଛନ୍ତି। ସୂର୍ଯ୍ୟମନ୍ଦିର ଗର୍ଭଗୃହରୁ ବାଲି କାଢ଼ିବା ପାଇଁ ୨୦୨୨ ସେପ୍ଟେମ୍ବର ୯ ତାରିଖରେ ଭୂମିପୂଜା ହୋଇଥିଲା। ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ସୂର୍ଯ୍ୟମନ୍ଦିରର ଉତ୍ତର-ପଶ୍ଚିମ କୋଣ ଓ ମନ୍ଦିରର ଦକ୍ଷିଣ-ପଶ୍ଚିମ କୋଣରେ ମେକାନିକାଲ ୱାର୍କିଂ ପ୍ଲାଟ୍‌ଫର୍ମ, ଆଇରନ୍ ଷ୍ଟ୍ରକଚର କାର୍ଯ୍ୟ ଓ ପ୍ରଥମ ପିଢକୁ ସୁରକ୍ଷିତ ଯାତାୟାତ ପାଇଁ ତିଆରି ହୋଇଥିବା ଆଇରନ୍ ସିଡ଼ି ଯାଞ୍ଚ କରିଥିଲେ। ସିଡି ନିର୍ମାଣ ଶେଷ ହୋଇଛି। ତଥାପି ବାଲି କାଢ଼ିବା ପାଇଁ ଚାଲିଥିବା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ପ୍ଲାଟଫର୍ମ ନିର୍ମାଣ ପରେ ମନ୍ଦିର ପଶ୍ଚିମ ଦ୍ୱାର ଦ୍ୱିତୀୟ ପିଢ଼ରେ ମନ୍ଦିର ଗର୍ଭଗୃହକୁ ପ୍ରବେଶ ପାଇଁ ୪ ଫୁଟରେ ୫ ଫୁଟ୍‌ର ଏକ ଗର୍ତ୍ତ ଖୋଲା ଯିବ। ଏଥିପାଇଁ ତିନିବର୍ଷ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଇତିମଧ୍ୟରେ ଦୁଇ ବର୍ଷ ବିତି ଯାଇଛି। ଶନିବାର ଶ୍ରୀ ଶର୍ମାଙ୍କ ସହ ଏଏସ୍‌ଆଇ କଞ୍ଜର୍ଭେସନ୍ ଡାଇରେକ୍ଟର ଭିମା ଆଜମୀରା, ରିଜିଓନାଲ ଡାଇରେକ୍ଟର ଦିଲ୍ଲୀପ ଖମାରି, ପ୍ରତ୍ନତତ୍ତ୍ୱବିତ୍ ଜୀବନ ପଟ୍ଟନାୟକ, ମାଡ୍ରାସ ଓ ନୂଆଦିଲ୍ଲୀ ଆଇଆଇଟିର ବିଶେଷଜ୍ଞ ସମେତ ୧୫ ଜଣିଆ କମିଟି ମନ୍ଦିର ମୂଳଦୁଆର ସ୍ଥିତି ଅନୁଧ୍ୟାନ କରିଛନ୍ତି।

# ବିଧାନସଭା ଖବର



### ● ଚାକିରି ବିକ୍ରି: ରୁଲିଂ ଦାବି କଲେ ପ୍ରମିଳା

ମୁଖ୍ୟମନ୍ତ୍ରୀଙ୍କ ଏଏସ୍‌ଓ ଚାକିରି ବିକ୍ରି ବିବୃତି କଥା ଉଠାଇ ରୁଲିଂ ଦାବି କଲେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ। ବିଧାନସଭା ବାହାରେ ସେ କହିଛନ୍ତି, ମୁଖ୍ୟମନ୍ତ୍ରୀ ବିଲ୍ ଆଲୋଚନା ବେଳେ ଉତ୍ତରରେ କହିଲେ ହାଟ ବଜାରରେ ଚାକିରି ମିଳୁଥିଲା। ୨୦ ଲକ୍ଷ ୩୦ ଲକ୍ଷ ଦେଲେ ଚାକିରି ମିଳୁଛି। ଏହା ଦ୍ୱାରା ପରିଶ୍ରମ କରି ଚାକିରି ପାଇଥିବା ଲକ୍ଷ ଲକ୍ଷ ଛାତ୍ର ଛାତ୍ରୀଙ୍କ ପ୍ରତି ଘୋର ଅପମାନ। ଯେଉଁମାନେ ପ୍ରସ୍ତୁତି କରୁଛନ୍ତି ତାଙ୍କ ମନୋବଳ ଭାଙ୍ଗୁଛି। ଯଦି ପ୍ରମାଣ ଅଛି ୬ ମାସ ହେଲା ବସିଛନ୍ତି କାହିଁକି? ତାଙ୍କ ପାଖରେ ସିବିଆଇ, ଇଡି ଅଛି। ତଦନ୍ତ ନ କରି ଚୁପ କାହିଁ ବସିଛନ୍ତି। ମୁଖ୍ୟମନ୍ତ୍ରୀ ଶସ୍ତା ବିବୃତି ରଖନ୍ତୁନି। ତେଣୁ ମୁଖ୍ୟମନ୍ତ୍ରୀ ରଖିଥିବା ବିବୃତିକୁ ଗୃହର କାର୍ଯ୍ୟକ୍ରମରୁ ବାଦ ଦିଆଯାଉ। ମୁଖ୍ୟମନ୍ତ୍ରୀ ବିବୃତି ରଖନ୍ତୁ କେଉଁ ସଂସ୍ଥା ଲଗେଇକି ସେ ତଦନ୍ତ କରି ଏହି ତଥ୍ୟ ପାଇଲେ।

### ● ଦାୟିତ୍ୱପୂର୍ଣ୍ଣ ଭାବେ ବକ୍ତବ୍ୟ ରଖ

ବିଧାନସଭା ଏକ ପବିତ୍ର ଗୃହ। ଦାୟିତ୍ୱପୂର୍ଣ୍ଣ ଭାବେ ବକ୍ତବ୍ୟ ରଖିବା କଥା, କିନ୍ତୁ ଗୁଲିଖଟି କଲାଭଳି ବିଧାନସଭାରେ ବକ୍ତବ୍ୟ ରଖାଯାଉଛି। ବିଧାନସଭା ବାହାରେ ବିଜେଡି ବିଧାୟକ ଡ. ଅରୁଣ ସାହୁ ଗଣମାଧ୍ୟମକୁ କହିଛନ୍ତି, ୨୫ ରୁ ୩୦ ଲକ୍ଷ ଟଙ୍କାରେ ହାଟ ବଜାରରେ ଚାକିରି ମିଳୁଥିଲା। ୬ ମାସ ହେଲା ସରକାରକୁ ଆସିଲେଣି ସେକଥାକୁ ବାହାର କରାଯାଉ। ଯଦି ନିଯୁକ୍ତିରେ ଦୁର୍ନୀତି ହୋଇଛି, ସେତେବେଳେ ସେମାନେ ବିରୋଧୀ ଦଳରେ, ତାଙ୍କ ସରକାର କେନ୍ଦ୍ରରେ ଥିଲେ ତଦନ୍ତ କଲେନି। ପଶ୍ଚିମବଙ୍ଗରେ ଶିକ୍ଷକ ନିଯୁକ୍ତିରେ ଦୁର୍ନୀତି ହୋଇଥିଲା। କେନ୍ଦ୍ର ସରକାର ତଦନ୍ତ କଲେ। ତାର ଫଳାଫଳ କଣ ଆସିବ ଜଣାନାହିଁ। ସେଠି ଯେମିତି ପନ୍ଥା ଅବଲମ୍ବନ କରିଛ ଏଠି କରିପାରିଥାନ୍ତ। ଓପିଏସ୍‌ସି, ଷ୍ଟାଫ ସିଲେକ୍ସନ, ହଜାର ହଜାର ଶିକ୍ଷକ ନିଯୁକ୍ତି ହୋଇଛନ୍ତି, ଜେଆର୍‌ଏସ୍‌ଙ୍କୁ ନିଯୁକ୍ତି ଦିଆଯାଇଛି। ଏହା ସେମାନଙ୍କ ପାଇଁ ଅପମାନ ଜଣଙ୍କ ମନ୍ତବ୍ୟ। କେତେବେଳେ ବି ଯୁକ୍ତିଯୁକ୍ତ ନୁହେଁ। ବିରୋଧୀ ଦଳର ଥିବାବେଳେ ଯେମିତି ମାନସିକତା ଥିଲା ସେମିତି ମାନସିକତା ଅଛି। ତଦନ୍ତ କରନ୍ତୁ, ସାମ୍ନାକୁ ଆଣନ୍ତୁ। ନିଯୁକ୍ତି ସ୍ୱଚ୍ଛତା ଭିତ୍ତିରେ ହୋଇଛି। ରାଜନୈତିକ ବୟାନବାଜି ହଜାର ହଜାର ପିଲାଙ୍କ ଭିତରେ ନୈରାଶ ଖେଳାଇଦେଇଛି ବୋଲି ଡ. ସାହୁ କହିଛନ୍ତି।

### ● ଚାକିରି ପାଇଁ ୟୁପିଆଇରେ ପେମେଣ୍ଟ

ଚାକିରି ପାଇଁ ୟୁପିଆଇ ଜରିଆରେ ପେମେଣ୍ଟ ହୋଇଛି। ଏନେଇ ଲୋକେ ଓ ପ୍ରାର୍ଥୀ ଆମକୁ ଚିଠି ଲେଖି ଜଣାଇଛନ୍ତି। ସରକାରୀ ଚାକିରି ପାଇଁ ବିଜେଡି ସରକାରରେ ବଣିକମାନେ ଥିଲେ। ବଣିକ ଇନ୍‌ଷ୍ଟିଚ୍ୟୁଟ୍ ଓ ମାଲିକାନା ନାଁ ନ ନେଇ ବୁଲେଇ ତେରଛା ବାଣ ମାରିଲେ ବିଜେପି ବିଧାୟକ ସନ୍ତୋଷ ଖଟୁଆ। ବିଧାନସଭା ବାହାରେ ସେ କହିଲେ, ଓଡ଼ିଶା ସାର୍ବଜନୀନ ପରୀକ୍ଷା ଆଇନ ଦ୍ୱାରା ସ୍ୱଚ୍ଛତା ଆସିବ। ଯଦି ୨୫ କି ୩୦ ଲକ୍ଷରେ ଚାକିରୀ ବିକ୍ରୀ ହେଇନି ତାହାଲେ କେତେରେ ତତକାଳୀନ ସରକାର ବିକିଛନ୍ତି କହିଦିଅନ୍ତୁ। ଆମେ ସେହି ରେଟ୍ କହିବୁ। ଶୂନ୍ୟକାଳରେ ବିଜେଡିକୁ ଟାର୍ଗେଟ କରିବା ସହିତ ଗୃହରେ ବାହାରେ ବି ବିଜେଡିକୁ କାଉଣ୍ଟର କରିଛନ୍ତି ବିଧାୟକ ଶ୍ରୀ ଖଟୁଆ।

### ● ୩ ଜିଲ୍ଲାରେ ଏସ୍‌ଏଚ୍‌ଜି ସଦସ୍ୟା ସଂଖ୍ୟା ହ୍ରାସ



ବୌଦ୍ଧ, ଦେବଗଡ଼ ଓ ନୂଆପଡା ଜିଲ୍ଲାରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠି ସଂଖ୍ୟା ହ୍ରାସ ପାଇଛି। ନୂଆପଡା ଜିଲ୍ଲାରେ ସର୍ବାଧିକ ୩୩୭ ଗୋଷ୍ଠି କମିଥିବା ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା। ରାଜ୍ୟରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠି ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତର ଦେଇ ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ମିଶନ ଶକ୍ତି ଅଧିନରେ ବର୍ତ୍ତମାନ ୬, ୦୨, ୦୧୩ ଟି ସ୍ୱୟଂ ସହାୟକ ଗୋଷ୍ଠି ଅଛନ୍ତି ଏବଂ ସେଥିରେ ୭୦ଲକ୍ଷ ୧୦ ଜଣ ମହିଳା ରହିଛନ୍ତି। ସବୁଠାରୁ ଅଧିକ ୪୧, ୨୦୧ ସ୍ୱୟଂ ସହାୟିକ ଗୋଷ୍ଠି ଗଞ୍ଜାମ ଜିଲ୍ଲାର ଥିବାବେଳେ ସବୁଠାରୁ କମ୍ ମାତ୍ର ୬୧୩୫ ଗୋଷ୍ଠି ବୌଦ୍ଧ ଜିଲ୍ଲାରେ ରହିଛନ୍ତି। ଝାରସୁଗୁଡା ଜିଲ୍ଲାରେ ଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠିଙ୍କ ସଂଖ୍ୟା ୭୩୩୫ ରହିଛି।୨୦୨୪ ଜାନୁୟାରୀରୁ ବର୍ତ୍ତମାନ ସୁଦ୍ଧା ୪୬, ୧୫୬ ସ୍ୱୟଂ ସହାୟକ ଗୋଷ୍ଠିର ୪, ୬୨, ୯୭୧ ଜଣ ସଦସ୍ୟାଙ୍କ ତଥ୍ୟ ଏହି ପୋର୍ଟାଲରେ ଅପଲୋଡ କରାଯାଇଛି। ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବୌଦ୍ଧ, ଦେବଗଡ଼ ଓ ନୂଆପଡା ଜିଲ୍ଲାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠି ଓ ସଦସ୍ୟାଙ୍କ ସଂଖ୍ୟା ହ୍ରାସ ପାଇଛି। ନୂଆପଡାରେ ୩୩୭ ଗୋଷ୍ଠି ଓ ୩୪୦୬ ସଦସ୍ୟାଙ୍କ ସଂଖ୍ୟା ହ୍ରାସ ପାଇଥିବାବେଳେ ବୌଦ୍ଧରେ ୭୧୫ ଗୋଷ୍ଠିର ୭୩୫୫ ଏବଂ ଦେବଗଡ଼ରେ ୨୦ ଗୋଷ୍ଠିର ୮୮୨ ସଦସ୍ୟା ହ୍ରାସ ପାଇଛନ୍ତି।

### ● ମଦ ବୋତଲର ବିକଳ୍ପ ବ୍ୟବସ୍ଥା ଦାବି କଲେ ସନା

କାଚ ବୋତଲ ବଦଳରେ ଅନ୍ୟ ବିକଳ୍ପ ବ୍ୟବସ୍ଥାରେ ମଦ ବିକ୍ରି ପାଇଁ ଦାବି କଲେ ବିଧାୟକ ସନାତନ ମହାକୁଡ଼। ବିଧାନସଭାରେ ଏକ ଲିଖିତ ପ୍ରଶ୍ନ କରି ସନା ଦାବି କରିଛନ୍ତି ଯେ କାଚ ବୋତଲରେ ମଦ ବିକ୍ରି ହେଉଥିବାରୁ ବ୍ୟବହାର ପରେ ତାକୁ ଅଧିକାଂଶ ଲୋକ ଭାଙ୍ଗି ବାହାରେ ଫିଙ୍ଗୁଛନ୍ତି। ସେହି ଭଙ୍ଗା କାଚ ଦ୍ୱାରା ପରିବେଶ ନଷ୍ଟ ହେଉଥିବା ବେଳେ ଅନେକ ଲୋକ ଓ ପ୍ରାଣୀ ଆହତ ହେଉଛନ୍ତି। ତେଣୁ ମଦ ବୋତଲର ବିକଳ୍ପ ବ୍ୟବସ୍ଥା ପାଇଁ ସେ ଦାବି କରିଛନ୍ତି।

### ● ନିମ୍ନମାନର ଛତୁଆ ଦେଉଛନ୍ତି ଏସ୍‌ଏଚ୍‌ଜି

୧୨୫ଟି ଏସ୍‌ଏସ୍‌ଜି ଗ୍ରୁପ ଅପମିଶ୍ରିତ ଛତୁଆ ଦେଉଥିବାରୁ ନିଆଯାଇଛି କାର୍ଯ୍ୟାନୁଷ୍ଠାନ।୬୩ ଏସ୍‌ଡିପିଓ ଓ ସୁପରଭାଇଜରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛି ମହିଳା ଓ ଶିଶୁ ବିକାଶ ବିଭାଗ। ଷ୍ଟେଟ ଫୁଡ୍ ଟେଷ୍ଟିଂ ଲାବରୋଟେରୀ ଭୁବନେଶ୍ୱରରେ ନମୁନା ପରୀକ୍ଷା ହୋଇଥିଲା। ବିଧାୟକ କଳିକେଶ୍ ନାରାୟଣ ସିଂଦେଓଙ୍କ ପ୍ରଶ୍ନର ଉତ୍ତରରେ ବିଭାଗୀୟ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଉତ୍ତର ରଖିଛନ୍ତି।

### ● ବଢୁଛି ମଦ ବ୍ରିକି

ଗତ ବର୍ଷ ୨୦୨୨-୨୩ରେ ୫ କୋଟି ୮୩ ଲକ୍ଷ ୪୪ ହଜାର ବିଦେଶୀ ମଦ ବିକ୍ରି ହୋଇଥିବା ବେଳେ ୨୦୨୩-୨୪ ରେ ୫ କୋଟି ୮୮ ଲକ୍ଷ ୮୫ ହଜାର ବିଦେଶୀ ମଦ ବିକ୍ରି ହୋଇଛି। ୨୦୨୨-୨୩ ରେ ୧୨ କୋଟି ୯ ଲକ୍ଷ ୬୭ ହଜାର ବଲକ ଲିଟର ବିକ୍ରି ହୋଇଥିବା ବେଳେ ୨୦୨୩-୨୪ରେ ଏହା ବଢି ୧୫ କୋଟି ୩୫ ଲକ୍ଷ ୭୨ ହଜାର ବଲକ ଲିଟରରେ ପହଞ୍ଚିଛି। ଦେଶୀ ମଦର ମଧ୍ୟ ଚାହିଦା ବଢ଼ିଛି। ୨୦୨୨-୨୩ ରେ ୮୪ ଲକ୍ଷ ୩୭ ହଜାର ଲିଟର ଦେଶୀ ମଦ ବିକ୍ରି ହୋଇଥିବା ବେଳେ ୨୦୨୩-୨୪ ରେ ୯୮ ଲକ୍ଷ ୪୩ ହଜାର ଲିଟର ମଦ ବିକ୍ରି ହୋଇଛି। ଅବକାରୀ ରାଜସ୍ୱ ମଧ୍ୟ ବୃଦ୍ଧି ପାଇ୨୦୨୩-୨୪ ରେ ୭ ହଜାର ୨୧୬ କୋଟି ୯୯ ଲକ୍ଷରେ ପହଞ୍ଚିଛି। ବରଗଡ଼ ଜିଲ୍ଲାରୁ ଆସିଛି ସର୍ବାଧିକ ୧୨୪ କୋଟି ୯୯ ଲକ୍ଷ ଟଙ୍କା। ଦ୍ୱିତୀୟରେ ରହିଛି ଗଞ୍ଜାମ ଜିଲ୍ଲା ଯେଉଁଠି ୯୬ ଲକ୍ଷ ୧୦ କୋଟି ଟଙ୍କାର ଅବକାରୀ ରାଜସ୍ୱ ଆଦାୟ ହୋଇଛି ବୋଲି ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ।

# କୋଟିପତି ଏସିଏଫ୍ ଗିରଫ



**ଭୁବନେଶ୍ୱର, ୭।୧୨ (ସଂଚାର ବ୍ୟୁରୋ):** ଭିଜିଲାନ୍ସ ଜାଲରେ ପଡ଼ିଥିବା କୋଟିପତି ଏସିଏଫ୍‌ଙ୍କୁ ଗିରଫ କରାଯାଇଛି। ବେଆଇନ ସମ୍ପତ୍ତି ଠୁଳ ଅଭିଯୋଗରେ ହୀରାକୁଦ ବନ୍ୟପ୍ରାଣୀ ଡିଭିଜନର ସହକାରୀ ବନ ସଂରକ୍ଷକ (ଏସିଏଫ୍) ରେବତୀ ରମଣ ଯୋଷୀଙ୍କ ଘର, ଅଫିସ ସମେତ ସମ୍ବଲପୁର ଓ ବରଗଡ଼ରେ ୯ ଠିକଣାରେ ଶୁକ୍ରବାର ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇ ବିପୁଳ ସମ୍ପତ୍ତି ଠାବ କରାଯାଇଥିଲା। ସମ୍ବଲପୁର ସ୍ଥିତ ତାଙ୍କ ସରକାରୀ ବାସଭବନରୁ ୧୪.୫ ଲକ୍ଷ ଟଙ୍କା, ଘରୁ ୧୫୦ ଗ୍ରାମ ସୁନା ଅଳଙ୍କାର ଓ ୩୦୦ ଗ୍ରାମ ରୁପା ଅଳଙ୍କାର ମଧ୍ୟ ଜବତ ହୋଇଥିଲା। ଗତକାଲି ବିଳମ୍ବିତ ରାତି ଯାଏ ତାଙ୍କୁ ସମ୍ବଲପୁର ଭିଜିଲାନ୍ସ ଏସପିଙ୍କ ଅଫିସରେ ପଚରାଉଚରା କରାଯାଇଥିଲା। ଏଥିସହ ତାଙ୍କ ଘରୁ ମିଳିଥିବା କାଗଜପତ୍ରଗୁଡ଼ିକ ଯାଞ୍ଚ କରାଯାଇଥିଲା। ସେ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଶନିବାର ସକାଳେ ଭିଜିଲାନ୍ସ ତାଙ୍କୁ ଗିରଫ କରିଛି। ଗତକାଲି ତାଙ୍କ ସମ୍ବଲପୁର ଅଫିସ୍, କ୍ୱାର୍ଟର୍ସ, ତିନି ମହଲା ଘର, ସମ୍ବଲପୁରରେ ବ୍ୟବସାୟିକ କୋଠା ଓ ବରଗଡ଼ ଘରେ ଯାଞ୍ଚ କରିଥିଲା ଭିଜିଲାନ୍ସ। ଚଢ଼ାଉ ବେଳେ ସମ୍ବଲପୁରରେ ଥିବା ସରକାରୀ କ୍ୱାର୍ଟର୍ସରୁ ନଗଦ ୧୪ ଲକ୍ଷରୁ ଅଧିକ ଟଙ୍କା ଜବତ ହେବା ସହିତ ଭୁବନେଶ୍ୱର ସମେତ ଅନ୍ୟାନ୍ୟ ସ୍ଥାନରେ କୋଠା, ପ୍ଲଟର କାଗଜପତ୍ର ଜବତ କରାଯାଇଥିଲା।

# ଫିଜିକ୍ସୱାଲା ପକ୍ଷରୁ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର, ୭।୧୨ (ସଂଚାର ବ୍ୟୁରୋ):** ରାଜ୍ୟର ପ୍ରତିଷ୍ଠିତ ଅନୁଷ୍ଠାନ ଫିଜିକ୍ସୱାଲାର ଶିକ୍ଷାର୍ଥୀ ଓଡିଶା ପ୍ରଶାସନିକ ସେବା ୨୦୨୨ ଏବଂ ଷ୍ଟାଫ୍ ସେଲେକ୍ସନ କମିଶନ ୨୦୨୩ ପରୀକ୍ଷାରେ ଅଧିକ ଶିକ୍ଷାର୍ଥୀ କୃତକାର୍ଯ୍ୟ ହୋଇ ଅନୁଷ୍ଠାନ ପାଇଁ ଗର୍ବ ଆଣିଛନ୍ତି। ଶିକ୍ଷାର୍ଥୀଙ୍କର କଠୋର ପରିଶ୍ରମ, ଅନୁଷ୍ଠାନର ଉତ୍ସର୍ଗୀକୃତ ମନୋଭାବ ଯୋଗୁଁ ଏହା ସମ୍ଭବ ହୋଇପାରିଛି। ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ ଦୁଇ ଗୁଣ ଅଧିକ ଶିକ୍ଷାର୍ଥୀ ସଫଳତା ପାଇଛନ୍ତି। ସେମାନଙ୍କର ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଚକ୍ଷଣ ସଫଳତା ଯୋଗୁଁ କୃତିତ୍ୱ ଅର୍ଜନ କରିଥିବା ପରୀକ୍ଷାର୍ଥୀଙ୍କୁ ଭୁବନେଶ୍ୱରର ଏକ ହୋଟେଲରେ ସମ୍ବର୍ଦ୍ଧିତ କରାଯାଇଛି। ଉତ୍ସବରେ ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ରଘୁବର ଦାଶ, ପୂର୍ବତନ ରାଜ୍ୟ ନିର୍ବାଚନ କମିଶନର ପ୍ରଫେସର ଡ. ସଞ୍ଜୀବ ହୋତା, ପୂର୍ବତନ ଡିଜିପି ପ୍ରକାଶ ମିଶ୍ର ପ୍ରମୁଖ ଯୋଗଦେଇ ଶିକ୍ଷାର୍ଥୀଙ୍କୁ ଅଭିନନ୍ଦନ ଜଣାଇବା ସହିତ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା, ସମସ୍ତ ଶିକ୍ଷକ ଏବଂ ଶିକ୍ଷାର୍ଥୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।



# ଲିଙ୍ଗରାଜ ମନ୍ଦିର ମାସକରେ କିଣିଛି ୪୨ଲିଟର ଓମଫେଡ୍ ଘିଅ

**ଭୁବନେଶ୍ୱର, ୭।୧୨ (ସଂଚାର ବ୍ୟୁରୋ):** ରାଜ୍ୟର ମନ୍ଦିରଗୁଡିକ ଶୁଦ୍ଧ ଘିଅ ବ୍ୟବହାର ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେବା ସହିତ ଓମଫେଡ୍ ଘିଅ କିଣିବାକୁ ପରାମର୍ଶ ଦେଇଛନ୍ତି। ତଦନୁଯାୟୀ ଦେବାଳୟଗୁଡିକ ଓମଫେଡ୍ ଘିଅ ଖରିଦ କରୁଛନ୍ତି। ଗତ ମାସକ ମଧ୍ୟରେ ଲିଙ୍ଗରାଜ ମନ୍ଦିର କର୍ତ୍ତୃପକ୍ଷ ୪୨ଲିଟର ଓମଫେଡ୍ ଖରିଦ କରିଥିବା ସୂଚନାଦେଇଛନ୍ତି ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ହରିଚନ୍ଦନ କହିଛନ୍ତି, ଓଡିଶା ହିନ୍ଦୁ ଦେବୋତ୍ତର ବିଭାଗ ଦ୍ୱାରା ପରିଚାଳିତ ରାଜ୍ୟର ସମସ୍ତ ଧର୍ମାନୁଷ୍ଠାନରେ ଶୁଦ୍ଧ ଘିଅ ସହିତ ଉନ୍ନତ ମାନର ସାମଗ୍ରୀ ବ୍ୟବହାର ପାଇଁ ସମ୍ପୃକ୍ତ ଅନୁଷ୍ଠାନର ପରିଚାଳକ ଆୟ ଅନୁଯାୟୀ ବ୍ୟବସ୍ଥା କରିଥାନ୍ତି। ଶୁଦ୍ଧ ଘିଅ ବ୍ୟବହାର ପାଇଁ ସେମାନଙ୍କୁ କୁହାଯାଉଛି। ଆବଶ୍ୟକ ସ୍ଥଳେ ଟ୍ରଷ୍ଟବୋର୍ଡ ଶୁଦ୍ଧ ଘିଅ ବ୍ୟବହାର ପାଇଁ ନିଷ୍ପତ୍ତି ନେଇଥାନ୍ତି। ଏହାବାଦ୍ ଭୋଗ ଏବଂ ଦୀପ ନିଲାମଧାରୀମାନଙ୍କୁ ଶୁଦ୍ଧ ଘିଅ ବ୍ୟବହାର କରିବା ନିମନ୍ତେ ଚୁକ୍ତପତ୍ରରେ ସର୍ତ୍ତାରୋପ କରାଯାଇଥାଏ। ମନ୍ତ୍ରୀ ସୂଚନା ଦେଇଛନ୍ତି ଯେ ଗତ ଏକମାସ ମଧ୍ୟରେ ଲିଙ୍ଗରାଜ ମନ୍ଦିର ପାଇଁ ୪୨ଲିଟର, ଘଟଗାଁ ତାରିଣୀ ମନ୍ଦିରରେ ୩୦ କେଜି, କ୍ଷୀରଚୋରା ଗୋପୀନାଥ ମନ୍ଦିରରେ ୨୨.୫୩ କେଜି, କାକଟପୁରର ମଙ୍ଗଳା ମନ୍ଦିରରେ ୧୫ କେଜି, ନୟାଗଡ଼ର ଶ୍ରୀଜଗନ୍ନାଥଜୀଉ ମନ୍ଦିରରେ ୩ କେଜି, ଶରଣକୁଳର ଲଡୁକେଶ ମନ୍ଦିରରେ ୨୫କେଜି ଓ ଓଡଗାଁର ରଘୁନାଥଜୀଉ ମନ୍ଦିରରେ ୨୧ କେଜି ଓମଫେଡ୍ ଘିଅ ଖରିଦ କରାଯାଇଛି।

# ପୁରୀରେ ଗଡ଼ିଲା ଯକ୍ଷ୍ମାମୁକ୍ତ ରଥ



**୨୦୨୫ ସୁଦ୍ଧା ଯକ୍ଷ୍ମା ନିରାକରଣ ଲକ୍ଷ୍ୟ**

**ପୁରୀ,୭।୧୨ (ସଂଚାର ବ୍ୟୁରୋ):** ୨୦୨୫ ସୁଦ୍ଧା ଯକ୍ଷ୍ମାମୁକ୍ତ ଭାରତବର୍ଷ ପାଇଁ ପୁରୀ ଜିଲ୍ଲାର ପ୍ରତି ଗ୍ରାମରେ ସଚେତନତା ସୃଷ୍ଟି ପାଇଁ ଆଜି ପୁରୀ ସଦର ମୁଖ୍ୟ ଚିକିତ୍ସାଳୟ ରୁ ଗଡ଼ିଛି ଯକ୍ଷ୍ମାମୁକ୍ତ ରଥ। ଏଥିସହ ପୁରା ଶହେଦିନ ପାଇଁ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି।ଏହି ରଥକୁ ଲୋକସଭା ସାଂସଦ ଡାକ୍ତର ସମ୍ବିତ ପାତ୍ର ଓ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଉଦଘାଟନ କରିଛନ୍ତି। ଡାକ୍ତର ଲଲାଟେନ୍ଦୁ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ସାଂସଦ ଡା. ପାତ୍ର କହିଥିଲେ ଯେ କେବଳ ଗରିବମାନଙ୍କୁ ଓ ସାଧାରଣ କାଶରେ ଯେ ଯକ୍ଷ୍ମା ହୁଏ, ଏଭଳି ଭାବନାରୁ ଦୂରରେ ରହିବା ଉଚିତ। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ଗ୍ରହଣ କରି ଯକ୍ଷ୍ମା ରୋଗୀମାନଙ୍କୁ ସ୍ନେହ ଶ୍ରଦ୍ଧାରେ ଆଦରି ନେବା ଆବଶ୍ୟକ। ଉପଯୁକ୍ତ ଚିକିତ୍ସା ଓ ନିୟମିତ ଔଷଧ ସେବନ ଦ୍ୱାରା ଯକ୍ଷ୍ମାରୁ ସୁସ୍ଥ ହୋଇ ପାରିବା। ଭୟଭୀତ ନ ହୋଇ ଓ ରୋଗ ନ ଲୁଚାଇ ଚିକିତ୍ସା ଗ୍ରହଣ କରିବାକୁ ସେ ଅନୁରୋଧ କରିଥିଲେ। ସାଂସଦ ଶ୍ରୀ ଖୁଣ୍ଟିଆ କହିଥିଲେ, ତୃଣମୂଳ ସ୍ତରରୁ ଯକ୍ଷ୍ମା ନିରାକରଣ କରି ଏକ ସୁସ୍ଥ ଭାରତବର୍ଷ ଗଠନ ପାଇଁ ସମସ୍ତେ ସଜାଗ ରହିବା ବର୍ତ୍ତମାନର ବଡ଼ ଆବଶ୍ୟକତା। କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିରଜା ଶଙ୍କର ରଥ ସ୍ୱାଗତ ଭାଷଣ ଦେଇଥିବାବେଳେ, ପ୍ରଶାସନିକ ଅଧିକାରୀ ଅଞ୍ଜଳି ତରାଇ, ବିନୋଦ ବିହାରୀ ରଥ, ନାରାୟଣ ପ୍ରସାଦ ନନ୍ଦ, ସାମ୍ବାଦିକ ଜୟନ୍ତ ଦାସ ଓ ସେବାୟତ ମଧୁସୂଦନ ସିଂହାରୀ ମଞ୍ଚାସୀନ ଥିଲେ। ବେଣୁଧର ନାୟକ, ଦୈତ୍ୟାରି ପଟ୍ଟନାୟକ ଓ ସୁଦର୍ଶନ ଜେନାଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଶେଷରେ ସଦସ୍ୟ ବଦ୍ରି ମିଶ୍ର, ଯକ୍ଷ୍ମା ନିରାକରଣ ପାଇଁ ନିଷ୍ଠାର ସହ କାମକରୁଥିବା ପୁରୀ ଜିଲ୍ଲାର ସମସ୍ତ ସ୍ୱାସ୍ଥ୍ୟ କର୍ମୀ, ସୁପରଭାଇଜର ଓ କର୍ମଚାରୀଙ୍କ ଆବଶ୍ୟକତା ପୂରଣ ପାଇଁ ଦୁଇ ସାଂସଦଙ୍କୁ ଅନୁରୋଧ କରିଥିଲେ। ଡିପିଏମ ଟି ନାରାୟଣ ରାଓ ଧନ୍ୟବାଦ ଦେଇଥିଲେ।

# ଦୁର୍ଦ୍ଦାନ୍ତ ଅପରାଧୀ ସଞ୍ଜୀବକୁ ଏନକାଉଣ୍ଟର



**ସମ୍ବଲପୁର, ୭।୧୨ (ସଂଚାର ବ୍ୟୁରୋ):** ସ୍ଥାନୀୟ ପୁଲିସର ଏନକାଉଣ୍ଟରରେ କୁଖ୍ୟାତ ଦୁର୍ଦ୍ଦାନ୍ତ ଅପରାଧୀ ସଞ୍ଜୀବ କରାଳି ଆହତ ହୋଇଛି। ରେଙ୍ଗାଲି ଥାନା ରମ୍ପେଲାରେ ଏନ୍‌କାଉଣ୍ଟର କରାଯାଇଛି। ସଞ୍ଜୀବର ଡାହାଣ ଗୋଡ଼ରେ ଗୁଳି ବାଜିଛି। ତାକୁ ବୁର୍ଲା ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗତ ମାସ ୨୨ ରେ ଚାରମାଳ ଥାନା ଅନ୍ତର୍ଗତ ଏକ ଗ୍ରୀଡ୍ କନ୍‌ଷ୍ଟ୍ରକ୍ସନ ସାଇଟ୍‌ରେ ଡକାୟତି ଘଟଣାରେ ପୁଲିସ ସଞ୍ଜୀବ କରାଳିକୁ ଖୋଜୁଥିଲା। ଏହି ଘଟଣାରେ ପୁଲିସ ୪ ଜଣଙ୍କୁ ଗିରଫ କରିଥିବା ବେଳେ ସଞ୍ଜୀବ କରାଳି ଫେରାର ଥିଲା। ସେ ଏହି ଡକାୟତି ମାମଲାର ମାଷ୍ଟରମାଇଣ୍ଡ ଥିଲା। ଆଜି ସେ ରମ୍ପେଲା ଅଞ୍ଚଳରେ ବନ୍ଧୁକ ଧରି ବୁଲୁ ଥିବା ନେଇ ପୁଲିସ୍ ଖବର ପାଇଥିଲା। ପୁଲିସ ପହଞ୍ଚି ସଞ୍ଜୀବ କରାଳିକୁ କାବୁ କରିବାକୁ ପ୍ରୟାସ କରିଥିଲା। ସେହି ସମୟରେ ସେ ଖସି ଯିବାକୁ ପ୍ରୟାସ କରି ପୁଲିସ ଉପରକୁ ଗୁଳି କରିଥିଲା। ଜବାବରେ ପୁଲିସ ପାଲଟା ଗୁଳି କରିଥିଲା। ଗୋଟିଏ ଗୁଳି ସଞ୍ଜୀବ ଗୋଡ଼ରେ ବାଜିଥିଲା। ଆହତ ଅବସ୍ଥାରେ ତାକୁ ରେଙ୍ଗାଲି ଡାକ୍ତରଖାନାକୁ ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସଞ୍ଜୀବ ନାଁରେ ବିଭିନ୍ନ ଥାନାରେ ଚୋରି, ଡକାୟତି ଓ ଠକେଇ ଭଳି ପ୍ରାୟ ୨୩ଟି ମାମଲା ରହିଛି।

## ଉପାସରେ ଶ୍ରୀଲିଙ୍ଗରାଜ

**ଭୁବନେଶ୍ୱର, ୭।୧୨ (ସଂଚାର ବ୍ୟୁରୋ):** ପୁଣି ଶ୍ରୀଲିଙ୍ଗରାଜ ମନ୍ଦିରରେ ନୀତି ବିଭ୍ରାଟ। ପୂଜାପଣ୍ଡା ନିଯୋଗ ଏବଂ ବଡୁ ନିଯୋଗ ମଧ୍ୟରେ ମହାପ୍ରଭୁଙ୍କ ଅଧିବାସ ପୂଜାକୁ ନେଇ ମତପାର୍ଥକ୍ୟ କାରଣରୁ ଉପବାସରେ ରହିଛନ୍ତି ମହାପ୍ରଭୁ ଲିଙ୍ଗରାଜ। ପୂଜା ଚାଲିଛି, କିନ୍ତୁ ନୀତି ବନ୍ଦ। ବଡୁ ସେବାୟତଙ୍କ ପାଇଁ ଏଭଳି ସ୍ଥିତି ଉପୁଜୁଥିବା ପୂଜାପଣ୍ଡା ଅଭିଯୋଗ କରିଛନ୍ତି। ଅଧିବାସ ପୂଜା ନୀତି ନକରାଇ ଦେବା ଯୋଗୁଁ ଆଜି ଦିନକ ପାଇଁ ମନ୍ଦିରରେ ନୀତି ବନ୍ଦ ରହିଛି। ମନ୍ଦିର ନିର୍ମାଣ ହେବାଠାରୁ ଅଧିବାସ ପୂଜା ଚାଲିଛି, କିନ୍ତୁ ବଡୁ ସେବାୟତ ଏମିତି ବିଧି ନାହିଁ ବୋଲି କହୁଛନ୍ତି।

**କଟକ ପୂର୍ତ୍ତବିଭାଗ ଡିଭିଜନ-୨: ବାବୁମାନଙ୍କ ବଦଳି କେବେ**

# କୋଳି ଖାଇ କୋଳି ମଞ୍ଜି ପୋତିଛନ୍ତି




**କଟକ, ୭।୧୨ (ସଂଚାର ବ୍ୟୁରୋ):** ୨୪ ବର୍ଷର ସରକାର ବଦଳିଗଲା ହେଲେ ବଦଳୁନି ବାବୁମାନଙ୍କ ପ୍ରଭାବ । ବାବୁମାନେ ଏବେ ବି ବିଜେଡି ଅମଳର ଦାଦାଗିରିକୁ ଧରି ବସିଛନ୍ତି । ଉଦାହରଣଭାବେ କଟକ ଜିଲ୍ଲା ପୂର୍ତ୍ତବିଭାଗର ଡିଭିଜନ - ୨କୁ ନିଆଯାଇପାରେ । ଏହି ଡିଭିଜନ-୨ର ସୁପିରିଟେଣ୍ଡେଣ୍ଟ ଇଞ୍ଜିନିୟରଙ୍କ ଅଫିସ ଓଏମପି ଛକରେ ଅବସ୍ଥିତ । ତେବେ ଉକ୍ତ ଅଫିସରେ କାର୍ଯ୍ୟରତ ଜୁନିଅର ଇଞ୍ଜିନିୟର, ଆସିଷ୍ଟାଣ୍ଟ ଇଞ୍ଜିନିୟର ପ୍ରଭୃତି ବାବୁମାନେ କୋଳି ଖାଇ କୋଳି ମଞ୍ଜି ପୋତିଛନ୍ତି । ସେଇଠି ଜୁନିଅର ଇଞ୍ଜିନିୟର ଭାବେ ଯୋଗଦେଇ ଜଣେ ବାବୁ ୧୦ ବର୍ଷ କଟାଇ ଆସିଷ୍ଟାଣ୍ଟ ଇଞ୍ଜିନିୟର ହେଲଣି ତଥାପି ତାଙ୍କର ବଦଳି ହେଉ ନାହିଁ । ଆଉ ଜଣେ ଜେଇ ବାବୁଙ୍କ ନାଁର ଭିଜିଲାନ୍ସ ମାମଲା ଥାଇ ମଧ୍ୟ ସେ ନିରାପଦଭାବେ କାର୍ଯ୍ୟରତ ଅଛନ୍ତି। ତାଙ୍କର ବଦଳି ବା କାର୍ଯ୍ୟାନୁଷ୍ଠାନ ଦିଗରେ ଉପର ଅଫିସରମାନେ ନୀରବ । କେଉଁ କାରଣରୁ ବାବୁମାନେ ଏଭଳି ପ୍ରଭାବ ବିସ୍ତାର କରି ରହିଛନ୍ତି ତାହା ରହସ୍ୟମୟ ହୋଇ ରହିଛି । ପୁରୁଣା ୫-ଟି ବାବୁଙ୍କ ପ୍ରଭାବ ଏବେ ବି ଥିଲାଭଳି ଲାଗୁଛି । ନୂଆ ସରକାରଙ୍କର ପୂର୍ତ୍ତ ବିଭାଗ ମନ୍ତ୍ରୀ ଏହାକୁ ଗୁରୁତର ସହ ନେଇ ଏହି ବାବୁମାନଙ୍କୁ ତୁରନ୍ତ ବଦଳି କରିବା ଲାଗି ଜନସାଧାରଣଙ୍କ ପକ୍ଷରୁ ଦାବୀ ହେଉଛି । କାରଣ ଦୀର୍ଘଦିନ ଧରି ଏମାନେ ରହିଥିବାରୁ ନିଜର ପ୍ରଭାବ ବଳରେ ଯେଉଁ କାମ ସବୁ କରୁଛନ୍ତି ତହିଁରେ ବ୍ୟାପକ ପିସି କାରବାର ଚାଲିଥିବାର ଅଭିଯୋଗ ହୋଇଛି । ବିଭିନ୍ନ ଏଫ-୨ କାର୍ଯ୍ୟରେ ନିଜର ନିକଟ ସଂପର୍କୀୟ ବନ୍ଧୁମାନଙ୍କୁ ନିୟୋଜିତ କରି ବାବୁମାନେ ନିଜର ପକେଟ ଗରମ କରୁଛନ୍ତି ଓ ସଂପତ୍ତିବାଡି ବଢାଇ ଚାଲିଛନ୍ତି । ଏହାକୁ ମାନ୍ୟବର ମନ୍ତ୍ରୀ ଦୃଷ୍ଟିକୁ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ଜନସାଧାରଣ ଦାବି କରୁଛନ୍ତି ।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ଓଲା ଇଭିର ଗିଗ୍ ଓ ଏସ୍୧ ଜେଡ୍ ରେଞ୍ଜର ସ୍କୁଟର୍‌ର ଶୁଭାରମ୍ଭ



**ଭୁବନେଶ୍ୱର, ୭।୧୨:** ଭାରତର ସର୍ବବୃହତ ପ୍ୟୋର-ପ୍ଲେ ଇଭି କମ୍ପାନୀ ଓଲା ଇଲେକ୍‌ଟ୍ରିକ ପକ୍ଷରୁ ଏହାର ଗିଗ୍ ଓ ଏସ୍୧ ଜେଡ୍ ରେଞ୍ଜର ସ୍କୁଟର୍‌ର ଶୁଭାରମ୍ଭ ଘୋଷଣା କରାଯାଇଛି। ଏହି ନୂଆ ରେଞ୍ଜର ସ୍କୁଟର୍‌ରେ ଓଲା ଗିଗ୍, ଓଲା ଗିଗ୍+, ଓଲା ଏସ୍୧ ଜେଡ୍ ଓ ଓଲା ଏସ୍୧ ଜେଡ୍+ ଅନ୍ତର୍ଭୁକ୍ତ ରହିଛି ଯାହାର ପ୍ରାରମ୍ଭିକ ମୂଲ୍ୟ ଯଥାକ୍ରମେ ୩୯, ୯୯୯ ଟଙ୍କା (ଏକ୍ସ-ଶୋରୁମ୍), ୪୯, ୯୯୯ ଟଙ୍କା (ଏକ୍ସ-ଶୋରୁମ୍), ୫୯, ୯୯୯ ଟଙ୍କା (ଏକ୍ସ-ଶୋରୁମ୍) ଓ ୬୪, ୯୯୯ ଟଙ୍କା (ଏକ୍ସ-ଶୋରୁମ୍) ରହିଛି। ଉଭୟ ଗିଗ୍ ଓ ଏସ୍୧ ଜେଡ୍ ସିରିଜ ପାଇଁ ରିଜର୍ଭେଶନ କେବଳ ୪୯୯ ଟଙ୍କାରେ ଆରମ୍ଭ ହୋଇଯାଇଛି। ଏହି ନୂଆ ରେଞ୍ଜର ସ୍କୁଟରଗୁଡିକ ସ୍ଥାୟୀ, ନିର୍ଭରଯୋଗ୍ୟ, ସୁଲଭ ଓ ନମନୀୟ ସମାଧାନ ପ୍ରଦାନ କରୁଛନ୍ତି ଯେଉଁଥିରେ ରିମୁଭେବଲ ବ୍ୟାଟେରୀ ରହିଛି, ଏହା ଗ୍ରାମାଞ୍ଚଳ, ଅର୍ଦ୍ଧସହରାଞ୍ଚଳ ଓ ସହରାଞ୍ଚଳ ଗ୍ରାହକଙ୍କର ବ୍ୟକ୍ତିଗତ ଓ ବାଣିଜ୍ୟିକ ବ୍ୟବହାର ଆବଶ୍ୟକତାକୁ ପୂରଣ କରୁଛି। ଏହି ନୂତନ ରେଞ୍ଜର ସ୍କୁଟରଗୁଡିକ ସହିତ ଓଲା ଇଲେକ୍‌ଟ୍ରିକ ବିଭିନ୍ନ ବର୍ଗରେ ସୁଲଭ ଉତ୍ପାଦଗୁଡିକର ଏକ ବିସ୍ତୃତ ଶୃଙ୍ଖଳା ସହ ଇଭି ପାଇଁ ପହଞ୍ଚକୁ ବୈପ୍ଳବିକ କରିବାକୁ ଲକ୍ଷ୍ୟ ରଖିଛି। ଓଲା ଗିଗ୍ ଓ ଓଲା ଏସ୍୧ ଜେଡ୍ ସିରିଜ୍‌ର ଡେଲିଭରି ଯଥାକ୍ରମେ ଏପ୍ରିଲ ୨୦୨୫ ଓ ମେ' ୨୦୨୫ରୁ ଆରମ୍ଭ ହେବ। କମ୍ପାନୀ ପକ୍ଷରୁ ୯୯୯୯ ଟଙ୍କା ମୂଲ୍ୟରେ ପାୱାରପଡ୍‌ର ଶୁଭାରମ୍ଭକରାଯାଇଛି, ଏହା ହେଉଛି ଏକ ଇନ୍‌ଭର୍ଟର ଯାହା ଓଲାର ପୋର୍ଟେବୁଲ ବ୍ୟାଟେରୀଗୁଡିକର ବ୍ୟବହାର କରି ଘରଗୁଡିକୁ ବିଦ୍ୟୁତ୍ ଶକ୍ତି ଯୋଗାଉଛି। ଏହି ଅବସରରେ ଓଲା ଇଲେକ୍‌ଟ୍ରିକର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଭାବିଶ ଅଗ୍ରୱାଲ କହିଛନ୍ତି, "ଓଲା ଗିଗ୍ ଓ ଏସ୍୧ ଜେଡ୍ ରେଞ୍ଜର ସ୍କୁଟର୍‌ଗୁଡିକର ଶୁଭାରମ୍ଭ ସହିତ ଆମେ ଇଭି ଗ୍ରହଣୀୟତାକୁ ତ୍ୱରାନ୍ୱିତ କରିବୁ ଯାହା ମୂଳ ସ୍ତମ୍ଭ ଭାବେ ସୁଲଭତା, ନିର୍ଭରଯୋଗ୍ୟତା ଓ ସୁରକ୍ଷା ସହିତ ବିଭିନ୍ନ ପ୍ରକାରର ବ୍ୟକ୍ତିଗତ ଓ ବାଣିଜ୍ୟିକ ଉପଯୋଗର ଆବଶ୍ୟକତାକୁ ପୂରଣ କରୁଛି। ଏହି ନୂତନ ରେଞ୍ଜର ସ୍କୁଟର୍‌ରେ ପୋର୍ଟେବୁଲ ବ୍ୟାଟେରୀ ରହିଛି ଯାହା ଓଲା ପାୱାରପଡ୍‌ର ବ୍ୟବହାର କରି ଏକ ଇନ୍‌ଭର୍ଟର୍ ଭାବେ ଦୁଇଗୁଣିତ ହୋଇପାରେ ଏବଂ ହୋମ୍ ଆପ୍ଲାଏନ୍ସଗୁଡିକୁ ପାୱାର ଯୋଗାଇପାରେ। ଓଲା ଗିଗ୍ ଓ ଓଲା ଏସ୍୧ ଜେଡ୍ ସ୍କୁଟର୍ ଏବଂ ଆମର ବିଦ୍ୟମାନ ଇଭି ପୋର୍ଟଫୋଲିଓ ସହିତ ଆମେ ଭାରତକୁ ଏଣ୍ଡଆଇସିଇଏଜ୍‌ର ନିକଟତର କରିବା ପାଇଁ ଦୃଢ ଭାବେ ପ୍ରସ୍ତୁତ ରହିଛୁ।"

ଓଲା ଗିଗ୍ ସ୍କୁଟର ୧୧୨ କିମିର ଏକ ଆକର୍ଷଣୀୟ ଆଇଡିସି-ସାର୍ଟିଫାଏଡ ରେଞ୍ଜ ଓ ୨୫ କିଲୋମିଟର ପ୍ରତି ଘଣ୍ଟାର ଟପ୍ ସ୍ପିଡ୍ ଦେଉଛି। ଏହା ଏକ ରିମୁଭେବୁଲ ୧.୫ କେଡବ୍ଲ୍ୟୁଏଚ୍ ବ୍ୟାଟେରୀ, ଏକ ହବ୍ ମୋଟର, ଉନ୍ନତ ବ୍ରେକିଂ ପାଇଁ ୧୨ ଇଞ୍ଚ୍ ଟାୟାର ସହିତ ଆସୁଛି। ଓଲା ଗିଗ୍+ ସ୍କୁଟର ୪୫ କିମି/ଘଣ୍ଟାର ଟପ୍ ସ୍ପିଡ୍ ଏବଂ ପ୍ରତ୍ୟେକ ୮୧ କିମି (୧୫୭କିମି ଝ୨)ର ଏକ ଆଇଡିସି ସାର୍ଟିଫାଏଡ ରେଞ୍ଜ ସହିତ ୧.୫ କେଡବ୍ଲ୍ୟୁଏଚ୍‌ର ଏକ ରିମୁଭେବୁଲ ସିଙ୍ଗଲ / ଡୁଆଲ ବ୍ୟାଟେରୀ ସହ ଆସୁଛି। ଏସ୍୧ ଜେଡରେ ୭୫ କିମି (୧୪୬ଝ୨)ର ଏକ ଆଇଡିସି-ସାର୍ଟିଫାଏଡ ରେଞ୍ଜ ସହିତ ୧.୫ କେଡବ୍ଲ୍ୟୁଏଚ୍‌ର ରିମୁଭେବୁଲ ଡୁଆଲ ବ୍ୟାଟେରୀ ରହିଛି ଏବଂ ଏହା ୭୦ କିଲୋମିଟର ପ୍ରତି ଘଣ୍ଟାର ଟପ୍ ସ୍ପିଡ୍, ଏକ ଏଲ୍‌ସିଡି ଡିସ୍‌ପ୍ଲେ ଓ ଏକ ଫିଜିକାଲ କୀ' ସହିତ ଆସୁଛି। ଏକ ୨.୯ କେଡବ୍ଲ୍ୟୁ ହବ୍ ମୋଟର ଦ୍ୱାରା ପରିଚାଳିତ ଏହି ବାଇକ୍ କେବଳ ୧.୮ ସେକେଣ୍ଡରେ ୦-୨୦ କିମି ପ୍ରତି ଘଣ୍ଟା ଏବଂ ୪.୮ ସେକେଣ୍ଡରେ ୦-୪୦ କିମି ଅତିକ୍ରମ କରିପାରେ। ସେହିଭଳି ଏସ୍୧ ଜେଡ୍+ରେ ୭୫କିମି (୧୪୬ଝ୨)ର ଏକ ଆଇଡିସି ସାର୍ଟିଫାଏଡ ରେଞ୍ଜ ସହିତ ୧.୫ କେଡବ୍ଲ୍ୟୁଏଚ୍‌ର ରିମୁଭେବୁଲ ଡୁଆଲ ବ୍ୟାଟେରୀ ରହିଛି ଏବଂ ୭୦ କିମି ପ୍ରତି ଘଣ୍ଟାର ଟପ୍ ସ୍ପିଡ୍, ୧୪ ଇଞ୍ଚ୍ ଟାୟାର, ଏଲ୍‌ସିଡି ଡିସ୍‌ପ୍ଲେ ଓ ଏକ ଫିଜିକାଲ କୀ ସହ ଆସୁଛି। ଏକ ୨.୯ କେଡବ୍ଲ୍ୟୁ ହବ୍ ମୋଟର ଦ୍ୱାରା ପରିଚାଳିତ ଏହି ଯାନ ୧.୮ ସେକେଣ୍ଡରେ ୦-୨୦ କିମି ପ୍ରତି ଘଣ୍ଟା ଓ ୪.୭ ସେକେଣ୍ଡରେ ୦-୪୦ କିମି ଅତିକ୍ରମ କରିପାରେ।

# ଜାନୁଆରିରୁ ମହଙ୍ଗା ହେବ କାର୍



ନୂଆଦିଲ୍ଲୀ, ୭।୧୨: ନୂଆବର୍ଷରୁ ମହଙ୍ଗା ମାଡ଼ ହେବାକୁ ଯାଉଛି। କାର୍ କିଣିବାକୁ ଯୋଜନା କରୁଥିବା ଲୋକମାନଙ୍କୁ ପକେଟ୍‌ରୁ ଅଧିକ ଟଙ୍କା ବାହାର କରିବାକୁ ପଡ଼ିବ। କାରଣ ଦେଶର ପ୍ରମୁଖ କାର୍ ନିର୍ମାତାମାନେ ଜାନୁଆରିରୁ ଦାମ୍ ବଢ଼ାଇବେ। ଜାନୁଆରିରୁ କାର୍ ଦାମ୍ ୪ ପ୍ରତିଶତ ପର୍ଯ୍ୟନ୍ତ ବଢ଼ାଇବାକୁ ମାରୁତି ସୁଜୁକି ଘୋଷଣା କରିଛି। ତେବେ କେଉଁ ମଡେଲ୍‌ର ଦାମ୍ କେତେ ବଢ଼ିବ ତାହା କମ୍ପାନି ଜଣାଇନାହିଁ। ଡିଜାୟାର, ଫ୍ରଙ୍କ୍‌ସ, ୱାଗନ୍‌ଆର୍ ଭଳି ଲୋକପ୍ରିୟ କାର୍‌କୁ ମାରୁତି ବିକ୍ରି କରୁଛି। ଜେଏସ୍‌ଡବ୍ଲୁ ଏମ୍‌ଜି ମୋଟର ଇଣ୍ଡିଆ ମଧ୍ୟ ଏହାର ବିଭିନ୍ନ ମଡେଲ୍‌ର ଦାମ୍‌ରେ ଜାନୁଆରିରୁ ୩ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରିବା ଘୋଷଣା କରିଛି। ପୂର୍ବରୁ ଅଡି ଇଣ୍ଡିଆ ପକ୍ଷରୁ କାର୍ ମୂଲ୍ୟରେ ୩ ପ୍ରତିଶତ ବୃଦ୍ଧି ଘୋଷଣା କରାଯାଇଥିଲା। ଏହା ଅଡି କ୍ୟୁ୪, କ୍ୟୁ୭, ଇ-ଟ୍ରନ୍ ଜିଟି ଓ ଆର୍‌ଏସ୍ କ୍ୟୁ୮ ଭଳି ମଡେଲ୍ ବିକ୍ରି କରୁଛି। ଉତ୍ପାଦନ, ପରିବହନ ଓ ପରିଚାଳନା ଖର୍ଚ୍ଚରେ ହୋଇଥିବା ବୃଦ୍ଧି ବିଚାରକୁ ନେଇ କମ୍ପାନି ଦରବୃଦ୍ଧି ଘୋଷଣା କରିଛି। ହୁଣ୍ଡାଇ ମୋଟର ଇଣ୍ଡିଆ ମଧ୍ୟ ଜାନୁଆରିରୁ କାର୍ ଦାମ୍‌ରେ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିବ ବୋଲି ଘୋଷଣା କରିଛି। ଉତ୍ପାଦନ ଖର୍ଚ୍ଚ ବୃଦ୍ଧି ଲାଭକୁ ପ୍ରଭାବିତ କରିବା ପରେ କମ୍ପାନି କାର୍ ଦାମ୍ ବଢ଼ାଇବା ନେଇ ନିଷ୍ପତ୍ତି ନେଇଛି। ବର୍ତ୍ତମାନ ସୁଦ୍ଧା ଛଅଟି କମ୍ପାନି ଜାନୁଆରିରୁ କାର୍ ଦାମ୍ ବଢ଼ାଇବା ଘୋଷଣା କରିଛନ୍ତି। ସେଥିରୁ ତିନିଟି ହେଉଛି ବିଳାସପୂର୍ଣ୍ଣ କାର୍ ଉତ୍ପାଦନ କରୁଥିବା କମ୍ପାନି। ମର୍ସିଡିସ୍-ବେଞ୍ଜ, ବିଏମ୍‌ଡବ୍ଲୁ ଓ ଅଡି ସେମାନଙ୍କ କାର୍‌କୁ ମହଙ୍ଗା କରିବେ। ତେବେ ମାରୁତି ସୁଜୁକି, ହୁଣ୍ଡାଇ, ଜେଏସ୍‌ଡବ୍ଲୁ ଏମ୍‌ଜି ମୋଟର ଇଣ୍ଡିଆର ଦରବୃଦ୍ଧି ସାଧାରଣ ବର୍ଗର ଗ୍ରାହକଙ୍କୁ ପ୍ରଭାବିତ କରିବ। ପ୍ରାୟ ସମସ୍ତ କମ୍ପାନି ଉତ୍ପାଦନରେ ବ୍ୟବହୃତ ହେଉଥିବା ଖର୍ଚ୍ଚରେ ହୋଇଥିବା ବୃଦ୍ଧିର ପ୍ରଭାବକୁ ହ୍ରାସ କରିବା ଲାଗି କାର୍ ଦାମ୍ ବଢ଼ାଇବା ବିକଳ୍ପ ଚୟନ କରିଛନ୍ତି।

# ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍‌ର ମୋବାଇଲ ଆପ୍

**ଭୁବନେଶ୍ୱର, ୭।୧୨:** ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍ସୁରାନ୍ସ ଦ୍ୱାରା ସ୍ୱତନ୍ତ୍ର ଭାବେ ଏହାର ପରାମର୍ଶଦାତାଙ୍କ ପାଇଁ ପ୍ରଦାନ କରାଯାଉଥିବା ଏକ ମୋବାଇଲ ଆପ୍ ଆଇପିଆର୍‌ୟୁ (ଆଇପ୍ରୁ) ଏଜ୍ ର ଆରମ୍ଭ କରାଯାଇଚଇ। ଯାହାକି ୨୦୨୫ ଆର୍ଥିକ ବର୍ଷର ପ୍ରଥମ ଅର୍ଦ୍ଧଭାଗରେ ସେମାନଙ୍କର ଉତ୍ପାଦକତାରେ ୩୭% ବୃଦ୍ଧି ଘଟାଇଛି ଏବଂ ଏହା ସେମାନଙ୍କ ପାଇଁ ଅଧିକ ଆୟ ସୃଷ୍ଟି କରିଛି। ଗୁରୁତ୍ୱପୂର୍ଣ୍ଣ ଭାବେ ଆଇପ୍ରୁ ଏଜ୍‌ର ବ୍ୟବହାର କରୁଥିବା ଏହାର ୯୮.୧% ଏଜେଂଟ୍‌ଙ୍କୁ ସମାନ ଦିନରେ କମିଶନ ପଇଠ କରାଯାଉଛି। ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ହେଉଛି ପ୍ରଥମ ଜୀବନ ବୀମା ପ୍ରଦାନକାରୀ ଯାହା ନିର୍ଦ୍ଦିଷ୍ଟ ବିତରଣକାରୀଙ୍କୁ ସମାନ ଦିନରେ କମିଶନ ପ୍ରଦାନ କରୁଛି। କମ୍ପାନୀର ୨ ଲକ୍ଷରୁ ଅଧିକ ପରାମର୍ଶଦାତାଙ୍କ ଏକ ନେଟ୍‌ୱର୍କ ରହିଛି ଏବଂ କମ୍ପାନୀର ପ୍ରାୟ ୬୧% ଶୀର୍ଷ ପରାମର୍ଶଦାତା ଏବେ ସକ୍ରିୟ ଭାବେ ଏହି ଆପ୍‌ର ବ୍ୟବହାର କରୁଛନ୍ତି ଯାହା ସେମାନଙ୍କୁ ନିଜର ବ୍ୟବସାୟ ବୃଦ୍ଧି କରିବାରେ ସାହାଯ୍ୟ କରୁଛି। ଏହି ମୋବାଇଲ ଆପ୍ ଏଜେଂଟଙ୍କ ପାଇଁ ଯାତ୍ରା ସମୟରେ ଏକ ଅଫିସ୍ ଭାବେ କାର୍ଯ୍ୟ କରୁଛି ଯାହା ସେମାନଙ୍କୁ ପ୍ରଶାସନିକ କାର୍ଯ୍ୟକଳାପ ପରିବର୍ତ୍ତେ ନୂତନ ବ୍ୟବସାୟ ବିକାଶ ଉପରେ ଧ୍ୟାନ ଦେବା ପାଇଁ ଅନୁମତି ଦେଇଥାଏ। ଆଇପ୍ରୁ ଏଜ୍ ରିଅଲ-ଟାଇମ କେୱାଇସି ପ୍ରମାଣୀକରଣକୁ ସୁଗମ କରିଥାଏ ଏବଂ ଓସିଆର୍ ଟେକ୍ନୋଲୋଜି ଗ୍ରାହକଙ୍କୁ ଏକ ପେପର୍‌ଲେସ୍ କ୍ରୟ ଅନୁଭୂତି ପ୍ରଦାନ କରିଥାଏ। ଏହା ଛୋଟ ସହର ଓ ଗ୍ରାମଗୁଡିକରେ ବାସ କରୁଥିବା ଏଜେଂଟମାନଙ୍କ ପାଇଁ ଖୁବ୍ ଉପଯୋଗୀ ଅଟେ। ୨୦୨୫ ଆର୍ଥିକ ବର୍ଷର ପ୍ରଥମ ଅର୍ଦ୍ଧଭାଗରେ ଏହାର ଏଜେନ୍ସି ଚ୍ୟାନେଲରୁ ଗ୍ରହଣ କରିଥିବା ଖୁଚୁରା ପ୍ରିମିୟମ କ୍ଷେତ୍ରରେ ବାର୍ଷିକ ଆଧାରରେ ୪୯% ବୃଦ୍ଧି ରେକର୍ଡ କରିଛି, ଏହା ଆପ୍ ଦ୍ୱାରା ପ୍ରଦାନ କରାଯାଉଥିବା ସୁବିଧାକୁ ପ୍ରଦର୍ଶିତ କରୁଛି। ଏସମ୍ପର୍କରେ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍ସୁରାନ୍ସର ସେଲ୍‌ଫସ, ପ୍ରୋପ୍ରିଏଟାରୀ ଚ୍ୟାନେଲ ବିଭାଗର ମୁଖ୍ୟ ରାଜୀବ ଅରୋରା କହିଛନ୍ତି, "ଆମର ମୋବାଇଲ ଆପ୍ ଆଇପ୍ରୁ ଏଜ୍ ଆମର ଏଜେଂଟ୍‌ମାନଙ୍କୁ ନିଜର ବ୍ୟବସାୟ ବୃଦ୍ଧି କରିବା ପାଇଁ ସକ୍ଷମ କରୁଛି। ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ୬ ମାସରେ ସେମାନଙ୍କ ଉତ୍ପାଦକତାରେ ଆମେ ପରିଲକ୍ଷିତ କରିଥିବା ୩୭% ବୃଦ୍ଧିରୁ ଏହା ପ୍ରମାଣିତ ହୋଇଛି। ଏହାବ୍ୟତୀତ ଏହି ମୋବାଇଲ ଆପ୍‌କୁ ବ୍ୟବହାର କରୁଥିବା ୯୮.୧% ପରାମର୍ଶଦାତାଙ୍କୁ ସମାନ ଦିନରେ କମିଶନ ପଇଠ କରାଯାଉଛି। ଏଭଳି ପଦକ୍ଷେପଗୁଡିକ ଆମକୁ ଦେଶର ସର୍ବାଧିକ ପରାମର୍ଶଦାତା ଅନୁକୂଳ ଜୀବନ ବୀମା ପ୍ରଦାନକାରୀ ସଂସ୍ଥାରେ ପରିଣତ ହେବା ପାଇଁ ସକ୍ଷମ କରିଛି।



## ବଦଳିଲା ସୁନା ଦର

**ନୂଆଦିଲ୍ଲୀ, ୭।୧୨:** ଆଜି ଭାରତୀୟ ବଜାରରେ ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପ୍ରତି ୭୧ ହଜାର ୧୫୦ ଟଙ୍କା ହୋଇଥିବା ବେଳେ ୨୪ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ୭୭ ହଜାର ୬୨୦ ଟଙ୍କା ରହିଛି। ସେହିପରି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦର ୭୧,୧୫୦ ଟଙ୍କାରେ ପହଞ୍ଚିଥିବା ବେଳେ ୨୪ କ୍ୟାରେଟ୍ ସୁନା ଦର ୭୭ ,୬୨୦ ଟଙ୍କା ହୋଇଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୭୧,୧୫୦ ଟଙ୍କା ଓ ୭୭ ,୬୨୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୭୧,୩୦୦ ଟଙ୍କା ଓ ୭୭ ,୭୭୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୧, ୧୫୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୭୭,୬୨୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୭୧,୧୫୦ ଟଙ୍କା ଓ ୭୭,୭୭୦ ଟଙ୍କା ରହିଛି।

# ଶକ୍ତିକାନ୍ତଙ୍କ ତିନି ଚିନ୍ତା: ବିକାଶ, ଦରଦାମ୍, ଟଙ୍କା



ମୁମ୍ବାଇ: ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ତାଙ୍କ ଦ୍ୱିତୀୟ ପାଳି କାର୍ଯ୍ୟକାଳର ଶେଷ ମୁଦ୍ରାନୀତି ସମୀକ୍ଷାରେ ସାହସିକ ପଦକ୍ଷେପ ଗ୍ରହଣ କରିଛନ୍ତି। ସରକାରଙ୍କ ଚାପ ଆଗରେ ମୁଣ୍ଡ ନ ନୁଆଁଇ ଦରଦାମ୍ ନିୟନ୍ତ୍ରଣକୁ ଦେଇଛନ୍ତି ପ୍ରାଥମିକତା। ତାଙ୍କ କାର୍ଯ୍ୟକାଳ ୧୦ ତାରିଖରେ ଶେଷ ହେଉଥିବା ବେଳେ ତୃତୀୟ ସୁଯୋଗ ନିଷ୍ପତ୍ତିକୁ ସରକାର ଝୁଲାଇ ରଖିଛନ୍ତି। ଏହା ସତ୍ତ୍ୱେ ଶକ୍ତିକାନ୍ତ ସୁଧ ନ ବଦଳାଇବା ଭଳି ନିଷ୍ପତ୍ତି ନେଇଛନ୍ତି। ଲଗାତାର ଏକାଦଶ ଥର ପାଇଁ ୬.୫ ପ୍ରତିଶତରେ ରେପୋ ହାରକୁ ଅପରିବର୍ତ୍ତିତ ରଖିଛନ୍ତି। ମୁଦ୍ରାନୀତି ରିପୋର୍ଟକୁ ନିରେଖି ଦେଖିଲେ ଶକ୍ତିକାନ୍ତ ତିନିଟି ବିଷୟକୁ ପ୍ରାଥମିକତା ଦେଇଥିବା ଜଣାପଡୁଛି। ତାହା ହେଉଛି ଦରଦାମ୍ ନିୟନ୍ତ୍ରଣ, ଦେଶର ବିକାଶ ଓ ଦୁର୍ବଳ ଟଙ୍କା।

ଦରଦାମ୍ ନିୟନ୍ତ୍ରଣ ଲାଗି ସେ ରେପୋ ହାରକୁ ୬.୫ ପ୍ରତିଶତରେ ଅପରିବର୍ତ୍ତିତ ରଖିଛନ୍ତି। ସେଥିପାଇଁ ଋଣ ନେଇଥିବା କିମ୍ବା ନୂଆ ଋଣ ନେବାକୁ ଚାହୁଁଥିବା ଗ୍ରାହକମାନଙ୍କୁ କୌଣସି ପ୍ରକାର ଆଶ୍ୱସ୍ତି ମିଳିବ ନାହିଁ। ସେମାନଙ୍କ ମାସିକିଆ କିସ୍ତି ବା ଇଏମ୍‌ଆଇ କମିବନି। କିନ୍ତୁ ମିଆଦୀ ଜମା (ଏଫ୍‌ଡି) ଉପରେ ଭଲ ସୁଧ ମିଳିବ। ତେବେ ବଜାରରେ ଦେଖାଦେଇଥିବା ନଗଦ ରାଶିର ଅଭାବକୁ ଦୂର କରିବା ଲାଗି ନଗଦ ଜମା ଅନୁପାତ (ସିଆର୍‌ଆର୍)କୁ ୪ ପ୍ରତିଶତକୁ ହ୍ରାସ କରାଯାଇଛି। ତାହାର ପ୍ରଭାବରେ ବ୍ୟାଙ୍କଗୁଡ଼ିକ ହାତରେ ୧.୧୬ ଲକ୍ଷ କୋଟି ଟଙ୍କା ପହଞ୍ଚିବ। ସେହି ଟଙ୍କାକୁ ସେମାନେ ଦେଶର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାରେ ଉପଯୋଗ କରିପାରିବେ। ଏଥି ସହିତ ୟୁପିଆଇ ଜରିଆରେ ପ୍ରାକ୍ ମଞ୍ଜୁର ଋଣ ପ୍ରଦାନ କରିବା ଲାଗି ସ୍ମଲ ଫାଇନାନ୍ସ ବ୍ୟାଙ୍କଗୁଡ଼ିକୁ ଅନୁମତି ପ୍ରଦାନ କରାଯାଇଛି।

ଡଲାର ତୁଳନାରେ ଦିନକୁ ଦିନ ଦୁର୍ବଳ ହୋଇପଡୁଥିବା ଟଙ୍କାକୁ ଆହୁରି ସବଳ କରିବା ଲାଗି ଶକ୍ତିକାନ୍ତ ପଦକ୍ଷେପ ନେଇଛନ୍ତି। ଦେଶକୁ ଯେଭଳି ଅଧିକ ବିଦେଶୀ ମୁଦ୍ରା ଆସିବ ସେଥିପାଇଁ ପ୍ରବାସୀଙ୍କ ଲାଗି ବୈଦେଶିକ ମୁଦ୍ରା ଜମା ଉପରେ ସୁଧ ହାରକୁ ବୃଦ୍ଧି କରାଯାଇଛି। ତେବେ ଏହି ସୁବିଧା କେବଳ ଆସନ୍ତା ବର୍ଷ ମାର୍ଚ୍ଚ ପର୍ଯ୍ୟନ୍ତ ଉପଲବ୍ଧ ହେବ। ଅଧିକ ବିଦେଶୀ ମୁଦ୍ରା ଆସିଲେ ଡଲାର ତୁଳନାରେ ୮୫ ଟଙ୍କା ସ୍ତର ଆଡ଼କୁ ଖସିଯାଉଥିବା ଟଙ୍କା ପୁଣି ସବଳ ହୋଇପାରିବ ବୋଲି ଆଶା କରାଯାଉଛି। ଦରଦାମ୍ ବିରୋଧ ଲଢ଼େଇରେ ପଛଘୁଞ୍ଚା ଦେବାର କୌଣସି ଯୋଜନା ନ ଥିବା ଆଭିମୁଖ୍ୟକୁ ଶକ୍ତିକାନ୍ତ ସ୍ପଷ୍ଟ କରିଛନ୍ତି। ଆର୍ଥିକ ବର୍ଷ ସାରା ଦରଦାମ୍ ଚିନ୍ତା ଲାଗି ରହିବ ବୋଲି ସେ ସଙ୍କେତ ଦେଇଛନ୍ତି। ଖୁଚୁରା ମୁଦ୍ରାସ୍ଫୀତି ହାର ୪ ପ୍ରତିଶତରେ ରହିବ ବୋଲି ପୂର୍ବରୁ ଯେଉଁ ପୂର୍ବାନୁମାନ କରାଯାଇଥିଲା ତାହାକୁ ବଢ଼ାଇ ୪.୮ ପ୍ରତିଶତ କରାଯାଇଛି। ସେହିପରି, ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧିର ପୂର୍ବାନୁମାନକୁ ମଧ୍ୟ ରିଜର୍ଭ ବ୍ୟାଙ୍କ ବଦଳାଇଛି। ପୂର୍ବରୁ ୭.୨ ପ୍ରତିଶତ ହାରରେ ଦେଶର ବିକାଶ ହେବ ବୋଲି କହିଥିବା ରିଜର୍ଭ ବ୍ୟାଙ୍କ ନିଜ ମତ ବଦଳାଇ ତାହା ୬.୮ ପ୍ରତିଶତକୁ ଖସିଆସିବ ବୋଲି କହିଛି। ମୁଦ୍ରାନୀତି ସମୀକ୍ଷା ବିଷୟରେ ଜଣାଇବା ବେଳେ ଶକ୍ତିକାନ୍ତଙ୍କୁ ତାଙ୍କ କାର୍ଯ୍ୟକାଳ ବଢ଼ିବ ନାହିଁ ପ୍ରଶ୍ନ କରାଯାଇଥିଲା। ତାହାର ଉତ୍ତରରେ ସେ କିଛି କହିନଥିଲେ। ଖାଲି ଏତିକି କହିଥିଲେ ଯେ ମୁଁ ଆପଣମାନଙ୍କୁ କୌଣସି ଶିରୋନାମା ଦେବାକୁ ଚାହୁଁନାହିଁ।

# ୬ଇ ଟ୍ରେଡ୍‌ମାର୍କ କାହାର




ନୂଆଦିଲ୍ଲୀ,୭।୧୨:ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା (ମହିନ୍ଦ୍ରା) ଏବଂ ଇଣ୍ଟରଗ୍ଲୋବ୍ ଆଭିଏଶନ (ଇଣ୍ଡିଗୋ ଏୟାରଲାଇନ୍ସ) ମଧ୍ୟରେ ତିକ୍ତତା ବୃଦ୍ଧିପାଇଛି। ନିକଟରେ ମହିନ୍ଦ୍ରା ଅଟୋର ଇଲେକ୍ଟ୍ରି ଭେହିକଲ (ଇଭି) ମଡେଲ 'ବିଇ ୬ଇ' କୁ ନେଇ ଟ୍ରେଡ୍‌ମାର୍କ ବିବାଦ ଦେଖାଦେଇଛି। ଗୋଟିଏପଟରେ ମହିନ୍ଦ୍ରା '୬ଇ' ଟ୍ରେଡ୍‌ମାର୍କକୁ ନେଇ ଦୃଢ ଭାବେ ଦାବି କରୁଥିବାବେଳେ ଅପରପକ୍ଷରେ ଇଣ୍ଡିଗୋ ମଧ୍ୟ ଏହି ଟ୍ରେଡ୍‌ମାର୍କକୁ ନିଜ ବ୍ରାଣ୍ଡିଂ ଡିଜାଇନ ବୋଲି ଯୁକ୍ତି ବାଢିଛି। ଏ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତି ଓ ତିକ୍ତତା ବଢୁଥିବାବେଳେ '୬ଇ' ଟ୍ରେଡ୍‌ମାର୍କ କାହାର ବୋଲି ଏକ ଆପୋସ ସମାଧାନ ଦାବି (ଆମକେବୁଲ ସଲ୍ୟୁଶନ)ଉଭୟଙ୍କ ପକ୍ଷରୁ କରାଯାଉଛି। ସେହିଭଳି ମହିନ୍ଦ୍ରା ଇଭି ମଡେଲ ବିଇ୬ଇର ଡିଜାଇନ ସମ୍ପୂର୍ଣ୍ଣ ଭାବେ ଇଣ୍ଡିଗୋର '୬ଇ' ଡିଜାଇନଠାରୁ ଭିନ୍ନ ରହିଛି। ଏ ନେଇ କମ୍ପାନୀ ମନରେ ଯଦି କୌଣସି ଦ୍ୱନ୍ଦ୍ୱ ଓ ସନ୍ଦେହ ରହିଛି, ତା'ହେଲେ ସେମାନେ ତୃତୀୟ ପକ୍ଷର ଆଶ୍ରୟ ନେଇପାରିବେ। ଏପରିକି ଆମର କୌଣସି ପ୍ରକାର ଅଭିଯୋଗ କିମ୍ବା ବ୍ରାଣ୍ଡର ମୂଲ୍ୟବୋଧକୁ ହ୍ରାସ କରିବାର ଉଦ୍ଦେଶ୍ୟ ନାହିଁ। ସେହିପରି ଇଣ୍ଡିଗୋର କହିବା ଅନୁଯାୟୀ ଦୀର୍ଘ ୧୬ ବର୍ଷ ତଳେ ଆମେ ଏହି ବ୍ରାଣ୍ଡ ଡିଜାଇନ '୬ଇ'କୁ ବାଣିଜ୍ୟକ ପଞ୍ଜୀକରଣ ସହ ବୈଶ୍ୱିକ ସ୍ୱୀକୃତି ମଧ୍ୟ ହାସଲ କରିଛୁ। ଦୀର୍ଘ ବର୍ଷ ହେବ ଏହି ଡିଜାଇନରେ ଆମେ ସେବା ଯୋଗାଇ ଆସିଛୁ। ଆମେ ଏହି ଡିଜାଇନ ସହ ଉଭୟ ସେବା ଓ ଯାତ୍ରୀଙ୍କ ବିଶ୍ୱାସଭାଜନ ହୋଇପାରିଛୁ।

# ନୂଆ ପାନ କାର୍ଡରେ ଆଧାର ଲିଙ୍କ୍ କରିବା ଜରୁରୀ




ନୂଆଦିଲ୍ଲୀ,୭।୧୨: ପ୍ୟାନ ୨.୦ ଆସିବା ପରେ ପ୍ୟାନ କୁ ଆଧାର ସହିତ ଲିଙ୍କ କରିବା ଆବଶ୍ୟକ କି? ଏହାକୁ ନେଇ ପୁଣି ଦ୍ୱନ୍ଦ୍ୱ ଦେଖାଦେଇଛି। ନୂଆ ପାନ କାର୍ଡକୁ ପୁରୁଣା ପାନ କାର୍ଡ ଭଳି ଆଧାର ସହ ଲିଙ୍କ କରିବାକୁ ପଡ଼ିବ କି? ଆସନ୍ତୁ ଜାଣିବା । କହିରଖୁଛୁ କି, ପାନ ୨.୦ ପରେ ମଧ୍ୟ, ପାନକୁ ଆଧାର ସହିତ ଲିଙ୍କ କରିବା ଆବଶ୍ୟକ। ଆପଣଙ୍କୁ ଜଣାଇଦେଉଛୁ ଯେ, ଆୟକର ବିଭାଗ ପାନ କାର୍ଡକୁ ଆଧାର ସହିତ ଲିଙ୍କ କରିବା ବାଧ୍ୟତାମୂଳକ କରିଛି। ଯଦି ଆପଣ ପାନ କାର୍ଡକୁ ଆଧାର ସହିତ ଲିଙ୍କ କରନ୍ତି ନାହିଁ, ତେବେ ପାନ କାର୍ଡ ନିଷ୍କ୍ରିୟ ହୋଇଯିବ । ଯଦି ଆପଣଙ୍କର ପାନ କାର୍ଡ କାର୍ଯ୍ୟକ୍ଷମ ନୁହେଁ ତେବେ ଆୟକର ରିଟର୍ଣ୍ଣ ଦାଖଲ ହୋଇପାରିବ ନାହିଁ । ଟିକସ ଫେରସ୍ତ ହୋଇପାରିବ ନାହିଁ ଏବଂ ଆର୍ଥିକ ସେବା ମଧ୍ୟ ଉପଲବ୍ଧ ନାହିଁ । ନୂଆ ପାନ କାର୍ଡ ଆବେଦନକାରୀଙ୍କ ପାଇଁ ଆଧାର ପାନ ଲିଙ୍କ ସ୍ୱୟଂଚାଳିତ ଭାବରେ ହୋଇଥାଏ । ଆଧାର ସହିତ ପ୍ୟାନ କୁ ଲିଙ୍କ କରିବାକୁ ଚାହୁଁଥିଲେ ଆପଣ ପ୍ରଥମେ ୟୁଆଇଡି ପ୍ୟାନ ଲେଖିବାକୁ ପଡିବ, ଆପଣଙ୍କର ଆଧାର ନମ୍ବର ଏବଂ ପ୍ୟାନ ନମ୍ବର ପ୍ରବେଶ କରନ୍ତୁ ଏବଂ ୫୬୭୬୭୮ କିମ୍ବା ୫୬୧୬୧କୁ SMS ପଠାନ୍ତୁ। ନାମ, ଜନ୍ମ ତାରିଖ, ଏବଂ ଲିଙ୍ଗ ପରି ସୂଚନା ପାନ ଏବଂ ଆଧାର କାର୍ଡରେ ମେଳ ହେବା ଉଚିତ। ଯଦି ପାନ ଏବଂ ଆଧାର କାର୍ଡ ମଧ୍ୟରେ ସୂଚନାରେ ପାର୍ଥକ୍ୟ ଅଛି, ତେବେ ଉଭୟ ଡକ୍ୟୁମେଣ୍ଟରେ ଥିବା ତଥ୍ୟ ସମାନ ହେବା ଆବଶ୍ୟକ। ପ୍ରତି ୧୦ ବର୍ଷରେ ଆଧାର କାର୍ଡର ବାୟୋମେଟ୍ରିକ ଅପଡେଟ କରିବା ଉଚିତ କିନ୍ତୁ ପ୍ୟାନ ୨.୦ ଅପଡେଟ କରିବାର କୌଣସି ଆବଶ୍ୟକତା ନାହିଁ । ନୂଆ ପାନ କାର୍ଡରେ QR କୋଡ ରହିବ, ଯାହା ପ୍ୟାନ ଯାଞ୍ଚକୁ ସହଜ କରିବ । ଏହା ସହିତ, ପାନ ୨.୦ ରେ ଏପରି ଅନେକ ବୈଶିଷ୍ଟ୍ୟ ରହିବ ଯାହା ଆର୍ଥିକ ଠକେଇକୁ ରୋକିବାରେ ସହାୟକ ହେବ। ଯଦି ଆପଣଙ୍କର ପାନ କାର୍ଡ ତିଆରି ହୋଇଛି, ତେବେ ପୁନର୍ବାର ପାନ କାର୍ଡ ତିଆରି କରିବାର କେଣସି ଆବଶ୍ୟକତା ନାହିଁ । ଏହି ପୁରୁଣା ପାନ କାର୍ଡ ବୈଧ ରହିବ। ନୂଆ ପ୍ୟାନ ୨.୦ ପୁରୁଣା ପ୍ୟାନ ର ଏକ ଅପଗ୍ରେଡ ସଂସ୍କରଣ ହେବ । ଲୋକମାନେ ସେମାନଙ୍କର ପ୍ୟାନ ନମ୍ବର ପରିବର୍ତ୍ତନ କରିବା ଦରକାର ନାହିଁ ।

# ୨୦୨୫ରେ ୧,୦୦,୦୦୦ ପଏଣ୍ଟ ଟପିବ ସେନ୍‌ସେକ୍ସ



ନୂଆଦିଲ୍ଲୀ: ୨୦୨୪ ମସିହାରେ ସେନ୍‌ସେକ୍ସ ୮୬,୦୦୦ ଅଙ୍କରେ ପହଞ୍ଚିବା ପରେ ୨୦୨୫ରେ ୧ ଲକ୍ଷ ପଏଣ୍ଟ ଟପିପାରେ। ମୋର୍ଗାନ ଷ୍ଟାନଲି ପକ୍ଷରୁ ଏହି ଆକଳନ କରାଯାଇଛି। ମୋର୍ଗାନ ଷ୍ଟାନଲି ଅନୁସାରେ ସେନ୍‌ସେକ୍ସ ୧ ଲକ୍ଷ ସ୍ତର ପାର କରିପାରେ। ତେବେ ଏହା ସେତେବେଳେ ସମ୍ଭବ ହୋଇପାରିବ, ଯେତେବେଳେ ବଜାରରେ ଏହି ଉତ୍ସାହ ଜାରି ରହିବ। ଅନ୍ୟପଟେ ବେସ୍ କ୍ୟାସ୍‌ରେ ୨୦୨୫ ଡିସେମ୍ବର ସୁଦ୍ଧା ସେନସେକ୍ସ ୯୩ ହଜାର ଅଙ୍କ ସ୍ତରରେ ପହଞ୍ଚିବ। ଉଲ୍ଲେଖଯୋଗ୍ୟ ଯେ ୨୦୨୪ ଡିସେମ୍ବର ୬ରେ ସେନସେକ୍ସ ୮୧,୭୦୦ ଅଙ୍କ ଉପରେ ରହିଛି। ଦ' ଇକୋନମିକ ଟାଇମ୍ସର ଏକ ରିପୋର୍ଟ ଅନୁସାରେ ମୋର୍ଗାନ ଷ୍ଟାନଲି କହିଛି ଯେ ୨୦୨୫ରେ ଭାରତର ସେୟାର ବଜାର ଚମତ୍କାର ପ୍ରଦର୍ଶନ କରିବ। ଗ୍ଲୋବାଲ୍ ବ୍ରୋକ୍‌ରେଜ ଫାର୍ମର ଅନୁମାନ ଅନୁସାରେ ମଜଭୁତ ଆୟ ବୃଦ୍ଧି, ବ୍ୟାପକ ଆର୍ଥିକ ସ୍ଥିରତା ଏବଂ ମଜଭୁତ ଘରୋଇ ପୁଞ୍ଜି ପ୍ରବାହ ଦ୍ୱାରା ସମର୍ଥିତ ଗତି ଯୋଗୁଁ ବିଏସ୍‌ଇ ସେନସେକ୍ସ ୧,୦୫,୦୦୦ ସ୍ତର ପାର କରିପାରେ। ମୋର୍ଗାନ ଷ୍ଟାନଲି ୨୦୨୫ ଡିସେମ୍ବର ସୁଦ୍ଧା ସେନସେକ୍ସ ୧,୦୫,୦୦୦ ସ୍ତର ପହଞ୍ଚିବାର ୩୦ ପ୍ରତିଶତ ସମ୍ଭାବନା ଥିବା ଭବିଷ୍ୟତବାଣୀ ରହିଛି। ଏହାର ବେସ୍ ଆଉଟ୍‌ଲୁକ୍ ୯୩,୦୦୦ ଲକ୍ଷ୍ୟ ନିର୍ଦ୍ଧାରିତ ରହିଛି, ଯାହା ବର୍ତ୍ତମାନ ସ୍ତରଠାରୁ ୧୪ ପ୍ରତିଶତ ଅଧିକ ରହିଛି। ମୋର୍ଗାନ ଷ୍ଟାନଲି ରିପୋର୍ଟ ଅନୁସାରେ ଭାରତ ନିଜର ରାଜକୋଷୀୟ ଅନୁଶାସନ ବଜାୟ ରଖିବ। ମୋର୍ଗାନ୍ ଷ୍ଟାନଲି ଆଉଟ୍‌ଲୁକ୍ ଏହା ମଧ୍ୟ କହିଛି ଯେ ଭାରତ ବ୍ୟାପକ ଆର୍ଥିକ ସ୍ଥିରତା ବଜାୟ ରଖିବ, ଯାହା ନିବେଶକଙ୍କ ବିଶ୍ୱାସକୁ ବଢାଇବ।

## ମା' ମଙ୍ଗଳାଙ୍କ ଘୋଡଲାଗି ବେଶ



**କାକଟପୁର/ଅସ୍ତରଙ୍ଗ,୭।୧୨(ସଂଚାର ବ୍ୟୁରୋ):** ମାର୍ଗଶିର ଶୁକ୍ଳପକ୍ଷ ଷଷ୍ଠୀ ତିଥିରେ ପୁରୀ ଜିଲ୍ଲା କାକଟପୁର ଅଧିଷ୍ଠାତ୍ରୀ ଦେବୀ ଜଗତଜନନୀ ମା ମଙ୍ଗଳା ମନ୍ଦିରରେ ବିଳମ୍ବିତ ରାତ୍ରରେ ଓଢଣ ଷଷ୍ଠୀ ତିଥିରେ ଘୋଡ ଲାଗି ନୀତି ଅନୁଷ୍ଠିତ ହୋଇଯାଇଛି। ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଶୀତ ବସ୍ତ୍ର ପରିଧାନ କରନ୍ତି ମା ମଙ୍ଗଳା। ଏଥିପାଇଁ ପାରମ୍ପରିକ ସେବାୟତ ମାନେ ମା ମଙ୍ଗଳାଙ୍କ ଏହି ଘୋଡ ବା ଶୀତବସ୍ତ୍ର ବେଶ ନିଷ୍ଠାର ସହ ପ୍ରସ୍ତୁତ କରିଥାନ୍ତି। ମନ୍ଦିର ସେବାୟତ ତାପସ କୁମାର ଦୀକ୍ଷିତି କହିଛନ୍ତି ପ୍ରବଳ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଶୀତବସ୍ତ୍ର ପରିଧାନ କରିବେ ଜଗତ ଜନନୀ ମା ମଙ୍ଗଳା। ଓଢଣ ଷଷ୍ଠୀ ଅବସରରେ ମା ମଙ୍ଗଳାଙ୍କ ସକାଳ ଧୂପ, ମଇଲମ, ଅବକାଶ ନୀତି ସହ ବିଭିନ୍ନ ନୀତିକାନ୍ତି ସମ୍ପର୍ଣ୍ଣ ପରେ ରାତ୍ରଧୂପ ସରିବା ପରେ ଘୋଡ ଲାଗିବେଶ ଅନୁଷ୍ଠିତ ହୁଏ। ଏହା ସହ ମନ୍ଦିର ଭିତରେ ଥିବା ବିଭିନ୍ନ ପାଶ୍ୱର୍ଵ ଦେବାଦେବୀ ମଧ୍ୟ ଶୀତ ବସ୍ତ୍ର ପରିଧାନ କରିଥାନ୍ତି।ମା ମଙ୍ଗଳା ଙ୍କ ମନ୍ଦିରରେ ଏହି ବେଶ ଓଢଣଷଷ୍ଠୀ ଠାରୁ ଶ୍ରୀ ପଞ୍ଚମୀ ପର୍ଯ୍ୟନ୍ତ ଅନୁଷ୍ଠିତ ହୁଏ।

## ମଧ୍ୟାହ୍ନ ଭୋଜନ ଖାଇ ୯୦ ଛାତ୍ରଛାତ୍ରୀ ଅସୁସ୍ଥ




**ଟିଟିଲାଗଡ଼,୭।୧୨(ସଂଚାର ବ୍ୟୁରୋ):** ସ୍କୁଲରେ ମଧ୍ୟାହ୍ନ ଭୋଜନ ଖାଇବା ପରେ ଆଜି ୯୦ରୁ ଅଧିକ ଛାତ୍ରଛାତ୍ରୀ ଅସୁସ୍ଥ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଅନେକ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ରାଜ୍ୟର ଦୁଇଟି ଭିନ୍ନ ଭିନ୍ନ ସ୍ଥାନରେ ଘଟିଛି ଏହି ଘଟଣା। ଗୋଟିଏ କନ୍ଧମାଳ ଓ ଅନ୍ୟଟି ବଲାଙ୍ଗିର ଜିଲ୍ଲାରେ ଘଟିଛି। ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଡେଙ୍ଗପଦର ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଖାଇବା ପରେ ୬୮ ଜଣ ଛାତ୍ରଛାତ୍ରୀ ଅସୁସ୍ଥ ହୋଇଯାଇଛନ୍ତି। ଅସୁସ୍ଥ ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ କିଛି ଟିଟିଲାଗଡ଼ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଅନ୍ୟମାନଙ୍କ ଚିକିତ୍ସା ପାଇଁ ଗାଁରେ ଏକ ଡାକ୍ତରୀ ଟିମ୍ ଉପସ୍ଥିତ ରହିଛି। ଏହି ଘଟଣାକୁ ନେଇ ଗାଁରେ ସାମାନ୍ୟ ଉତ୍ତେଜନା ପ୍ରକାଶ ପାଇଛି। ପୁଲିସ ଗାଁରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଛି। ମୁରିବାହାଲ ତହସିଲଦାର ଓ ଶିକ୍ଷା ଅଧିକାରୀ ମଧ୍ୟ ଗାଁରେ ଉପସ୍ଥିତ ଅଛନ୍ତି। ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କଲା ବେଳେ ଲୁଣ ବଦଳରେ ଡିଟରଜେଣ୍ଟ ପକାଇ ଦିଆଯାଇଥିବାରୁ ଛାତ୍ରଛାତ୍ରୀମାନେ ଅସୁସ୍ଥ ହୋଇପଡ଼ିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ସୂଚନା ମିଳିଛି। ସେହିପରି କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ ସିମନବାଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଜି ଛାତ୍ରଛାତ୍ରୀମାନଙ୍କୁ ମଧ୍ୟାହ୍ନ ଭୋଜନରେ ଭାତ ଓ ଅଣ୍ଡା ତରକାରି ଦିଆଯାଇଥିଲା। ଏହାକୁ ଖାଇବା ପରେ ୨୦ରୁ ଅଧିକ ଛାତ୍ରଛାତ୍ରୀ ଅସୁସ୍ଥ ହୋଇପଡ଼ିଥିଲେ। ସମସ୍ତଙ୍କର ପେଟ ବ୍ୟଥା ହେବା ସହିତ ବାନ୍ତି ହୋଇଥିଲା। ସେମାନଙ୍କୁ ସଙ୍ଗେ ସଙ୍ଗେ ସିମନବାଡ଼ି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଫୁଡ୍ ପଏଜନ ଯୋଗୁ ଏଭଳି ହୋଇଥିବା ଡାକ୍ତର କହିଛନ୍ତି।

## ଟ୍ୱିଟ୍ ପରେ ମରାମତି ହେଲା ବିପଦପୂର୍ଣ୍ଣ ଲାଇନ




**ସୋନପୁର,୭।୧୨(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାର ଉଲୁଣ୍ଡା ବ୍ଲକର ବାଘଲ ପୁର ଛକ ଠାରୁ ରକ୍ସା ପୁଲି ଛକ ଦେଇ ଯାଇଥିବା ବିଦ୍ୟୁତ ଲାଇନ ତାର ବିପଦ ପୂର୍ଣ୍ଣ ଥିଲା ସୂଚନା ଯୋଗ୍ୟ ଲକ୍ସା ଛକ ଉପର ଦେଇ ଯାଇଥିବା ବିଦ୍ୟୁତ ତାର ଲାଇନ ଖୋମା ବଦଳରେ ପାଖରେ ଥିବା ଥିବା ଗଛ ଉପରେ ସଂଯୋକ କରି ତାର ଯାଇ ଥିଲା ଯାହା ଲୋକଙ୍କ ପାଇଁ ବିପଦ ପୂର୍ଣ୍ଣ ଥିବାରୁ ସୋନପୁର ର ଚାଷୀ ନେତ୍ରୀ ସୋନାଲି ବିଶି ବିଭାଗୀୟ ଅଧିକାରୀଙ୍କୁ ଟ୍ୱିଟ ଯୋଗେ ଅଭିଯୋଗ କରି ସମସ୍ୟାର ସମାଧାନ ପାଇଁ ଅନୁରୋଧ କରିଥିଲେ ଟ୍ୱିଟ ପରେ ବିଦ୍ୟୁତ ବିଭାଗ ପକ୍ଷରୁ କାର୍ଯ୍ୟ ହୋଇ ଗଛ ରୁ ତାର ହଟେଇ ନୂତନ ଲାଇନ ଖୋମା ସଂଯୋଗ କରି ଥିଲେ ଯାହା ସୋନାଲି ବିଶିଙ୍କ ଉଦ୍ୟମ କୁ ଅଂଚଳ ତରଫରୁ ପ୍ରଶଂସା କରାଯାଇଛି ।

## ଚେରମୂଳି ଔଷଧରେ ନିଶା ମିଶାଇ ଦୁଷ୍କର୍ମ କଲେ ବାବା

**ରେଢାଖୋଲ,୭।୧୨(ସଂଚାର ବ୍ୟୁରୋ):** ବାବାଙ୍କ ନାଁରେ କଳଙ୍କ। ଚେରମୂଳି ଔଷଧରେ ନିଶା ମିଶାଇ ମହିଳାଙ୍କୁ ଦୁଷ୍କର୍ମ ଅଭିଯୋଗ। ଏପରି ଅଭିଯୋଗ ସମ୍ବଲପୁର ଜିଲ୍ଲା ରେଢାଖୋଲ ଥାନା ଅଞ୍ଚଳରେ ଥିବା ଆଶ୍ରମରୁ ଆସିଛି। ଏନେଇ ଅଭିଯୋଗ ପରେ ପୁଲିସ୍ ପ୍ରଫୁଲ୍ଲ ବାବାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରଫୁଲ୍ଲ ବାବାଙ୍କ ପ୍ରକୃତ ନାଁ ହେଉଛି ପ୍ରଫୁଲ୍ଲ ମହଲା। ତାଙ୍କ ଘର ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଭାଲିଆପଦର ଗାଁର। ୨୦୦୭ ମସିହାରେ ସେ ଘରଦ୍ୱାର ଛାଡ଼ି ବାବା ହୋଇଥିଲେ। ଚାରିଆଡେ ବୁଲୁଥିଲେ। ତେବେ ଗତ ୮ ମାସ ହେଲା ସେ ରେଢାଖୋଲ ଥାନା ବୈଷ୍ଣବଝୁଲୀ ଗାଁରେ ଥିବା ଏକ ଆଶ୍ରମ ରହୁଥିଲେ। ବିଜ୍ଞାନ ଯୁଗରେ ସିଏ କୁଆଡେ ଚେର ମୂଳି ଔଷଧ ଦେଇ ଅସୁସ୍ଥଙ୍କୁ ସୁସ୍ଥ କରିଦେଉଥିଲେ। ତେଣୁ ତାଙ୍କ ପାଖରେ ପ୍ରତିଦିନ ବହୁ ଲୋକଙ୍କ ଭିଡ ଜମୁଥିଲା। ବିଶେଷ କରି ମହିଳାଙ୍କ ଭିଡ ବେଶୀ ହେଉଥିଲା। ବାବାଙ୍କର ସେମିତିକା ଜଣେ ରୋଗୀ ହେଉଛନ୍ତି ଚାରମାଳ ଥାନା ଅଞ୍ଚଳର ଜଣେ ମହିଳା। ବାବାଙ୍କ ଡାକରା ପାଇ ମହିଳା ଜଣକ ଆଶ୍ରମରେ ପହଞ୍ଚିଥିଲେ। ମେଡିସିନ୍ ଦେବେ ବାହାନାରେ ବାବା ତାଙ୍କୁ ନିଶା ଔଷଧ ପିଇବାକୁ ଦେଇଥିବା ଅଭିଯୋଗ ହୋଇଥିଲା। ମହିଳା ଜଣକ ଅଜାଣତରେ ପିଇ ଦେଇଥିଲେ। ଯେଉଁଥିପାଇଁ ମହିଳା ଜଣକ ସଜ୍ଞା ହରାଇଥିଲେ। ତା'ପରେ ବାବା ତାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ପରବର୍ତ୍ତୀ ସମୟରେ ମହିଳାଙ୍କୁ ମେଡିକାଲ୍‌ରେ ଭର୍ତ୍ତି କରାଯାଇଥିଲା। ଏବେ ସେ ମେଡ଼ିକାଲ୍‌ରେ ଚିକିତ୍ସାଧୀନ ଅଛନ୍ତି। ପୀଡିତା ଏନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୀଡ଼ିତାଙ୍କ ବୟାନ୍ ଆଧାରରେ ପୁଲିସ୍ ମାମଲା ରୁଜୁ କରି ଅଭିଯୁକ୍ତ ବାବାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେପଟେ ଅଭିଯୋଗକୁ ଖଣ୍ଡନ କରିଛନ୍ତି ବାବା।



## ବାଂଲାଦେଶରେ ହିନ୍ଦୁଙ୍କ ଉପରେ ଅତ୍ୟାଚାର ବିରୁଦ୍ଧରେ ବିଶାଳ ଶୋଭାଯାତ୍ରା



**ସୁବର୍ଣ୍ଣପୁର,୭।୧୨(ସଂଚାର ବ୍ୟୁରୋ):** ବାଂଲାଦେଶ ରେ ହିନ୍ଦୁ ମାନଙ୍କ ଉପରେ ହେଉଥିବା ଗଣ ହତ୍ୟା, ଧର୍ଷଣ, ସମ୍ପତ୍ତି ଲୁଣ୍ଠନ ବିରୁଦ୍ଧରେ ଆଜି ସୁବର୍ଣ୍ଣପୁର ଜିଲ୍ଲା ରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ସହର ରେ ଏକ ବିଶାଳ ଶୋଭାଯାତ୍ରା ଓ ବିକ୍ଷୋଭ୍ ପ୍ରଦର୍ଶନ କରଯାଇଛି । ଭାରତ ସରକାର ଙ୍କୁ ଚାପ ପକାଇବା ପାଇଁ ଆଜି ଭାରତ ସରକାର ଓ ରାଜ୍ୟପାଳ ଙ୍କ ଉଦ୍ଦେଶ୍ୟରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଙ୍କ ଜରିଆରେ ଏକ ଦାବୀ ପତ୍ର ପ୍ରଦାନ କରାଯାଇଛି । ବଙ୍ଗଳାଦେଶ ରେ ହିନ୍ଦୁ ଲୋକ ଙ୍କ ଉପରେ ହେଉଥିବା ଅତ୍ୟାଚାର କୁ ସମ୍ପୂର୍ଣ୍ଣ ଭାବେ ରୋକିବା ଉଦ୍ଦେଶ୍ୟରେ ଏହି ଜନ ଜାଗରଣ ମାଧ୍ୟମ ରେ ସାରା ଭାରତ ରେ ଆଜି ହିନ୍ଦୁ ମାନଙ୍କୁ ଏକ ହେବାକୁ ପଡ଼ିବ ବୋଲି ମତ ରଖି ଆନ୍ଦୋଳନ କାରୀ ଶୋଭାଯାତ୍ରାରେ ବାଂଲାଦେଶୀ ଗୋ ବେକ୍ ଗୋ ବେକ ନାରା ଦେଇ ଥିଲୋ ବାଂଲା ଦେଶ ରେ ହିନ୍ଦୁ ମାନଙ୍କୁ ସୁରକ୍ଷା ଦେବା ପାଇଁ ଭାରତ ର ଶହେ କୋଟି ହିନ୍ଦୁ ବଳିଦାନ ଦେବାକୁ ପ୍ରସ୍ତୁତ ଅଛନ୍ତି ବୋଲି ଆଜି ଆର୍ ଏସ ଏସ ର କର୍ମକର୍ତ୍ତା ପ୍ରକାଶ କରିଛନ୍ତି ଏବଂ ବିଗତ ୭୧ ମସିହାରୁ ବାଂଲାଦେଶୀ ଙ୍କୁ ଭାରତ ସରକାର ସବୁ ପ୍ରକାର ସହଯୋଗ ଯୋଗାଇ ଆସିଥିବା ବେଳେ ଆଜି କିନ୍ତୁ ବାଂଲାଦେଶ ଭାରତ କୁ ଧୋକା ଦେଇଥିବା କହିଛନ୍ତି ।

## ଆକାଶ ପାତାଳ ଫରକ ରହିଛି ଓଡିଶା-ଛତିଶଗଡର ଧାନ ବିକ୍ରି ବ୍ୟବସ୍ଥା



**ବରଗଡ଼,୭।୧୨(ସଂଚାର ବ୍ୟୁରୋ):** ଛତିଶଗଡ ର ଧାନ ବିକ୍ରି ବ୍ୟବସ୍ଥା ଅନୁଧ୍ୟାନ କରିବା ପାଇଁ ଆଜି ଜୟ କିସାନ ଆନ୍ଦୋଳନ ର ଏକ ପ୍ରତିନିଧି ମଣ୍ଡଳୀ ଛତିଶଗଡ ଓଡିଶା ସୀମାନ୍ତ ରେ ଥିବା ବିଭିନ୍ନ ମଣ୍ଡି ବୁଲିବାକୁ ଯାଇଥିଲେ। ବରିଷ୍ଠ ଚାଷୀ ନେତା ଶିବ ପ୍ରସାଦ ପ୍ରଧାନ, ଜୟ କିସାନ ଆନ୍ଦୋଳନ ର ଜିଲ୍ଲା ସଭାପତି ସୁଶୀଲ କୁମାର ସାହୁ, ସାଧାରଣ ସଂପାଦକ ହର ବଣିଆଁ, ଭେଡେନ ବ୍ଲକ ସଭାପତି ମହେଶ୍ୱର ପ୍ରଧାନ ଓଡିଶା ଛତିଶଗଡ ସୀମାନ୍ତବର୍ତ୍ତୀ ଚିବରାକୁଟା ଏବଂ ସାଗରପାଲି ମଣ୍ଡି ଯାଇ ସେଠିକାର ଚାଷୀ ଓ ସରକାରୀ ଅଧିକାରୀ ଙ୍କୁ ଭେଟି ଧାନ ବିକ୍ରି ବ୍ୟବସ୍ଥା ବିଷୟରେ ପଚାରି ବୁଝିଥିଲେ। ବରଗଡ଼ ଜିଲ୍ଲା ସୋହେଲା ଠାରୁ ମାତ୍ର କୋଡିଏ କିଲୋମିଟର ଦୂରରେ ଅବସ୍ଥିତ କ୍ରୟକେନ୍ଦ୍ର ଏବଂ ୟାଡମାନଙ୍କରେ କୌଣସି ଭିତ୍ତିଭୂମି ନଥାଇ ମଧ୍ୟ ଅତି ସୁରୁଖୁରୁ ରେ ଧାନ କିଣା ବିକା ଚାଲିଛି। ସେଠିକାର ଚାଷୀମାନଙ୍କୁ ସ୍ଥାନୀୟ ପ୍ରାଥମିକ ସେବା ସମବାୟ ସମିତି ଟୋକନ ଯାରି କରିଥାଆନ୍ତି। ଚାଷୀମାନେ ଟୋକନ ପାଇ ୟାଡ କୁ ନିଜ ସାଧନ ରେ ଧାନ ଆଣନ୍ତି। ସେହି ଧାନ କୁ ୟାଡ ଅଧିକାରୀ ଆଦ୍ରତା ପରିକ୍ଷା କରି ୧୭ % ପର୍ଯ୍ୟନ୍ତ ଥିଲେ ବିକ୍ରି ଯୋଗ୍ଯ ଘୋଷଣା କରନ୍ତି। ଅଧିକାରୀ ଙ୍କ ଘୋଷଣା ପରେ ଚାଷୀ କୁ ବସ୍ତା ଦିଆଯାଏ। ସେହି ବସ୍ତା ରେ ଧାନ ଭର୍ତ୍ତି କଲାପରେ ସରକାରଙ୍କ ତରଫରୁ ଓଜନ କରି ସଂପୃକ୍ତ ଚାଷୀକୁ ମାତ୍ର କିଛି ଘଣ୍ଟା ମଧ୍ୟରେ ରସିଦ ଦିଆଯାଇଥାଏ। ସେଠାରେ ଚାଷୀ ଗୋଟିଏ ଦିନରେ ଧାନ ବିକ୍ରିକରି ମନ ଖୁସି ରେ ଘରକୁ ଫେରିଥାଏ।

## ୫ବସ୍ତା ଗଞ୍ଜେଇ ସହ ସ୍କୁଟି ଜବତ, ଆସାମୀ ଫେରାର



**ତରଭା,୭।୧୨(ସଂଚାର ବ୍ୟୁରୋ):** ତରଭା ବ୍ଲକ ଅଞ୍ଚଳ ଦେଇ ପ୍ରତ୍ୟେକ ଦିନ ଗଞ୍ଜେଇ ଅନ୍ୟ ଜିଲ୍ଲା ଓ ରାଜ୍ଯ ମାନଙ୍କୁ ଚୋରାଚାଲାଣ ହୋଇ ଗଞ୍ଜେଇ ଚୋରା ଚାଲାଣର କରିଡର ପାଲଟିଛି । ଦଲାଲଙ୍କ ସହଯୋଗିତା ହେଉ ଅବା ନିଶା ମାଫିଆଙ୍କ ଚତୁରତା ନେଇ ଅନେକ ସମୟରେ ପୋଲିସ ଟେର ପାଇପାରୁ ନାହିଁ । ଅନ୍ୟ ପଟେ ତରଭା ପୋଲିସ ଗଞ୍ଜେଇ ଧରୁଛି କିନ୍ତୁ ଗଞ୍ଜେଇ ଚୋରା ଚାଲାଣ ଆସାମୀ ପୋଲିସ ଆଖିରେ ଧୂଳି ଦେଇ ଫେରାର ମାରୁଛି । ତରଭା ପୋଲିସ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁଯାୟୀ ଗତ ଗୁରୁବାର ୫ ତାରିଖି ଦିନ ତରଭା ଥାନା ସବ ଇନ୍ସପେକ୍ଟର ମାରୁତ ଚନ୍ଦ୍ର ପ୍ରଧାନଙ୍କ ସହିତ କମସରା ଫାଣ୍ଡି ଅଧିକାରୀ ଗଜାନନ ବେହେରା, କନେଷ୍ଟବଳ ନାରାୟଣ ଭୋଇ, ପ୍ରକାଶ ଧରୁଆ, ନାରାୟଣ ଭଞ୍ଜ ଓ ଶକ୍ତି ଭେଷରା ପ୍ରମୁଖ ସିଂଘାରୀ ଅଞ୍ଚଳରେ ପେଟ୍ରୋଲିଙ୍ଗ କରୁଥିବା ବେଳେ ସିଂଘାରୀ ହାଇସ୍କୁଲ ପାଖରେ ଗଞ୍ଜେଇ ଥିବା କୌଣସି ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲେ। ପୁଲିସ ଦଳ ଉକ୍ତ ସ୍ଥାନ କୁ ଯାଇ ଏକସ୍ଥାନ ରେ ଗଞ୍ଜେଇ ଥିବାର ଦେଖିବାକୁ ପାଇଥିଲେ। ପୁଲିସ ଦଳକୁ ଦେଖି ସେଠାରେ ଥିବା ଜଣେ ବ୍ୟକ୍ତି ଗଞ୍ଜେଇ ଓ ସ୍କୁଟି ଛାଡି ଫେରାର ହୋଇ ଯାଇ ଥିଲା। ପୁଲିସ ସେଠାରେ ପହଞ୍ଚି ୫ ଗୋଟି ଜରି ବ୍ୟାଗରେ ଥିବା ଗଞ୍ଜେଇ ଓ ଓଡି ୦୩ ଏସି ୩୮୦୮ ନମ୍ବର ବ୍ରାଉନ କଲରଏକ ସ୍କୁଟି କୁ ଜବତ କରି ଥାନାକୁ ଆଣିଥିଲେ। ଥାନା ରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅଧିକାରୀ ଙ୍କ ଉପସ୍ଥିତି ରେ ଉକ୍ତ ଗଞ୍ଜେଇ ଓଜନ କରା ଯିବରୁ ତାହା ୬୯ କେଜି ୬୦୦ ଗ୍ରାମ ହୋଇଥିଲା। ପୋଲିସ ଛାନଭିନ କରିବାରୁ ଉକ୍ତ ସ୍କୁଟି ଗୋଟିକ ଜୁନାନୀ ଗ୍ରାମର ଜିତୁ ସୁନା ର ବୋଲି ଜାଣିବାକୁ ପାଇଛି। ତଦନ୍ତ ପରେ ଜିତୁ ସୁନା ଅଭିଯୁକ୍ତ ବୋଲି ଜଣା ପଡିଲେ ତାକୁ ଗିରଫ କରାଯିବ ବୋଲି ଆଇଆଇସି ଅନିତା କିଡୋ ପ୍ରକାଶ କରିଥିବା ସହିତ ଗଞ୍ଜେଇ ଜବତ ତଥ୍ୟ ଲୁଚାଉଛି ପୋଲିସ: ପୋଲିସ ହାତରୁ ଗଞ୍ଜେଇ ମାଫିଆ ଫେରାର ଏସ୍. ଆଇ ଲମ୍ବୋଦର ଡାଙ୍ଗଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇ ଥିବାର ପ୍ରକାଶ କରିଛନ୍ତି। ଗଞ୍ଜେଇ ଜବତ ହେବା, ବିଭିନ୍ନ ମାମଲାରେ ଅଭିଯୁକ୍ତ, ଆସାମୀ ଗିରଫ ହେବା କିଛି ଦିନ ପରେ ଗଣମାଧ୍ୟମରେ ସୂଚନା ଦିଆ ଯାଉଛି । ବିଶେଷ କରି ଗଞ୍ଜେଇ ମାମଲା ବେଶୀ ବେଶୀ ହେଉଛି। ଯଦି ସୂଚନା ପାଇଁ ଯୋଗାଯୋଗ କଲେ ଜିଲ୍ଲାସ୍ତରରେ ପ୍ରେସ ଇସ୍ତାହାର ଦିଆ ଯାଉଛି । ଏନେଇ ବିଭିନ୍ନ ମହଲରେ ପୋଲିସ କାର୍ଯ୍ୟ ନେଇ ଅସନ୍ତୋଷ ପ୍ରକାଶ ପାଉଛି ।

## କାଶିଆ ମାଇନ୍ସ ପକ୍ଷରୁ ଖଣି ପରିବେଶ ଓ ଖଣିଜ ସଂରକ୍ଷଣ ସପ୍ତାହ ପାଳିତ

**ବଡ଼ବିଲ,୭।୧୨(ସଂଚାର ବ୍ୟୁରୋ):** ଇଣ୍ଡିଆନ ବ୍ୟୁରୋ ଅଫ୍ ମାଇନ୍ସ ନେତୃତ୍ୱରେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର କାଶିଆ ଆଇରନ ଓ ଡୋଲାମାଇଟ୍ ମାଇନ୍ସ ପକ୍ଷରୁ ୨୬ତମ ଖଣି ପରିବେଶ ଓ ଖଣିଜ ସଂରକ୍ଷଣ (ଏମଇଏମଏସ) ସପ୍ତାହ-୨୦୨୪-୨୦୨୫ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜେଏସଡବ୍ଲୁ ଷ୍ଟିଲର ଡିଜିଏମ ଶ୍ରୀ ବୋରା ବିଦ୍ୟାସାଗର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଓଏମସିର ସିନିୟର ମ୍ୟାନେଜର (ଜିଓଲୋଜିଷ୍ଟ) ଶ୍ରୀ ରାଧେଶ୍ୟାମ ସାହୁ ଓ ଶିବା ସିମେଣ୍ଟର ଡେପୁଟି ମ୍ୟାନେଜର(ମାଇନ୍ସ) ଶ୍ରୀ ଚିତ୍ତରଞ୍ଜନ ମହାପାତ୍ର ଯୋଗଦେଇଥିଲେ। କାଶିଆ ମାଇନ୍ସର ୟୁନିଟ ମୁଖ୍ୟ ଶ୍ରୀ ପ୍ରମୋଦ କୁମାର ପାତ୍ର, ଏଚଆର ଆଣ୍ଡ ଇଏସ ମୁଖ୍ୟ ଶ୍ରୀ ଆଶିଷ ରଞ୍ଜନ ମହାନ୍ତି ଓ କାଶିଆ ମାଇନ୍ସ ମ୍ୟାନେଜର ଶ୍ରୀ ରଞ୍ଜିତ ଚୌଧୁରୀ ପ୍ରମୁଖଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କାଶିଆ ମାଇନ୍ସ ଓ ସିଏସଆର ପକ୍ଷରୁ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମର ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏହାକୁ ଅତିଥିମାନେ ବହୁତ ପ୍ରଶଂସା କରିଥିଲେ। ସ୍ଲୋଗାନ ଲିଖନ ଏବଂ ପୋଷ୍ଟର ପ୍ରସ୍ତୁତି ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀମାନେ ନୃତ୍ୟ ଓ ସଂଗୀତ ପରିବେଷଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଜନପ୍ରତିନିଧି, କର୍ମଚାରୀ, ସେମାନଙ୍କ ପରିବାର ସଦସ୍ୟ, ସହଭାଗୀ ଏବଂ କର୍ମଚାରୀ ସାମିଲ ହୋଇଥିଲେ।




ରାସନ କାର୍ଡ ରହିତ ହୃଷିକେଶଙ୍କ ଜୀବନ ସଂଘର୍ଷ

## ଚିକିତ୍ସା ଓ ଖାଦ୍ୟ ସହାୟତାରୁ ବଞ୍ଚିତ ପରିବାର



**ରାୟଗଡା,୭।୧୨(ସଂଚାର ବ୍ୟୁରୋ):** ରାୟଗଡା ଜିଲ୍ଲାର କାଶୀପୁର ବ୍ଲକ ଅନ୍ତର୍ଗତ ଟିକିରି ଗ୍ରାମରେ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି । ଉକ୍ତ ଗ୍ରାମର ବାସିନ୍ଦା ହୃଷିକେଶ ସାହୁ ବୟସ ୪୦ ସେ ୧ ବର୍ଷ ଧରି ଯକୃତ ଜନିତ ରୋଗରେ ପୀଡିତ ଅଛନ୍ତି । ତାଙ୍କ ପରିବାରରେ ତାଙ୍କ ଚିକିତ୍ସା ଓ ଜୀବନ ଜୀବିକା ପାଇଁ ଅଭାବରେ ସଂଘର୍ଷ କରୁଛି । ହୃଷିକେଶ ସାହୁ କହିଛନ୍ତି ଯେ, ସରକାରୀ ସହାୟତା ପାଇଁ ବହୁ ପ୍ରତିଷ୍ଠାନ ଏବଂ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି, କିନ୍ତୁ କୌଣସି ସଫଳତା ମିଳିନାହିଁ । ସେ କିଛି ଗୋଷ୍ଠୀ ଓ ବଦାନ୍ୟ ବ୍ୟକ୍ତିଙ୍କ ସହାୟତାରେ ଆପଲୋ ମେଡିକାଲରେ ଚିକିତ୍ସା କରାଇପାରିଛନ୍ତି। ବର୍ତ୍ତମାନ ସେ ଡାଇଲୋସିସି ଚିକିତ୍ସା ଆଶ୍ରିତ ଅଛନ୍ତି ହୃଷିକେଶଙ୍କ ଘରେ ୫ ଜଣ ସଦସ୍ୟ ଅଛନ୍ତି - ସ୍ତ୍ରୀ, ୨ ଝିଅ, ୧ ପୁଅ, ଓ ନିଜେ । ଅର୍ଥ ର ଅଭାବ ହେତୁ ତାଙ୍କ ପୁଅ ଝିଅ ଙ୍କୁ ପାଠପଢାରେ ବାଧା ସାଜିଛି । ଅନ୍ୟ ପଟେ ଖାଉଟି ପରିଚୟ ପତ୍ର ରାସନ କାର୍ଡ ବାଦ ହୋଇଥିବାରୁ ସେ ଖାଦ୍ୟ ଆଧାରିତ ସରକାରୀ ସହାୟତାରୁ ବଞ୍ଚିତ । ଦୀର୍ଘ ୬ ବର୍ଷ ହେଉଛି ଯେ ସେ ଖାଉଟି ତାଲିକାରୁ ବାଦ ହୋଇଛନ୍ତି । ଏ ନେଇ ସରପଞ୍ଚ, ବ୍ଲକ ଅଧିକାରୀ, ଓ ଖାଦ୍ୟ ବିଭାଗକୁ ଲିଖିତ ଅଭିଯୋଗ ଦେବା ସତ୍ତ୍ୱେ, କୌଣସି ପଦକ୍ଷେପ ନିଆଯାଇନାହିଁ । ଏହି ପରିସ୍ଥିତିରେ, ହୃଷିକେଶ ସାହୁ ଙ୍କ ପାଇଁ ଚିକିତ୍ସା ଓ ତାଙ୍କ ପରିବାରର ଜୀବିକାରେ ସାହାଯ୍ୟ କରିବାକୁ ସରକାର ଓ ସାମାଜିକ ସଂଗଠନଗୁଡ଼ିକରୁ ଅନୁରୋଧ କରାଯାଉଛି ଓ ବିଭିନ୍ନ ସରକାରୀ କ୍ଷେତ୍ରରେ ଖାଉଟି ପରିଚୟ ପତ୍ର ରାସନ କାର୍ଡ ର ଆବଶ୍ୟକତା ହେଉଥିବା ବେଳେ ଉକ୍ତ କ୍ଷେତ୍ରରେ ରାସନ କାର୍ଡ ନ ଥିବା ହେତୁ କୌଣସି କାର୍ଯ୍ୟ ସମାପନ ହେଉନଥିବା ସେ ପ୍ରକାଶ କରିଛନ୍ତି ।

### ଦାଦନ ଖଟିବାକୁ ଯିବେ ବାପାମା'

## ୨ମାସର ଶିଶୁକନ୍ୟାକୁ ସରକାରଙ୍କୁ ଦେଲେ




**ବିଲାଙ୍ଗୀର,୭।୧୨(ସଂଚାର ବ୍ୟୁରୋ):** ଗରିବି ଆଗରେ ମରିଗଲା ମା'ର ମମତା। ଯେଉଁ ଛୁଆକୁ ୧୦ ମାସ ଗର୍ଭରେ ରଖି ଜନ୍ମ ଦେଇଥିଲା, ସେହି ଛୁଆକୁ ଭଲରେ ମୁଠେ ଖାଇବାକୁ ନ ଦେଇପାରିବନି ବୋଲି ସରକାରଙ୍କୁ ଦେଇଦେଲା। ନିଜର ୨ମାସର ଛୁଆକୁ ସରକାରଙ୍କୁ ଟେକି ଦେଇ ପେଟପାଟଣା ପାଇଁ ଦାଦନ ଖଟିବାକୁ ଯିବେ ବାପାମା'। ଏପରି ଘଟଣା ଦେଖିବାକୁ ମିଳିଛି ବିଲାଙ୍ଗିର ଜିଲ୍ଲାରେ। ଗତକାଲି ସଂଧ୍ୟାରେ ଦମ୍ପତି ବଲାଙ୍ଗିର ଶିଶୁମଙ୍ଗଳ ସମିତିରେ ଶିଶୁକନ୍ୟାକୁ ସମର୍ପି ଦେଇଛନ୍ତି। କିଛି ଦିନ ତଳେ ସାନଗୁରଜୀଭଟା ଗାଁର ଦମ୍ପତି ନିଜର ଶିଶୁକନ୍ୟାକୁ ବିକ୍ରି କରିଦେଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣା ଚର୍ଚ୍ଚାକୁ ଆସିବା ପରେ ଉପମୁଖ୍ୟମନ୍ତ୍ରୀ କେଭି ସିଂଦେଓ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରେ ଜିଲ୍ଲା ପ୍ରଶାସନ ଶିଶୁକନ୍ୟାକୁ ରାୟପୁରର ଘରୋଇ ହସପିଟାଲରୁ ଉଦ୍ଧାର କରିଥିଲା। ଏହି ଘଟଣାରେ ଶିଶୁ କନ୍ୟାର ବାପାକୁ ଅଟକ ରଖିବା ସହ ୩ ଜଣଙ୍କୁ ଗିରଫ କରିଥିଲା ପୁଲିସ। ପରେ ଜିଲ୍ଲା ପ୍ରଶାସନ ଶିଶୁକନ୍ୟାକୁ ନିଜ ମା'କୁ ହସ୍ତାନ୍ତର କରିଥିଲା। ଏହା ସହ ଶିଶୁକନ୍ୟାର ବାପାକୁ ପୁଲିସ ଛାଡ଼ି ଦେଇଥିଲା। ଏବେ ଏହି ଦମ୍ପତି ନିଜର ପେଟ ପାଟଣା ପାଇଁ ଦାଦନ ଖଟିବା ପାଇଁ ବାହାର ରାଜ୍ୟକୁ ଯିବାକୁ ବାହାରିଛନ୍ତି। ଏଥିପାଇଁ ନିଜର ଶିଶୁକନ୍ୟାକୁ ସରକାରଙ୍କୁ ଟେକି ଦେଇଛନ୍ତି। ଶିଶୁ କନ୍ୟାର ମାଆ କହିଛନ୍ତି, ଆମ ଝିଅକୁ ସରକାରଙ୍କୁ ଦେଇଦେଲୁ। ଝିଅକୁ ଦେଇ ଦାଦନ ଖଟିବାକୁ ଆନ୍ଧ୍ର ଯିବୁ। ଆମେ ଆମ ଛୁଆକୁ ବିକ୍ରି କରି ନଥିଲୁ। ଆମ ଛୁଆ ଭଲରେ ରହିବ ବୋଲି ଅନ୍ୟକୁ ଦେଇଦେଇଥିଲୁ। ଆମେ ଗରୀବ ଲୋକ। ୬ମାସ ଦାଦନ ଖଟିବାକୁ ବାହାରକୁ ଯାଉ, ଆଉ ୬ମାସ ଘରେ ରହିଥାଉ।

## ଶୀତ ଦିନେ ଜଳ ଯନ୍ତ୍ରଣା



**କୋରାପୁଟ,୭।୧୨(ସଂଚାର ବ୍ୟୁରୋ):** ପ୍ରତି ଗାଁକୁ ପିଇବାପାଣି ଯୋଗାଇବାକୁ ପାନୀୟ ଜଳ ପକଳ୍ପ କରାଗଲା । ହେଲେ ଏବେ ବି ପାଣି ମୁନ୍ଦାଏ ପାଉନାହାନ୍ତି ଲୋକମାନେ। କୋରାପୁଟ ଜିଲ୍ଲାର ଚଉଦ ଗୋଟି ବ୍ଲକ ରେ ଏହିଭଳି ସମସ୍ୟା ଉପୁଜିଛି । ପାନୀୟ ଜଳ ପକଳ୍ପ ହେବାର କିଛି ମାସ ଠିକ ଠାକ ଚାଲିଲା । ହେଲେ ତାପରେ ପାନୀୟ ଜଳ ପକଳ୍ପରୁ ପାଣି ଆସିବା ବନ୍ଦ ହୋଇଯାଇଛି । କେଉଁଠି ପାଇପ ଫାଟିଛି ତ ଆଉ କେଉଁଠି ଟାଙ୍କିକୁ ପାଣି ଉଠୁନି । ପାନୀୟ ଜଳ ପ୍ରକଳ୍ପ କରି ଠିକାଦାର ଚାଲିଯାଥିବା ବେଳେ ଏବେ ପାଣି ଟୋପେ ପାଇଁ ଗାଁର ଲୋକମାନେ ବହୁ ଅସୁବିଧା ଭୋଗୁଛନ୍ତି । ପାଣି ଟୋପାଏ ପାଇବାକୁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି । କିଛି ଜାଗାରେ ଷ୍ଟାଣ୍ଡ ପୋଷ୍ଟ କୁ ଧୀରେ ଧୀରେ ପାଣି ଆସୁଛି । ରାତି ପାହିଲେ ପାଣି ମୁନ୍ଦାଏ ପାଇଁ ଗାଁର ଛୋଟରୁ ବଡ ସମସ୍ତେ ଅପେକ୍ଷା କରି ରହୁଛନ୍ତି । ଅନେକ ଷ୍ଟାଣ୍ଡ ପୋଷ୍ଟ ଭାଙ୍ଗି ଗଲାଣି ଆଉ କିଛି ଜାଗାରେ ଟ୍ୟାପର ଦେଖାନାହିଁ । ଠିକାଦାର ଓ ବିଭାଗୀୟ ଅଧିକାରୀ ମାନଙ୍କ ଅବହେଳା ଯୋଗୁ କଷ୍ଟ ଭୋଗୁଛନ୍ତି ଗ୍ରାମବାସୀ । ବାରମ୍ବାର ଅଭିଯୋଗ ପରେ ବିଭାଗୀୟ ଅଧିକାରୀ ମାନେ ଆସି ଟିକେ କାମ କରି ଚାଲି ଯାଉଛନ୍ତି । ହେଲେ ଅବସ୍ଥା ପୂର୍ବବତ୍ ରହିଛି। ଶୀତ ଦିନରେ ବି ପିଇବା ପାଣି ସମସ୍ୟା। ଜଳ ପ୍ରକଳ୍ପ ଅଚଳ ଯୋଗୁ ଗାଁର ଲୋକମାନେ ବହୁ ସମସ୍ୟା ଭୋଗୁଛନ୍ତି । ଏଥିପ୍ରତି ଗୁରୁତ୍ୱ ଦିଆଯାଇ ଖୁବଶୀଘ୍ର ସମାଧାନ କରାଯାଇପାରିଲେ ୧୪ ଟିବ୍ଲକର ଲୋକମାନେ ଉପକୃତ ହୋଇପାରିବେ ।

## ଆନୁଷଙ୍ଗିକ ସୁବିଧା ଅଭାବରୁ ମୁହଁ ଫେରାଉଛନ୍ତି ପର୍ଯ୍ୟଟକ

**କଳାହାଣ୍ଡି,୭।୧୨(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲାର ଅନ୍ୟତମ ପର୍ଯ୍ୟଟନସ୍ଥଳୀ ଭାବେ ପରିଚିତ ଫୁର୍ଲିଝରଣ ଜଳପ୍ରପାତ। ଏଠାକୁ ବର୍ଷତମାମ ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳିଥାଏ। ବିଶେଷ କରି ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଓ ନୂତନ ବର୍ଷରେ ଭୋଜି ପାଇଁ ଲୋକଙ୍କ ପ୍ରଥମ ପସନ୍ଦ ପାଲଟିଥାଏ ଏହି ଜଳପ୍ରପାତ। ହେଲେ ଆନୁଷଙ୍ଗିକ ସୁବିଧା ନ ଥିବାରୁ ପର୍ଯ୍ୟଟକ ବର୍ତ୍ତମାନ ମୁହଁ ଫେରାଇବାକୁ ବସିଲେଣି। କର୍ଲାପାଟ ଅଭୟାରଣ୍ୟ ମଧ୍ୟରେ ରହିଛି ଫୁର୍ଲିଝରଣ ଜଳପ୍ରପାତ। ଭବାନୀପାଟଣା ମୁଖ୍ୟାଳୟରୁ ମାତ୍ର ୧୨ କି.ମି. ଦୂରରେ ଥିବା ଏହି ଜଳପ୍ରପାତରେ ୪୯ ଫୁଟ୍ ଉପରୁ- ପଡୁଥିବା ଜଳଧାରା ଲୋକଙ୍କୁ ଆକର୍ଷିତ କରିଥାଏ। ସନ୍ଧ୍ୟାରେ ଝରଣାରେ ସୂର୍ଯ୍ୟକିରଣ ପଡି ସୃଷ୍ଟି ହେଉଥିବା ଇନ୍ଦ୍ରଧନୁ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥାଏ। ପ୍ରତିବର୍ଷ ଏହାର ସୌନ୍ଦର୍ଯ୍ୟକରଣ ପାଇଁ ସରକାରଙ୍କ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥାଏ। ଏଠାରେ ଜଳପ୍ରପାତ ସାଙ୍ଗକୁ ଚିତ୍ତାକର୍ଷକ ଗେଟ୍, ଛୋଟ ଶିଶୁଙ୍କ ପାଇଁ ବିଭିନ୍ନ ଖେଳଣା ସାମଗ୍ରୀ ସହ ଶିଶୁ ଉଦ୍ୟାନ, ବିଭିନ୍ନ ବନ୍ୟଜନ୍ତୁଙ୍କ ସିମେଣ୍ଟ ମୂର୍ତ୍ତି, ବାଉଁଶ ଘର, ରେଷ୍ଟୁରାଣ୍ଟ, ପିଇବା ପାଇଁ ସ୍ୱଚ୍ଛ ଜଳ ବ୍ୟବସ୍ଥା, ମହିଳା ଓ ପୁରୁଷଙ୍କ ପାଇଁ ଶୌଚାଳୟ, ସେଲ୍ଫି ପଏଣ୍ଟ, ୱାଚାୱାର, ବିଶ୍ରାମ ନେବା ପାଇଁ ରେଷ୍ଟସେଡ୍ ଭଳି ବ୍ୟବସ୍ଥା ରହିଛି। ଏସବୁ ସୁବିଧା ଯୋଗୁ ଲୋକେ ଏଠାକୁ ଆସିବା ପାଇଁ ପସନ୍ଦ କରନ୍ତି। ପ୍ରବେଶ ପାଇଁ ଟିକେଟ ବ୍ୟବସ୍ଥା ରହିଥିବାରୁ ବନ ବିଭାଗକୁ ବେଶ ଲାଭ ମଧ୍ୟ ହୋଇଥାଏ। ଜଳପ୍ରପାତର ସୌନ୍ଦର୍ଯ୍ୟକରଣରେ ପ୍ରତିବର୍ଷ ଅର୍ଥ ବ୍ୟୟ ହେଉଥିବା ବେଳେ କିଛି ମୌଳିକ ଅସୁବିଧା ପାଇଁ ପର୍ଯ୍ୟଟକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫୁର୍ଲିଝରଣ ଜଳପ୍ରପାତ ଅଭୟାରଣ୍ୟ ମଧ୍ୟରେ ଥିବାବେଳେ ସେଠି କୌଣସି ନେଟୱାର୍କ ସୁବିଧା ନାହିଁ। ଫଳରେ କୌଣସି ଅଘଟଣ ଘଟିଲେ ପୋଲିସ କିମ୍ବା ଆମ୍ବୁଲାନ୍ସ ଡାକିବା ଲୋକଙ୍କ ପାଇଁ କଷ୍ଟକର ହୋଇପଡେ। ମହିଳାମାନଙ୍କ ପାଇଁ ଥିବା ଶୌଚାଳୟ ଅନେକ ସମୟରେ ତାଲା ପଡି ରହିଥିବାରୁ ମହିଳାମାନେ ଅସୁବିଧାର ସାମ୍ନା କରିଥାନ୍ତି। ରେଷ୍ଟୁରାଣ୍ଟ ମଧ୍ୟ ପ୍ରାୟ ସମୟରେ ବନ୍ଦ ରହୁଥିବାରୁ ସେଠାରେ କୌଣସି ଖାଇବା ଜିନିଷ ମିଳେ ନାହିଁ। ବାହାରୁ ଖାଦ୍ୟ ନେଇ ଯିବା ପାଇଁ ମନା କରାଯାଉଥିବା ବେଳେ ଜଳପ୍ରପାତ ଜଙ୍ଗଲ ଭିତରେ ଥିବାରୁ ଆଖପାଖରେ କୌଣସି ଜିନିଷ ମିଳିବା ସମ୍ଭାବନା ମଧ୍ୟ ନ ଥାଏ । ଏଥିପାଇଁ ଲୋକେ ଭୋକଉପାସରେ ଫେରି ଆସୁଥିବା ଦେଖାଯାଏ।



## ବସ୍-ବାଇକ୍ ମୁହାଁମୁହିଁ ଧକ୍କା: ୩ ମୃତ

### ପରିବାର ପାଇଁ ସହାୟତା ଦେଲେ ମୁଖ୍ୟମନ୍ତ୍ରୀ




**ମାଲକାନଗିରି,୭।୧୨(ସଂଚାର ବ୍ୟୁରୋ):** ବସ୍ ଓ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୩ ଜଣଙ୍କର ମୃତ୍ୟୁ ଘଟିଛି। ମାଲକାନଗିରି ଜିଲ୍ଲା ଏମଭି ୭ ଗାଁ ନିକଟରେ ୩୨୬ ନମ୍ବର ଜାତୀୟ ରାଜପଥରେ ଆଜି ସନ୍ଧ୍ୟାରେ ଘଟିଛି ଏହି ଦୁର୍ଘଟଣା। ବସଟି ମାଲକାନଗିରିରୁ କାଲିମେଳା ଯାଉଥିବା ବେଳେ ବାଇକ୍‌ଟି ବିପରୀତ ଦିଗରୁ ଆସୁଥିଲା। ବାଇକରେ ବସିଥିବା ତିନି ଜଣଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଶୋକ ପ୍ରକାଶ କରିବା ସହ ମୃତ ବ୍ୟକ୍ତିଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ୨ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି।